

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୯ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 JUNE 2022
Vol.No. 35 ■ No. 158 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

# ଜଳୁଛି 'ଅଗ୍ନିପଥ' ନିଆଁ : ସାରାଦେଶରେ ପ୍ରତିବାଦ, ବିକ୍ଷୋଭ



ନୂଆଦିଲ୍ଲୀ, ୧୮/୦୬ : ଅଗ୍ନିପଥ ଯୋଜନାକୁ ବିରୋଧ କରି ସାରା ଦେଶର ଜଳୁଛି ପ୍ରତିବାଦର ନିଆଁ । ଗୋଟିଏ ପରେ ଗୋଟିଏ ରାଜ୍ୟକୁ ଡେଉଁଛି ଆନ୍ଦୋଳନ । ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନା ଆଦି ପ୍ରାୟ ୧୪ଟି ରାଜ୍ୟରେ ହିଂସାତ୍ମକ ରୂପ ନେଇଛି ଆନ୍ଦୋଳନ । ବିଶେଷ କରି ବିହାରରେ ଏହାର ଉଗ୍ର ରୂପ ଦେଖିବାକୁ ମିଳିଛି । କେଉଁଠି ଟ୍ରେନ ଓ କେଉଁଠି ବସ୍ରେ ନିଆଁ ଲଗାଇ ଦେଇଛନ୍ତି ପ୍ରତିବାଦକାରୀ । ରେଲୱେ ଷ୍ଟେସନରେ ମଧ ଭଙ୍ଗାରୁଜା କରିଛନ୍ତି ଉତ୍ୟକ୍ତ ଛାତ୍ର । ବିହାରର ୧୨ଟି ଜିଲ୍ଲାରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ୍ ବନ୍ଦ କରାଯାଇଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନ ବିହାର ବନ୍ଦ ଡାକରା ଦେଇଛନ୍ତି । ହରିଆଣା, ରାଜସ୍ଥାନରେ ବି ପ୍ରଦର୍ଶନକାରୀ ବସ୍ ଓ ଅନ୍ୟ ଗାଡିମଟର ଭଙ୍ଗାରୁଜା କରିବା ସହ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି । ସମାନ ସ୍ଥିତି ଉତ୍ତରପ୍ରଦେଶରେ ବି ଦେଖିବାକୁ ମିଳିଛି । କେଉଠି ପ୍ରଦର୍ଶନକାରୀ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି । ପୁଣି କେଉଁଠି ପୋଲିସ ଉପରକୁ ପଥର ମାଡ କରିଛନ୍ତି ପ୍ରଦର୍ଶନକାରୀ । ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଜମ୍ମୁ ଏବଂ ଦିଲ୍ଲୀରେ ମଧ ଦେଖିବାକୁ ମିଳିଛି ଜୋରଦାର ଆନ୍ଦୋଳନ । ଅଗ୍ନିବୀର ଯୋଜନାକୁ ପ୍ରତ୍ୟାହାର କରିବା ଦାବିରେ ଅଟଳ ରହିଛନ୍ତି ଆନ୍ଦୋଳନକାରୀ । ବିଭିନ୍ନ ରାଜନୈତିକ ଦଳ ମଧ କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ବିରୋଧ କରିଛନ୍ତି । ଅଗ୍ନିପଥ ଯୋଜନାକୁ ବିରୋଧ ହିଂସାତ୍ମକ ରୂପ ନେବାପରେ ବଢିଯାଇଛି କେନ୍ଦ୍ର ସରକାରଙ୍କ ଚିନ୍ତା । ଯୁବବର୍ଗଙ୍କୁ ଶାନ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟ୍ କରି ୨୦୨୨ ପାଇଁ ଅଗ୍ନିବୀରଙ୍କ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ବୃଦ୍ଧି ପରିଛନ୍ତି ।

## ୧୦ପ୍ରତିଶତ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୮/୦୬ : ଅଗ୍ନିପଥ ଯୋଜନାକୁ ନେଇ ସାରା ଦେଶରେ ପ୍ରବଳ ବିରୋଧ ଭିତରେ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି କେନ୍ଦ୍ର ସରକାର । ଅଗ୍ନିବୀରଙ୍କୁ ନେଇ ବଡ ଘୋଷଣା କରିଛନ୍ତି । ଅଗ୍ନିପଥ ଯୋଜନାରେ ଚାକିରି ପାଇଥିବା ଅଗ୍ନିବୀରଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟରେ ୧୦ପ୍ରତିଶତ ସଂରକ୍ଷଣ ଦେବାକୁ ନିଷ୍ପତି ହୋଇଛନ୍ତି । ପୂର୍ବତନ ସେନା କର୍ମଚାରୀଙ୍କ ପାଇଁ ଥିବା ସଂରକ୍ଷଣ ସହ ମିଳିବ ଅତିରିକ୍ତ ୧୦ପ୍ରତିଶତ ସଂରକ୍ଷଣ । ପ୍ରତିରକ୍ଷା ବିଭାଗର ୧୬ଟି ପିଏସୟୁରେ ନିଯୁକ୍ତି ବେଳେ ମିଳିବ ସଂରକ୍ଷଣ । ଭାରତୀୟ ତଟରକ୍ଷା ବାହିନୀ ଓ ପ୍ରତିରକ୍ଷା ବିଭାଗରେ ପ୍ରଶାସନିକ ନିଯୁକ୍ତିରେ ମିଳିବ ଏହି ସଂରକ୍ଷଣ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମୀକ୍ଷା ପରେ ଏହି ଘୋଷଣା କରାଯାଇଛି । ପ୍ରତିରକ୍ଷା ମନ୍ତ୍ରାଳୟରେ ନିଯୁକ୍ତି ବେଳେ ଅଗ୍ନିବୀରଙ୍କୁ ୧୦ପ୍ରତିଶତ ସଂରକ୍ଷଣ ଦିଆଯିବ । ତେବେ ଆସନ୍ତୁ ଜାଣିବା କେଉଁ କେଉଁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ଓ ସବୁଠାରୁ ବଡ ନିଷ୍ପତି ହେଲା- ଅଗ୍ନିବୀରଙ୍କ ପାଇଁ ସର୍ବାଧିକ ବୟସ ସୀମାକୁ ୫ବର୍ଷ ବଢାଇ ଦିଆଯାଇଛି । ବିବାଦ ପରେ ପ୍ରଥମ ବର୍ଷ ଲାଗି ଏହି ବୟସ ସୀମାକୁ ୨ ବର୍ଷ ବୃଦ୍ଧି କରାଯାଇଥିଲା । ଏବେ ୫ ବର୍ଷ ବୃଦ୍ଧି କରାଯାଇଥିବା ଟ୍ୱିଟ କରି ସୂଚନା ଦେଇଛନ୍ତି ଅମିତ ଶାହା । ସେହିପରି ଅଗ୍ନିବୀରଙ୍କ ପାଇଁ ଅର୍ଦ୍ଧ ସାମରିକ ବଳରେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ । ଅର୍ଥାତ ଅଗ୍ନିବୀର ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଜଳେଶ୍ୱରର କୋଟିପତି ବିଡିଓ



ଜଳେଶ୍ୱର, ୧୮/୬(ନି.ପ୍ର): ୫ମାସ ପୂର୍ବରୁ ଜଳେଶ୍ୱର ବ୍ଲକରୁ ବିଡିଓ ଭାବେ ବଦଳି ହୋଇ ଆସିଥିବା ଅଶ୍ୱିନୀ କୁମାର ଦାସ ଆଜି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣାଯାଇଛି । ୫ଜଣ ଡିଏସ୍‌ପି ଓ ୯ଜଣ ଇନିସ୍‌ପେକ୍ଟରଙ୍କ ନେତୃତ୍ୱରେ ଏକକାଳୀନ ୬ଟି ସ୍ଥାନରେ ଚଢାଉ ହୋଇଥିବା ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି, କୋଠା, ଦାମୀ ଗାଡି, ଅଳଙ୍କାର ଇତ୍ୟାଦି ଜବତ୍ କରାଯାଇଛି । ନିକଟରେ ତାଙ୍କୁ ଜଟଣୀ ତହସିଲଦାରଭାବେ ମଧ୍ୟ ବଦଳି ହୋଇଛି । ଆଜି ଭୋର ୪ଟାରେ କଟକ ଡିଭିଜନ୍ ଭିଜିଲାନ୍ସ ବିଭାଗର ଅନୁଗୁଳ ସ୍ଥିତ ଡିଏସ୍‌ପି ସମ୍ଭୁନାଥ ବାରିକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଜଳେଶ୍ୱର ବିଡିଓଙ୍କ ସରକାରୀ ବାସଭବନ ଉପରେ ଚଢାଉ କରିଥିଲେ । ଦୀର୍ଘ ୮ ଘଣ୍ଟା ଧରି ସେମାନେ ସରକାରୀ ବାସଭବନ ଓ ପରେ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସେମାନଙ୍କ ତଦନ୍ତ କାର୍ଯ୍ୟ କରିଥିଲେ । ଏହି ତଦନ୍ତ ବେଳେ ସେଠାରୁ ବହୁ ଦରକାରୀ କାଗଜପତ୍ର, ଦାମୀ ଗାଡି ଓ ଅଳଙ୍କାର ଇତ୍ୟାଦି ଜବତ୍ ହୋଇଥିବା ସଂପର୍କରେ ଭିଜିଲାନ୍ସ ଡିଏସ୍‌ପି ସୂଚନା ଦେଇଛନ୍ତି । ଜଳେଶ୍ୱରକୁ ସେ ମାତ୍ର ୫ମାସ ପୂର୍ବରୁ କେନ୍ଦ୍ରାପଡାରୁ ବଦଳି ହୋଇ ଆସିଥିଲେ । ଜଳେଶ୍ୱର ବ୍ୟତିତ ତାଙ୍କ ନିଜର ବାସଗୃହ କଟକଜିଲାର ବୟାଳିସି ମୌଜା ବ୍ଲକ ଅନ୍ତର୍ଗତ ଝିଙ୍କିରିଆ ଠାରେ ଥିବା ୨ମହଲା ବିଶିଷ୍ଟ ପକ୍କାଗୃହ ଏବଂ କଳାପଦା ଗାଁର ୩ ମହଲା ବିଶିଷ୍ଟ ପକ୍କାଗୃହ, ତାଙ୍କ ସ୍ତ୍ରୀ ଜ୍ୟୋର୍ତିମୟୀ ସାହୁ କଟକର ଖପୁରିଆସ୍ଥିତ ସରକାରୀ ପ୍ରେସ୍ ନିକଟ ଗୃହ ଏବଂ କେନ୍ଦ୍ରାପଡା ଜିଲାର ଆଳିର ଭୁଇନ୍‌ପୁରଠାରେ ଥିବା ଜଣେ ସମ୍ପର୍କୀୟଙ୍କ ଘର ଉପରେ ଚଢାଉ ହୋଇଥିଲା । ଏଥିରେ ମୋଟ ୨୪ଟି ପ୍ଲଟ, କଟକ ସହରରେ ଅଢେଇକୋଟି ଟଙ୍କାର ୨ଟି ପକ୍କାଗୃହ, ୪୧ଲକ୍ଷ ଟଙ୍କାର ୪ଟି ଗାଡି, ୩ଟି ୨ଚକିଆ ଯାନ ଓ ମୂଲ୍ୟାବାନ ଅଳଙ୍କାର ସହିତ ସୁନା ମୁକୁଟ ଜବତ୍ ହୋଇଥିବା କୁହାଯାଇଛି ।

## ରୋମ୍ ଓ ଦୁବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ୨୦ତାରିଖରୁ ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତର ବିସ୍ତୃତ ସୂଚୀ ଆସିଛି । ଏକାଧିକ ଅଫିସରଙ୍କୁ ସାଙ୍ଗରେ ନେଇ ରୋମ ଓ ଦୁବାଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ । ଭାଟିକାନରେ ପୋପ୍ ଫ୍ରାନସିସ୍ କୁ ଭେଟିବା ନେଇ ରହିଛି କାର୍ଯ୍ୟକ୍ରମ । ରୋମ୍ ରେ ହେବାକୁ ଥିବା ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ସଫଳତା କାହାଣୀ ସଂପର୍କରେ ଅଭିଭାଷଣ ରଖିବେ । ଏହାସହ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ନେଇ ଓଡ଼ିଶାର ସଂଘର୍ଷ ଓ ସଫଳତା ବିଷୟରେ ବିଶ୍ୱାସୀଙ୍କ ଆଗରେ ନିଜ ପକ୍ଷ ରଖିବେ । ଏହାପରେ ଦୁବାଇ ଗସ୍ତରେ ଯାଇ ନିବେଶକଙ୍କ ସହ ମଧ କରିବେ ଆଲୋଚନା । ଆଜି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେଠାରୁ ମୁଖ୍ୟମନ୍ତ୍ରୀ ୨୦ ତାରିଖ ଅପରାହ୍ଣରେ ଇଟାଲୀର ରୋମ୍ ଅଭିମୁଖେ ଯିବେ ।

## ଆରଏସଏସ ମାନହାନୀ ମକଦ୍ଦମା : କୋର୍ଟରେ ହାଜର ହେବେ ନାହିଁ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୧୮/୦୬ : ଆରଏସଏସ ଦ୍ୱାରା ହୋଇଥିବା ମାନହାନୀ ମକଦ୍ଦମାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି । ଠାଣେର ଏକ କୋର୍ଟରେ ହୋଇଥିବା ମାମଲାରେ ଶନିବାର କୋର୍ଟରେ ହାଜର ହେବା ଉପରେ କୋର୍ଟ ରାହୁଲଙ୍କୁ ଆଶ୍ୱସ୍ତି ଦେଇଛନ୍ତି । ଏହି ମାମଲାର ଶୁଣାଣି ଅଗଷ୍ଟ ୬ ଯାଏ ସ୍ଥଗିତ ରହିଛି । ସେପଟେ ମାମଲାରେ ଆରଏସଏସ କାର୍ଯ୍ୟକର୍ତ୍ତା ରାଜେଶ କୁନ୍ତ ରାହୁଲଙ୍କର କୋର୍ଟରେ ଆବେଦନ ନହେବା ନେଇ ଦାଖଲ ହୋଇଥିବା ପିଟିସନକୁ ବିରୋଧ କରିଥିଲେ । ଏହି ପିଟିସନରେ ରାହୁଲ ସ୍ଥାୟୀ ଭାବେ ହାଜର ନହେବା ନେଇ ଆବେଦନ କରିଥିଲେ । ରାହୁଲ ଗାନ୍ଧୀଙ୍କର ଓକିଲ ନାରାୟଣ ଆୟାର କହିଛନ୍ତି, ଭିବଣ୍ଡି କୋର୍ଟରେ ପେସ ନହେବା ନେଇ ଆଶ୍ୱସ୍ତି ଦେଇଛନ୍ତି । ଆବେଦନରେ ରାହୁଲ କହିଥିଲେ, ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କର ▶▶ପୃଷ୍ଠା ୭

## ସତେନ୍ଦ୍ର ଜୈନଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୮/୦୬ : ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନଙ୍କ ଜାମିନ ଆବେଦନ ଖାରଜ ହୋଇଛି । ଦିଲ୍ଲୀର ସିବିଆଇ କୋର୍ଟର ସ୍ୱତନ୍ତ ଅଦାଲତ ମନି ଲଣ୍ଡ୍ରିଂ ମାମଲାରେ ଇଡି ଦ୍ୱାରା ଗିରଫ ସତେନ୍ଦ୍ର ଜୈନଙ୍କ ମାମଲାର ଶୁଣାଣି କରିଥିଲେ । ମାମଲାର ଶୁଣାଣି ପରେ ସ୍ୱତନ୍ତ ଜଜ ଜଷ୍ଟିସ ଗୀତାଞ୍ଜଳି ଗୋୟଲ ଜୈନଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି । ସେ କହିଛନ୍ତି, ଜାମିନ ପ୍ରଦାନ ପାଇଁ ଏହା ସଠିକ ସମୟ ନୁହେଁ ତେଣୁ ଏହାକୁ ଖାରଜ କରାଯାଉଛି । ଅଦାଲତ ଜୈନ ଏବଂ ଇଡିର ଦଲିଲ ଶୁଣିବା ପରେ ରାୟ ଜୁନ ୧୪ ତାରିଖ ଯାଏ ସଂରକ୍ଷିତ ରଖିଥିଲେ । ଇଡି ଜୈନଙ୍କ ମନି ଲଣ୍ଡ୍ରିଂ ମାମଲାରେ ମେ ୩୦ ତାରିଖରେ ଗିରଫ କରିଥିଲା । ତାଙ୍କୁ ମନି ଲଣ୍ଡ୍ରିଂ ନିବାରଣ ଅଧନିୟମ (ପିଏମଏଲଏ)ର ଅପରାଧ ଧାରାରେ ନିଜ ହେପାଜତକୁ ନେଇଥିଲା । ବର୍ତ୍ତମାନ ନ୍ୟାୟିକ ହେପାଜତରେ ରହିଛନ୍ତି ସତ୍ୟେନ୍ଦ୍ର ଜୈନ । ସେ ଗିରଫ ହେବା ପରେ ତାଙ୍କ ଦାୟିତ୍ୱ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଶ ସିସୋଦିଆ ତୁଲାଉଛନ୍ତି ।

## ଟିର୍ତ୍ତୋଲ ବିଧାୟକଙ୍କ ନାଁରେ ଏତଲା ଦେଲେ ପ୍ରେମିକା




ଭୁବନେଶ୍ୱର, ୧୮/୦୬ (ନି.ପ୍ର): ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଓ ପ୍ରେମିକା ସୋମାଲିକା ଦାଶଙ୍କ ମଧ୍ୟରେ ବିବାଦ ବଢ଼ି ବଢ଼ି ଚାଲିଛି । ବିଧାୟକଙ୍କ ବିରୋଧରେ ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି ସୋମାଲିକା । ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବିଜୟଶଙ୍କର ବିବାହର ପ୍ରତିଶ୍ରୁତି ରଖିନାହାନ୍ତି ଓ ତାଙ୍କୁ ଧମକଚମକ ଦିଆଯାଉଛି । ଏହେଉଛି ସେହି ଅନଲାଇନ ଏଫଆଇଆର କପି । ଶୁକ୍ରବାର ବିବାହ ପାଇଁ ସୋମାଲିକା ଓ ତାଙ୍କ ପରିବାରବର୍ଗ ଜଗତସିଂହପୁର ସବ୍-ରେଜିଷ୍ଟ୍ରାର ଅଫିସରେ ପହଞ୍ଚିଥିଲେ । ବିବାହ ଆବେଦନର ମାସେ ପରେ ସବ୍-ରେଜିଷ୍ଟ୍ରାର ଅଫିସରେ ହାଜର ହୋଇଥିଲେ ସୋମାଲିକା । ହେଲେ ବିଧାୟକ ବିଜୟ ଶଙ୍କର ସେଠାରେ ପହଞ୍ଚିନଥିଲେ । ଫଳରେ ୪ ଘଣ୍ଟା ଧରି ଅପେକ୍ଷା କରିବା ପରେ ଫେରିଯାଇଥିଲେ ସୋମାଲିକା । ସୋମାଲିକା ଗତ ମାସ ପ୍ରଥମ ସପ୍ତାହରେ ଏସପିଙ୍କ ଦ୍ୱାରସ୍ଥ ହୋଇ ବିଧାୟକଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ ଆଣିଥିଲେ । ଏହାପରେ ଆପୋଷବୁଝାମଣା ପରେ ମେ' ୧୬ ତାରିଖରେ ବିଜୟ ଶଙ୍କର ଓ ସୋନାଲିକା ଉଭୟ ସବ୍-ରେଜିଷ୍ଟ୍ରାର ଅଫିସରେ ବିବାହ ପାଇଁ ଆବେଦନ କରିଥିଲେ । ନିୟମ ଅନୁଯାୟୀ ଆବେଦନର ୩୦ ଦିନ ପରେ ଓ ୯୦ ଦିନ ମଧ୍ୟରେ ଯେକୌଣସି ତାରିଖରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ । ହେଲେ ବିଜୟଶଙ୍କର ଆସିନଥିଲେ । ତେବେ ସୋମାଲିକାଙ୍କ ଅଭିଯୋଗ ନେଇ ବିଜୟ ଶଙ୍କରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳା ସହିତ ସୁରୁଖୁରୁରେ ଅନୁଷ୍ଠିତ ହେବ, ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଦୁଇ ବର୍ଷ ପରେ ଭକ୍ତମାନଙ୍କ ଗହଣରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏଥିରେ ଖୁସି ପ୍ରକାଶ କରି କହିଛନ୍ତି ଯେ ଏବର୍ଷ ବହୁତ ଅଧିକ ଭକ୍ତ ଆସିବେ । ତେଣୁ ସବୁପ୍ରକାର ଆଗୁଆ ବନ୍ଦୋବସ୍ତ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମସ୍ତେ ଯେପରି ଭଲ ଅନୁଭବ ନେଇ ଫେରିବେ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ କହିଛନ୍ତି । କୋଭିଡ ସମୟରେ ରଥଯାତ୍ରା ପରିଚାଳନାରେ ସେବାୟତ ବନ୍ଧୁମାନେ ଯେପରି ସହଯୋଗ କରିଥିଲେ, ନିଜେ ରଥକୁ ଟାଣି ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ, ସେଥିପାଇଁ ସେ ସେବାୟତ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ବୈଠକରେ ଆଇନ ମନ୍ତ୍ରୀ ଜଗନ୍ନାଥ ▶▶ପୃଷ୍ଠା ୭

## ଆସାମରେ ବନ୍ୟା ପରିସ୍ଥିତି ସଙ୍ଗୀନ : ଡଙ୍ଗା ବୁଡ଼ି ୩ ଶିଶୁ ନିଖୋଜ, ୨୧ ଉଦ୍ଧାର



ନୂଆଦିଲ୍ଲୀ, ୧୮/୦୬ : ଆସାମ ହୋଜଇ ଜିଲ୍ଲାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ନେଇ ଯାଉଥିବା ଗୋଟିଏ ଡଙ୍ଗା ଓଲଟି ପଡିଛି । ଏଥିରେ ଥିବା ୩ ଶିଶୁ ବର୍ତ୍ତମାନ ନିଖୋଜ ଅଛନ୍ତି । ତେବେ ସେଥିରେ ଥିବା ଅନ୍ୟ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ୨୪ ଜଣଙ୍କୁ ନେଇ ଶୁକ୍ରବାର ବିଳମ୍ବିତ ରାତିରେ ଇସଲାମପୁର ଗାଁରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯାଉଥିଲେ । ତେବେ ରାୟକୋଟା ଅଞ୍ଚଳରେ ଡଙ୍ଗା ପାଣିରେ ବୁଡିରହିଥିବା ଇଟାଭାଟି ସହ ଧକ୍କା ହୋଇଥିଲା । ଧକ୍କା ହେବା ପରେ ଡଙ୍ଗା ବୁଡିଯାଇଥିଲା ଯେଉଁଥିରେ ୩ ଜଣ ବର୍ତ୍ତମାନ ମଧ ନିଖୋଜ ରହିଛନ୍ତି । ଆସାମର ୨୮ ଜିଲ୍ଲାର ୧୮.୯୫ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇସାରିଛନ୍ତି । ବନ୍ୟା ଓ ଭୂସ୍ଖଳନରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୫ ଜଣଙ୍କର ମୃତ୍ୟୁ ହୋଇସାରିଛି । ଜଣେ ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁସାରେ, ଏନଡିଆରଏଫ ଓ ଏସଡିଆରଏଫର ସୁରକ୍ଷାବଳ ୨୧ ଜଣଙ୍କୁ ସୁରକ୍ଷିତ ପାଣିରୁ ଉଦ୍ଧାର କରିସାରିଛନ୍ତି । ▶▶ପୃଷ୍ଠା ୭

## ଆତଙ୍କୀ ସଂଗଠନ ଆଇଏସଆଇଏସର ଟାର୍ଗେଟରେ କାବୁଲର ଗୁରୁଦ୍ୱାର



ନୂଆଦିଲ୍ଲୀ, ୧୮/୦୬ : ପ୍ରାର୍ଥନସଭାରେ ଫୁଟିଲା ଗୁଳି । ପୁଣି ଅଶାନ୍ତ ହେଲା ଆଫଗାନିସ୍ତାନ ରାଜଧାନୀ କାବୁଲ । କାବୁଲର କର୍ତେ ପରୱାନ୍ ଗୁରୁଦ୍ୱାର ନିକଟରେ ଶନିବାର ୨ ଟି ବିସ୍ଫୋରଣ ହୋଇଛି । ତେବେ ଏହି ବିସ୍ଫୋରଣ କାରଣରୁ ଏବେ ସୁଦ୍ଧା ୨ ଜଣ ଆଫଗାନୀ ନାଗରିକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଶନିବାର ସକାଳ ପ୍ରାୟ ୮ଟା । କାବୁଲ କର୍ତେ ପରୱାନ ଗୁରୁଦ୍ୱାରରେ ୫୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ହଠାତ ଦୋହଲିଲା ଗୁରୁଦ୍ୱାରା ପରିସର । ଶୁଭିଲା ଗୁଳିମାଡର ପ୍ରଚଣ୍ଡ ଶବ୍ଦ । କେହି କିଛି ବୁଝିବା ଆଗରୁ ଆତତାୟୀଙ୍କ ଆଖିବୁଜା ଗୁଳିମାଡରେ ସବୁ କିଛି ସତେ ଯେମିତି କ୍ଷଣିକ ଭିତରେ ବଦଳିଯାଇଥିଲା । ଏହି ଲୋମହର୍ଷଣକାରୀ ଘଟଣା ସହ ଆଜି ପୁଣି ଥରିଛି କାବୁଲ । ଏହି ବିସ୍ଫୋରଣ କାରଣରୁ ଏବେ ସୁଦ୍ଧା ୨ ଜଣ ଆଫଗାନୀ ନାଗରିକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏମାନଙ୍କ ମଧ୍ୟରୁ ଜଣେ ୬୦ ବୃଦ୍ଧ ଥିବା ବେଳେ ଅନ୍ୟ ଜଣେ ଗୁରୁଦ୍ୱାରର ଗାର୍ଡ ଥିଲେ । ତେବେ ବୃଦ୍ଧ ଜଣଙ୍କ ନାଁ ସବିନ୍ଦର ସିଂ ବୋଲି ଜଣାପଡିଛି । ତେବେ ଗୁରୁଦ୍ୱାର ମଧ୍ୟରେ ସକାଳ ପ୍ରାର୍ଥନା କରିବା ପାଇଁ ୨୫ ରୁ ୩୦ ଜଣ ଆଫଗାନୀ ହିନ୍ଦୁ ଓ ଶିଖ୍ ଥିଲେ । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଭାରତୀୟ ସମୟ ଅନୁସାରେ ୮ ଟାରେ ଆଜି ଏକ ବିସ୍ଫୋରଣ ହୋଇଥିଲା । ଆଉ ଏହାର ଅଧ ଘଂଟା ମଧ୍ୟରେ ପୁଣି ଥରେ ଏକ ବିସ୍ଫୋରଣ ହୋଇଥିଲା । ଏହାଦ୍ୱାରା ଗୁରୁଦ୍ୱାରର ସମସ୍ତ କୋଠରୀରେ ନିଆଁ ଲାଗିଯାଇଥିଲା । ଅନ୍ୟପଟେ ବିସ୍ଫୋରଣରେ ସମ୍ପୃକ୍ତ ଆତଙ୍କୀ ଆଫଗାନୀ ସେନା ଦ୍ୱାରା ନିପାତ ହୋଇଛନ୍ତି । ତାଲିବାନୀ ସୁରକ୍ଷାକର୍ମୀ ମାନଙ୍କ ଦ୍ୱାରା ୨ ଜଣ ଆକ୍ରମଣକାରୀଙ୍କୁ କାବୁ କରାଯାଇଛି । ତେବେ ଏହି ଘଟଣାକୁ ନେଇ ଆଫଗାନିସ୍ଥାନର ତାଲିବାନ ସରକାରଙ୍କ ତରଫରୁ କୌଣସି ଅଧିକାରୀସ୍ତରରେ ବୟାନ ଦିଆଯାଇନାହିଁ । ଆତଙ୍କୀ ସଂଗଠନ ଆଇଏସଆଇଏସ ଖୋରାସନ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ବିସ୍ଫୋରଣ ପରେ ଗୁରୁଦ୍ୱାର ଓ ଏହାର ଆଖପାଖ ଅଂଚଳକୁ କଡ଼ା ସୁରକ୍ଷା ଭିତରେ ରଖାଯାଇଛି । ଆଫଗାନୀ ଶିଖଙ୍କୁ ପ୍ରବେଶ ଅନୁମତି ତାଲିବାନ୍ ସୁରକ୍ଷାକର୍ମୀ ମାନେ ଦେଉନାହାନ୍ତି ବୋଲି ଜଣାପଡିଛି । କିନ୍ତୁ ଗୁରୁଦ୍ୱାରରୁ ସୁରକ୍ଷିତ ଭାବେ ଶ୍ରୀ ଗୁରୁଗ୍ରନ୍ଥ ସାହିବ ସ୍ୱରୁପଙ୍କୁ କଢା ଯାଇଛି । ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପଂଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ । ସେପଟେ ଦିଲ୍ଲୀ ଗୁରୁଦ୍ୱାରା କମିଟି ଘଟଣାକୁ କଡ଼ା ନିନ୍ଦା କରିଛନ୍ତି । କାବୁଲରେ ଆଫଗାନୀ ଶିଖ୍ ଓ ହିନ୍ଦୁଙ୍କ ଉପରେ ଆକ୍ରମଣ ବଢିଚାଲିଛି । ଏମିତିକି ଆଫଗାନିସ୍ତାନରେ ଆଫଗାନୀ ଶିଖଙ୍କ ସୁରକ୍ଷାକୁ ନେଇ ଏବେ ଏକ ବଡ ପ୍ରଶ୍ନ ଉଠିଛି । ଆଉ ଏନେଇ ଏବେ ଚିନ୍ତା ପ୍ରକଟ କରିଛି ଭାରତ । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଘଟଣା ଉପରେ ପୁରା ନଜର ଥିବା ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି । ଏହାସହ ଏହି ଆକ୍ରମଣକୁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କଡା ନିନ୍ଦା କରିଛନ୍ତି । ବିଜେପି ନେତା ମଂଜିନ୍ଦର ସିଂ ସିରସା ସମସ୍ତ ଦେଶକୁ ଶିଖ୍ ବିରୋଧୀ ହିଂସା ବିରୋଧରେ ଏକାଠି ହେବା ପାଇଁ ଅନୁରୋଧ କରିଛନ୍ତି ।

## ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ଗତ ଗୁରୁବାର ଠାରୁ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପହଂଚିସାରିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ତମାମ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ନୟାଗଡ଼, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଅନୁଗୁଳ , କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୮ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ▶▶ପୃଷ୍ଠା ୭

# କେକେଜିପି ହାଇସ୍କୁଲରେ ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ



ବାସୁଦେବପୁର,୧୮/୦୬ (ନି.ପ୍ର): ବାସୁଦେବପୁର ବ୍ଲକ ର କେକେଜିପି ହାଇସ୍କୁଲ ଚାନ୍ଦିମାଳ ରେ ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରିଥିଲେ । ଜଗନ୍ନାଥ ସଂସ୍କୃତି, ପରମ୍ପରା, ଶିକ୍ଷା, ସାହିତ୍ୟ ପ୍ରଭୃତି ବିଷୟରେ ରାଜ୍ୟପାଳ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ଭଦ୍ରକ ସାଂସଦ ମଂଜୁଳତା ମଣ୍ଡଳ,ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଉଦୟ ସାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ରାମଚନ୍ଦ୍ର ପଲେଇ ଏଥିରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ଜିତେନ୍ଦ୍ର ନାୟକ ଉତ୍ସବ ର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ର ସ୍ମରଣିକା ବାସନ୍ତିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହି ବିଦ୍ୟାଳୟରେ ପାଠ ପଢ଼ାଇଥିବା ଅବସରପ୍ରାପ୍ତ ଶିକ୍ଷକ ବନ୍ଧୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାସନ୍ତିକା ପତ୍ରିକାର ସମ୍ପାଦକ ଯୁବକବି ଅନ୍ତର୍ଯ୍ୟାମୀ ମହାରଣା, ପୁରାତନ ଛାତ୍ର ସଂସଦର ସଦସ୍ୟ, ବିଦ୍ୟାଳୟ ର ଶିକ୍ଷକ ବିଜୟ ସାର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

## ଗାଁକୁ ବିଦ୍ୟୁତ ସଂଯୋଗ ଦାବିରେ ରାସ୍ତାରୋକ

ବାରିପଦା,୧୮/୦୬ (ନି.ପ୍ର): ଗାଁକୁ ବିଦ୍ୟୁତ ସଂଯୋଗ ଦାବିରେ ରାସ୍ତାରୋକ କରିଛନ୍ତି ଗ୍ରାମବାସୀ । ଉଦଳା-ଭୁବନେଶ୍ୱର ରାଜ୍ୟ ରାଜପଥର ରଣାପୋଷି ପୋଲ ନିକଟରେ ସାଗରସାହି ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଛି । ଗ୍ରାମବାସୀ ମାନେ ଧନୁତୀର ଧରି ଅଭିନବ ଶୈଳିରେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ଆଜି ସକାଳ ଠାରୁ ଏହି ରାସ୍ତାରୋକ ଫଳରେ ଦୀର୍ଘ ସମୟ ଧରି ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ଆନ୍ଦୋଳନରେ ଶତାଧିକ ଗ୍ରାମବାସୀ ସାମିଲ୍ ହୋଇଛନ୍ତି ।

# ହରିଶଙ୍କର ପର୍ଯ୍ୟଟନ କ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗିର,୧୮/୦୬ (ନି.ପ୍ର): ବଲାଙ୍ଗିରର ପବିତ୍ର ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କରର ପରିବେଶ ପର୍ଯ୍ୟଟକ ମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦାବି କରି ଆଜି ଗନ୍ଧମାର୍ଦ୍ଦନ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବି ପତ୍ର ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପାତ୍ର ଗ୍ରହଣ କରିଥିଲେ । ପ୍ରତିନିଧି ଦଳରେ ଗନ୍ଧମାର୍ଦ୍ଦନ ଟ୍ରଷ୍ଟ ର ଅଧ୍ୟକ୍ଷ ହିତେଶ କୁମାର ସାହୁ, ନିର୍ଦ୍ଦେଶକ ସୁବ୍ରତ ରଞ୍ଜନ ବହିଦାର, ଆରତୀ ଗୁରୁ, ସଂଜୁ ନାୟକ, ବାସନ୍ତୀ ଜେନା, ଅରୁଣ ସାହୁ, ଶାନ୍ତନୁ ନାୟକ, ଲଳିତ ଦାଶ ଉପସ୍ଥିତ ଥିଲେ । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୨ ତାରିଖ ଦିନ ସେମାନେ ହରିଶଙ୍କର ଯାଇଥିବା ବେଳେ କିଛି ଅସାମାଜିକ ଯୁବକ ଝରଣା ପାଖରେ ମଦ୍ୟପାନ କରି ଉପଦ୍ରବ କରି ଯାତ୍ରୀ ମାନଙ୍କୁ ହଇରାଣ କରୁଥିଲେ । ଏହାଦେଖି ସେମାନେ ସେଠାକାର ଅଧିକାରୀଙ୍କୁ ଜଣାଇବା ପରେ ସେଠାରେ ଏହା ନିତିଦିନିଆ କଥା ମଦ୍ୟ ପାନ କରି ସବୁଦିନ ଗଣ୍ଡଗୋଳ ହେଉଥିବା ପାଟଣାଗଡ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ । ବଲାଙ୍ଗିର ଜିଲ୍ଲାରେ ହରିଶଙ୍କର ଏକ ପବିତ୍ର ପୀଠ ଦୈନିକ ଶହ ଶହ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକ ଏଠାକୁ ଦର୍ଶନ ପାଇଁ ଆସିଥାନ୍ତି । ନିକଟରେ ମଦ୍ୟପାନକୁ ନେଇ ଦୁଇ ଗୋଷ୍ଠି ଭିତରେ ଗଣ୍ଡଗୋଳ ହୋଇ ୪ ଜଣ ଆହତ ହୋଇଥିଲେ । ଏବେ ଏସବୁ ଘଟଣା ଆମକୁ ଲଜ୍ଜିତ କରିବା ସହିତ ନିନ୍ଦିତ କରିଛି । ଲୋକେ ପର୍ଯ୍ୟଟନ ସ୍ଥଳିକୁ ଆସିବାକୁ ଭୟଭିତ ହେବା ସହିତ ଅସୁରକ୍ଷିତ ମନେ କରୁଥିବାରୁ ଏହାର ପ୍ରତିକାର ସ୍ୱରୂପ ଏଠାରେ ସ୍ୱତନ୍ତ୍ର ପୋଲିସ ମୁତୟନ ସହିତ ଅସାମାଜିକ କାର୍ଯ୍ୟ ବନ୍ଦ କରାଯାଉ । ମନ୍ଦିରରେ ଦ୍ୱିଗୁଣ ଦରରେ ପୂଜା ସାମଗ୍ରୀ ବିକ୍ରୀ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ମିଳୁଥିବା ଭୋଗ ର ମାନ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ବିଜେପିର ଏକଛତ୍ରବାଦ ବିରୁଦ୍ଧରେ ଗର୍ଜିଲା ବଲାଙ୍ଗିର କଂଗ୍ରେସ

ବଲାଙ୍ଗିର,୧୭ ଜୁନ (ହିଁ.ସ.)- ମୋଦୀ ନେତୃତ୍ୱାଧିନ କେନ୍ଦ୍ର ସରକାର ଅସହିଷ୍ଣୁତା ଓ ଏକଛତ୍ରବାଦିତା ଚରମସୀମା ଲଙ୍ଘିଛି । ଦେଶର ସର୍ବପୁରାତନ ଦଳ ଯିଏ କି ଭାରତୀୟ ସ୍ୱାଧିନତା ଆନ୍ଦୋଳନର ପ୍ରମୁଖ ଭାଗିଦାର ଥିଲା ତାର ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟକୁ ପୋଲିସ ପଠାଇ ସେଠାରେ ଥିବା କଂଗ୍ରେସ ନେତୃବୃନ୍ଦମାନଙ୍କୁ ଅମାନୁସିକ ଅତ୍ୟାଚାର କରାଇଛି । ମୋଦୀ ସରକାର ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାକୁ ଦେଖି ଭୟଭିତ ହୋଇ ପ୍ରତିହିଂସା ପରାୟଣ ହୋଇ କେନ୍ଦ୍ରିୟ ସଂସ୍ଥା ପ୍ରବର୍ତନ ନିର୍ଦ୍ଦେଶାଳୟ ଦ୍ୱାରା ବାରମ୍ବାର ଜେରା କରି ଗାନ୍ଧୀ ପାରିବାର ଉପରେ ମିଥ୍ୟା କଳଙ୍କ ଲଗାଇବାର ମସୁଧା କରୁଛି । ଏପରି ହେଲେ କେନ୍ଦ୍ର ସରକାର ବିରୁଦ୍ଧରେ ଦିଲ୍ଲୀରୁ ପଲ୍ଲି ପର୍ଯ୍ୟନ୍ତ କଂଗ୍ରେସ ସମେତ ସାଧାରଣ ଜନତା ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଆଜି ଦିଲ୍ଲୀ ସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ଦିଲ୍ଲୀ ପୋଲିସର ମାତ୍ରାଧିକ ପ୍ରତିହିଂସା ପରାୟଣ ହୋଇ କାର୍ଯ୍ୟାଳୟକୁ ପ୍ରବେଶ ଓ ଅତ୍ୟାଚାର ବିରୁଦ୍ଧରେ ବଲାଙ୍ଗିର କଂଗ୍ରେସ କମିଟି ତରଫରୁ କେନ୍ଦ୍ରୀୟ ସଂସ୍ଥା ଜିଲ୍ଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ସଭାରେ ଜିଲ୍ଲା ସଭାପତି ଦିଲିପ ବେହେରା କହିଛନ୍ତି । ଦିନ ୧୦ଟାରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ସଭାରେ ଶ୍ରୀ ବେହେରା ଆହୁରି ମଧ କହିଛନ୍ତି ଯେ ଏଆଇସିସି କାର୍ଯ୍ୟାଳୟରେ କଂଗ୍ରେସର ତୁଙ୍ଗ ନେତୃତ୍ୱମାନେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଓ ପ୍ରତିବାଦ କରୁଥିବା ବେଳେ ଦିଲ୍ଲୀ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶି କଂଗ୍ରେସ ନେତୃମଣ୍ଡଳି ଓ କର୍ମୀମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା, ମାଡ ମାରିବା ନିନ୍ଦନୀୟ ଅଟେ । ଏପରିକି କାର୍ଯ୍ୟାଳୟକୁ ଆସୁଥିବା ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ଏଆଇସିସି କାର୍ଯ୍ୟାଳୟକୁ ପଶିବାରୁ ବିରତ କରିବା ଅଗଣତାନ୍ତ୍ରିକ ଅଟେ ବୋଲି ଶ୍ରୀ ବେହେରା କହିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରରୋଚନାରେ କେନ୍ଦ୍ରିୟ ସଂସ୍ଥା ସିବିଆଇ ଓ ଇଡିକୁ ଅସ୍ତ୍ର କରି ଦେଶର ବିରୋଧି ଦଳ ବିଶେଷ କରି କଂଗ୍ରେସ ନେତୃବୃନ୍ଦଙ୍କୁ ହଇରାଣ କରାଯାଉଛି ବୋଲି ଉପସ୍ଥିତ ଥିବା କଂଗ୍ରେସ ନେତୃବୃନ୍ଦ ନିଜ ଭାଷଣରେ ବିକ୍ଷୋଦଗାର କରିଥିଲେ । ଯଦି ଗଣତନ୍ତ୍ର ଓ ସମ୍ବିଧାନକୁ ବେଖାତିର କରି କେନ୍ଦ୍ର ସରକାର ଏପରି ଏକଛତ୍ରବାଦ, ସ୍ୱଚ୍ଛଚାରିତା କୁ ବନ୍ଦ ନ କରେ ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ଦେଶ ବ୍ୟାପି ଆନ୍ଦୋଳନ କରିବ ବୋଲି ଉପସ୍ଥିତ ଥିବା ନେତୃମଣ୍ଡଳି ଯଥା ପିସିସି କାର୍ଯ୍ୟକାରିଣୀ ସଭ୍ୟ ଉମାଶଙ୍କର ପଣ୍ଡା, ନଗର ସଭାପତି ବୁଲୁ ଦାନି , ଜିଲ୍ଲା ସେବାଦଳ ମୁଖ୍ୟ ଅସୀତ ମିଶ୍ର, ଟିଟିଲାଗଡ ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ, ଚାଷୀ ନେତା ସରୋଜ ରଥ, ଜିଲ୍ଲା କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, ରାଜିବ ଗାନ୍ଧୀ ପଂଚାୟତି ରାଜ ସଭାପତି ଅଜୟ ବାଲି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ପ୍ରମୁଖ ନିଜ ବକ୍ତବ୍ୟରେ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ମନୀଷ ମିଶ୍ର, କୈଳାସ ମିଶ୍ର, ପ୍ରଦୀପ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ପ୍ରଫୁଲ୍ଲ ଦାଶ, ଜୟନାରାୟଣ ବହିଦାର, ନାସୀର ଖାନ, ସଂଜୟ ମିଶ୍ର, ଅମୀୟ ମିଶ୍ର, କରୁଣାକର ମେହେର, ଅମିତ ତ୍ରିପାଠି, କିରନ ସେଠ, ଅମୁଲ୍ୟ ସେଠ, ଅଜିତ ମହାନନ୍ଦ, ସୁଜିତ କୁମ୍ଭାର, ନରେନ୍ଦ୍ର ମେହେର, ହିତେଶ ନାଏକ, ରାହୁଲ ରଣା, ନିରଞ୍ଜନ ମିଶ୍ର, ଟୁଲୁ ସେନ, ପଦ୍ମଚରଣ ବରାଡ, ଓମ୍ ପ୍ରକାଶ ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗୁଡୁକାପଲା ପଂଚାୟତ ସଭାପତି ଅର୍ଜୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ବାରମ୍ବାର ଜେରାକୁ ବିରୋଧ କରି କଂଗ୍ରେସର ଧାରଣା

ଜୟପୁର,୧୮/୦୬ (ନି.ପ୍ର): ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ବାରମ୍ବାର ଜେରା ଘଟଣାକୁ ବିରୋଧ କରି କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟ ଡାକଘର ନିକଟରେ ଧାରଣା ଦିଆଯାଇଛି । ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ସ୍ଥିତ ମୁଖ୍ୟ ଡାକଘର ନିକଟରେ ଧାରଣା ଦେଇ ଗଣ ବିକ୍ଷୋଭ କରିଛି । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ଗଣ ବିକ୍ଷୋଭରେ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ । କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି ଯେ ରାଜନୈତିକ ଆକ୍ରୋଶର ରଖି କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର ଙ୍କ ଇଙ୍ଗିତରେ ପରିଚାଳିତ ହୋଇ ଇଡି ମାଧ୍ୟମରେ ଜେରା କରି ଏଭଳି ଚାପ ସୃଷ୍ଟି କରାଯାଉଛି । ଏହା ବିରୋଧରେ ଏଆଇସିସି ଆହ୍ୱାନ କ୍ରମେ ସାରା ଦେଶର ବିକ୍ଷୋଭ ପ୍ରଦର୍ଶନ କରୁଛି ଜାତୀୟ କଂଗ୍ରେସ । ଏହି କ୍ରମରେ ଆଜି କୋରାପୁଟ ଜିଲା ଜୟପୁରରେ ଗଣ ବିକ୍ଷୋଭ କରିଛି । କଂଗ୍ରେସ ଭବନ ଠାରୁ ବିଶାଳ ଶୋଭାଯାତ୍ରା ବାହାରି କେନ୍ଦ୍ର ସରକାର ବିରୁଦ୍ଧରେ ନାରା ଓ ସ୍ଲୋଗାନ ଦେଇ ମୁଖ୍ୟ ଡାକଘର ନିକଟରେ ଧାରଣା ଦେବା ସହ ଗଣ ବିକ୍ଷୋଭ କରିଛି । ଏହି କାର୍ଯ୍ୟକ୍ରମରେ ବିନୋଦ ମହାପାତ୍ର, ବ୍ଲକ ସଭାପତି ବସନ୍ତ ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଅଜିତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥି, ରାମ ଚନ୍ଦ୍ର ପାଢୀ ପ୍ରମୁଖ ସାମିଲ ଥିଲେ ।

## ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,୧୮/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଅର୍ନ୍ତଗତ ପିଠାଗୋଳା ପଂଚାୟତର ଟାଙ୍ଗରବାହାଳି ଗ୍ରାମରେ ଅବସ୍ଥିତ ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହରିଚନ୍ଦନପୁର ବ୍ଲକ୍‌ର ସାମ୍ବାଦିକ ଲକ୍ଷ୍ମଣ କୁମାର ମହାନ୍ତ ଯୋଗଦେଇ ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍‌ର ସମସ୍ତ ସଦସ୍ୟମାନଙ୍କୁ ତାଙ୍କର ଏହି କାର୍ଯ୍ୟକ୍ରମ ସବୁଦିନ ପାଇଁ ବଜାଇ ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରଭୁକୃପା ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଗାଁ ଗହଳିର ପିଲାମାନଙ୍କୁ ନେଇ ଅନେକ ପ୍ରକାର କାର୍ଯ୍ୟକ୍ରମ କରୁଥିବାରୁ ସେ ଭୂୟସୀ ପ୍ରଶଂସା କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ସାନ୍ତାଳି ଆଧୁନିକ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ କୃତୀ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ଲବ୍‌ର ସଂପାଦକ ଶ୍ରୀ ବିଜୟ କୁମାର ପାତ୍ର ଓ ଡ୍ୟାନ୍ସ ମାଷ୍ଟର ଘନଶ୍ୟାମ ମହାନ୍ତ ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ଲବ୍‌ର ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର ମୁଣ୍ଡା ସଭା ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଶିକ୍ଷାବିତ ମନୋରଞ୍ଜନ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକ



ବାସୁଦେବପୁର,୧୮/୦୬ (ନି.ପ୍ର): ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଂଚାୟତର ଜଗନ୍ନାଥ୍‌ରେ ଶିକ୍ଷାବିତ ମନୋରଞ୍ଜନ ବିଶ୍ୱାଳ ଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ସମସ୍ତ ଅତିଥି ଓ ଆତ୍ମୀୟ ସ୍ୱଜନ ସ୍ୱର୍ଗତ ବିଶ୍ୱାଳ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ଅଦମଣି ବିଶ୍ୱାଳ, ସୁଚିସ୍ମିତା ବିଶ୍ୱାଳ, ହରେକୃଷ୍ଣ ବିଶ୍ୱାଳ, ସାଇ ସୁଭମ ବିଶ୍ୱାଳ, ଭରତ ବିଶ୍ୱାଳ, ବିବେକାନନ୍ଦ ବିଶ୍ୱାଳ, ଅଧ୍ୟାପିକା ବାଣୀଶ୍ରୀ ବିଶ୍ୱାଳ, ଶୁଭଶ୍ରୀ ବିଶ୍ୱାଳ, ଅର୍ଣ୍ଣପୂର୍ଣ୍ଣା ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ ଙ୍କ ଶିକ୍ଷା ଜୀବନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ରେ ରାଜନୀତି ବିଜ୍ଞାନ ବିଭାଗ ରେ ମନୋରଞ୍ଜନ ବିଶ୍ୱାଳ ଅଧ୍ୟାପକ ଭାବେ ଚାକିରୀ କରି ଅବସର ନେଇଥିଲେ । ସେ ଜଣେ ଉ ମ ଅଧ୍ୟାପକ ଓ ସୁନ୍ଦର ମଣିଷ ଥିଲେ ଓ ସମସ୍ତ ଙ୍କୁ ଭଲ ପାଉଥିଲେ । ଏହି ଉତ୍ସବ ରେ ଶେଷରେ ଇଂ ଅକ୍ଷୟ ସାମଲ ଧନ୍ୟବାଦ ଦେଇଥିଲେ ।

## ରଥ ଚକରେ ଲାଗିଲା ହରିଓମ୍ ଲୁହା ପ୍ଲେଟ

ପୁରୀ,୧୮/୦୬ (ନି.ପ୍ର): ଚଳିତବର୍ଷ ରଥଯାତ୍ରା ପାଇଁ ରଥ ନିର୍ମାଣ ହାଇସ୍ପିଡ଼ିରେ ଆଗେଇ ଚାଲିଛି । ତରବରିଆ କାମ ଯୋଗୁଁ ଅନେକ ସ୍ଥାନରେ ଫାଟ ଦେଖିବାକୁ ମିଳୁଛି । ଗତ କିଛି ଦିନ ତଳେ ନନ୍ଦିଘୋଷ ରଥର ଚକ ଫାଟିବା ସହ ଅଖ ଚଡ଼କିବାରୁ ତାହାକୁ ବଦଳା ଯାଇଥିଲା । ଚଳିତବର୍ଷ ସୁଭଦ୍ରାଙ୍କ ଦର୍ପଦଳନ ରଥର ପାର୍ଶ୍ୱ ଚକର ପହିରେ ବହୁ ଚଡ଼କ ଫାଟ ରହିଥିବାରୁ ହରିଓମ୍ ଲୁହାପ୍ଲେଟ ଯାହା ୪ ଇଂଚରେ ଅଢେଇ ଫୁଟ ପହିପରି ପ୍ଲେଟ ଲଗାଯାଇଛି । ପହିର ଦୁଇ ପାର୍ଶ୍ୱରେ ପ୍ଲେଟ ଲଗାଯାଇ ୮ଟି ନଟ୍ ବୋଲଟ୍ ସଂଯୋଗ କରାଯାଇଛି । ସ୍ଥାନୀୟ ସେବାୟତ ଏହି ପ୍ଲେଟ ଦେଖି ଏହା ହରିଓମ୍ ପ୍ଲେଟ ବୋଲି କହିଥିଲେ । ଏ ସଂପର୍କରେ ପୂର୍ତବିଭାଗ ଏସଡ଼ିଓଙ୍କୁ ପଚାରିବାରେ ସେ ଏ ସଂପର୍କରେ ଜାଣିନାହାନ୍ତି ଓ ଜେଇଙ୍କୁ ପଚାର ବୋଲି କହିଥିଲେ । ଚଳିତବର୍ଷ ହାଇସ୍ପିଡ଼ିରେ ରଥ କାମ ଚାଲୁଥିବାରୁ ରଥ ନିର୍ମାଣ ଭୂଇଁ ଉଠି ପାରାଭାଡ଼ି ପର୍ଯ୍ୟନ୍ତ ଉଠିଲାଣି ।

# ବୁଢୀମା ତୋଟାରେ ରଜ ମହୋତ୍ସବ ପାଳିତ

ପୁରୀ,୧୮/୦୬ (ନି.ପ୍ର): ବନସ୍ତେ ଡ଼ାକିଲା ଗଜ, ବରଷକେ ଥରେ ଆସିଛି ରଜ । ଏହି ଗୀତରେ ଗୀତରେ ରଜ ପାଳିତ ହୋଇଛି । କୁଆଁରୀ ଝିଅମାନଙ୍କ ମଜା କହିଲେ ନସରେ । ଦୁଇବର୍ଷ କରୋନା ଯୋଗୁଁ ରଜ ପାଳନ ହେଉନଥିଲା । ଚଳିତବର୍ଷ ରଜ ଧୁମଧାମରେ ପାଳନ ହୋଇଛି । କଳା ସଂସ୍କୃତିର କ୍ଷେତ୍ର ଶ୍ରୀକ୍ଷେତ୍ର । ଓଡ଼ିଶାର ସାଂସ୍କୃତିକ ପରମ୍ପରା ବଜାୟ ରଖିବାର ପୁରୀର ଭୂମିକା ଅତୁଳନୀୟ । ଓଡ଼ିଆଙ୍କ ପର୍ବ ରଜ । ମାର୍କଣ୍ଡେଶ୍ୱର ସାହି ବୁଢୀମା ତୋଟା ପରିସରରେ ପାଣ୍ଡା ଜଗା ପକ୍ଷରୁ ୩ ଦିନ ବ୍ୟାପୀ ରଜ ମହୋତ୍ସବ ଆନନ୍ଦଉଲ୍ଲାସରେ ପାଳିତ ହୋଇଯାଇଛି । ନୂଆ ପୋଷାକ, ପାଦରେ ଅଳତା,ହାତରେ ମେହେନ୍ଦି ଲଗାଇ କୁଆଁରୀ ରଜର ମଜା ନେଇଛନ୍ତି । ଝିଅ ଓ ମହିଳାମାନଙ୍କ ମନୋରଞ୍ଜନ ପାଇଁ ୪୦ଟି ଦୋଳି ଲଗାଯାଇଥିଲା । ସେଥିରେ ମଜା ଉଠାଇବା ସହ ରଜ ରଜ ଦୋଳି ଗୀତରେ ଆନ୍ଦ ଉପଭୋଗ କରିଥିଲେ । । ସବୁଠାରୁ ଆକର୍ଷଣୀୟ ଥିଲା ରଜ ପାନ ଦୋକାନ । ଫାୟର ପାନର ମଜା ଅଧିକାଂଶ ଝିଅମାନେ ଖାଉଥିବା ଦେଖିବାକୁ ମିଳିଥିଲା । ଏହାସହ ବିଭିନ୍ନ ପକାର ଖାଦ୍ୟ ଷ୍ଟଲର ମଜା ନେଉଥିଲେ ରଜ କୁଆଁରୀମାନେ । ଅସ୍ଥାୟୀ ପୋଖରୀରେ ବୋଟିଂର ମଜା ନେଉଥିଲେ କୁନି କୁନି ପିଲାମାନେ । କେତେକ ବେଲୁନ ଖସଡ଼ାରେ ଉପରୁ ତଳକୁ ଖସୁଥିବା ମଜା ନେଉଥିଲେ । ଝୋଟି, ମ୍ୟୁଜିକ୍ ଚେୟାର ଓ ପୁଚି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କୃତୀ ପ୍ରତିଯୋଗୀଙ୍କୁ ସଭା ମଂଚରେ ପୁରସ୍କୃତ କରାଯାଇଥିଲା । ମହୋତ୍ସବ ପରିସରରେ ଆକର୍ଷଣୀୟ ସାଜସଜା ଓ ରଙ୍ଗ ବେରଙ୍ଗର ଆଲୋକମାଳା ସଜ୍ଜା ଯାଇଥିଲା । ସୁନାମଧନ୍ୟ ଗାୟକ ମଂଟୁ ଛୁରିଆଙ୍କ ସଙ୍ଗୀତରେ ମସଗୁଲ ହୋଇଥିଲେ ଦର୍ଶକ । ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ସଦରବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉତ୍ସବ କମିଟିର ସଭାପତି ଭକ୍ତଚରଣ ଦାସ ଓ ସଂପାଦକ ବିଜୟ କୁମ୍ଭାର ସ୍ୱାଇଁ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରଙ୍ଗଶାଳା ପକ୍ଷରୁ ପହିଲି ରଜ ନୃତ୍ୟ ପରିବେଷଣ ସହ ବ୍ରହ୍ମପୁରୁ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ମହାଭାରତ ମଞ୍ଚସ୍ଥ ହୋଇଥିଲା । ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଂଚ ଦୁଲୁକିଥିଲା । ଛୋଟ ଛୋଟ ପିଲାମାନେ ସ୍ଲାଇଡ଼ରେ ଡ଼େଇଁଥିବା ସହ ଆନନ୍ଦ ଅନୁଭବ କରୁଥିଲେ । ରଜ ଦୋଳିର ମଜା ନେଇଥିଲେ ଝିଅ ଓ ମହିଳାମାନେ । ରଜ ପାନ ଖାଇବା ପାଇଁ ମହିଳାଙ୍କ ଭିଡ଼ଜମିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖି ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ । ଏହି ଉତ୍ସବରେ ଆଖପାଖ ସାହି ଓ ଶହ ଶହ ଝିଅ, ବୋହୁଙ୍କ ସମେତ ପର୍ଯ୍ୟଟକ ଓ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା । ସାମାଜିକ କର୍ମୀ ସମୀର ସାମନ୍ତରାୟ, ବଳଭଦ୍ର ପୃଷ୍ଟି, ଆଶୁତୋଷ ସାହୁ,ନାଗେଶ ରାଉତରାୟଙ୍କ ସମେତ ଯାଗାର ସମସ୍ତ ସଦସ୍ୟ ଓ ସାହିବାସିନ୍ଦାମାନେ ସହଯୋଗ କରିଥିଲେ ।

# ସୃଜନାକ୍ଷର ହିଁ ସର୍ଜନାର ସ୍ୱର ଓ ସ୍ୱାକ୍ଷର

## ଡିଜିଟାଲ ଓ ପାରମ୍ପରିକ ସାହିତ୍ୟ ପତ୍ରିକା 'ସୃଜନାକ୍ଷର'ର ପାଠକାର୍ପଣ ପର୍ବରେ ସ୍ରଷ୍ଟା ଅତିଥିଙ୍କ ମତ ପ୍ରକାଶ



ବାଲେଶ୍ୱର,୧୮/୦୬ (ନି.ପ୍ର): ବାଣୀ ଶ୍ରୀକ୍ଷେତ୍ର ବାଲେଶ୍ୱରରୁ ପ୍ରାବନ୍ଧିକ ଡ. ରାଧାରଂଜନ ପଟ୍ଟନାୟକ ଙ୍କ ଦ୍ୱାରା ସମ୍ପାଦିତ ଡିଜିଟାଲ ଓ ପାରମ୍ପରିକ ସାହିତ୍ୟ ପତ୍ରିକା ର ପାଠକାର୍ପଣ ପର୍ବ ସ୍ଥାନୀୟ କୁରୁଡା ସ୍ଥିତ ଚନ୍ଦନ ପୋଖରୀ ରେ ଭାସମାନ ନୌକା ରେ ବରିଷ୍ଠ କବି ଉମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଇ ସାରସ୍ୱତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ରଷ୍ଟା ଅତିଥି ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ କାଳୀପଦ ପଣ୍ଡା, କବି ପ୍ରଶାନ୍ତ ଦାସ, କବି , ସାରସ୍ୱତ ସାଧିକା ସବିତ୍ରୀ ଜେନା, କବି ଶ୍ରଦ୍ଧାଞ୍ଜଳି ରାୟ,କବି ଅଭୟ ଦାସ ଓ କଥାକାର ଉଦୟ ନାରାୟଣ ଦାସ ଉପସ୍ଥିତ ଥିଲେ । କୁଜିବର ପତ୍ରିକା ଏବଂ ଜ୍ଞାନାରୁଣ ଠାରୁ ଆରମ୍ଭ କରି ଏଯାବତ ଓଡିଶାରୁ ସଂଖ୍ୟାଧିକ ପତ୍ରିକା ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟ ର ବିକାଶ ଦିଗରେ ସହାୟକ ହୋଇଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । କ । କୁ ପାକୁଳି କରି ରକ୍ତ ଝରାଉ ଥିବା ମଣିଷ ଟି ହେଉଛି ଲେଖକ । ସେ ହିଁ ସମାଜ ର ପରିବ ର୍ନ ପାଇଁ କଲମ କୁ ବଲମ କରିପାରେ ବୋଲି ଆଜିର ଘଟଣା ସମ୍ପାଦକ କବି ଅଭୟ ଦାସ ନିଜ ସ୍ୱୀକାରୋକ୍ତି ବାଢିଥିଲେ । ବାଲେଶ୍ୱର ମାଟି ରୁ 'ସୃଜନାକ୍ଷର 'ଭଳି ଏକ ସାହିତ୍ୟ ପତ୍ରିକା ପ୍ରକାଶ ପାଇ ପତ୍ରିକା ର କ୍ରମ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସଭାପତି ତାଙ୍କ ବକ୍ତବ୍ୟ ରେ ମତ ଦେଇଥିଲେ । ଏଇ ପତ୍ରିକାଟି ନୂଆ ଲେଖୁଥିବା ଲେଖକ ମାନଙ୍କର ସୃଷ୍ଟି କୁ ପାଠକ ମାନଙ୍କ ସାମ୍ନା କୁ ଆଣିବା ସହ ପ୍ରବୀଣ ମାନଙ୍କ ଲେଖା କୁ ଗୁରୁତ୍ୱ ଦେବ ବୋଲି ସମ୍ପାଦକ ଡ. ରାଧାରଂଜନ ପଟ୍ଟନାୟକ ସମ୍ପାଦକୀୟ ଅଭିଭାଷଣ ରେ କହିବା ସହ ଏଇ ପତ୍ରିକା ଟି ଭବିଷ୍ୟତରେ ଏକ ଗବେଷଣା ଭି ିକ ପତ୍ରିକା ଭାବେ ନିଜର ସ୍ଥାନ ସୁରକ୍ଷିତ ରଖି ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଲେଖାର ମାନ ଦେଖି ପ୍ରକାଶ ଯୋଗ୍ୟ ଲେଖାକୁ ସୃଜନାକ୍ଷର ତାର ପୃଷ୍ଠା ରେ ସ୍ଥାନ ଦେବ । କେବଳ ବ୍ରାଣ୍ଡ ବାଜିଥିବା ନାମ ଦେଖି ନୁହେଁ,ବରଂ ଲେଖାର ଶୈଳୀ ଗତ ଗୁରୁତ୍ୱ ହିଁ ବିଚାର ଯୋଗ୍ୟ ବୋଲି ଡ. ପଟ୍ଟନାୟକ ମତ ରଖିଥିଲେ । 'ସୃଜନାକ୍ଷର'ଏକ ଡିଜିଟାଲ ଏବଂ ପାରମ୍ପରିକ ସାହିତ୍ୟ ପତ୍ରିକାର ପତ୍ରିକାର ମିଳିତ ଇସ୍ତାହାର ବ୍ୟତୀତ ଅନ୍ୟକିଛି ନୁହେଁ । କେବଳ ସେତିକି ନୁହେଁ ,ବରଂ ସାରସ୍ୱତ ସାଧକ ମାନଙ୍କ ପାଇଁ ଏହା ଏକ ପ୍ରେରଣା ର ପ୍ରେରକ ବୋଲି ପରିଚାଳନା ସମ୍ପାଦକ ଡ.ବଂଶୀଧର ଚୌଧୁରୀ ନିଜ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଥାକାର ଉଦୟ ନାରାୟଣ ଦାସ ସଂଯୋଜକ ପ୍ରସନ୍ନ ପାତ୍ର, ସହଯୋଗୀ ସମ୍ପାଦକ ଡା. ଅଭିମନ୍ୟୁ କାନୁନଗୋ ସୃଜନାକ୍ଷର ସାହିତ୍ୟ ପତ୍ରିକାର କଳାତ୍ମକ ଆଭିମୁଖ୍ୟ ସମ୍ପର୍କରେ ନିଜ ମତ ପ୍ରଦାନ କରିଥିଲେ । ପତ୍ରିକା ହିଁ ପ୍ରତିଟି ସ୍ରଷ୍ଟା ପାଇଁ ଆତ୍ମାର ବନ୍ଧନ ବୋଲି କବି ଅଭୟ ଦାସ ମତ ରଖିଥିବା ବେଳେ , ସ୍ରଷ୍ଟାଟିଏ ନିଜ ଭାବ ଓ ଭାବନାର କଥା ଓ କବିତାର ସ୍କେଚ ପତ୍ରିକାର ଫର୍ଦ୍ଦ ରେ ଆଙ୍କିପାରେ ବୋଲି ମତ ଦେଇଥିଲେ । ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ କବି କାଳୀ ପ୍ରସାଦ ପଣ୍ଡା ପତ୍ରିକା ହିଁ ଲେଖକ ମାନଙ୍କ ପାଇଁ ବିଶ୍ୱାସ ର ବାଇଶି ପାହାଚ ବୋଲି କହିଥିଲେ । ଏଇ ପାଠକାର୍ପଣ ପର୍ବରେ କବିମାନେ ନୌକା ବିହାର କରି ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ସୃଜନାକ୍ଷର ପରିବାର ର ଏତାଦୃଶ ନିଆରା ପାଠକାର୍ପଣ ପର୍ବ କୁ ଉପସ୍ଥିତ ସମାଜ ର ସବୁର୍ବର୍ଗ ର ବ୍ୟକ୍ତି ମାନେ ଭୂୟସୀ ପ୍ରସଂଶା କରିଥିଲେ । ପ୍ରାରମ୍ଭ ରେ କବି ଜଳଧର ପଣ୍ଡା ବେଦ ମନ୍ତ୍ର ପାଠ କରିଥିଲା ବେଳେ ସାରସ୍ୱତ ପ୍ରେମୀ ପୂର୍ଣ୍ଣ ଚନ୍ଦ୍ର ମାଇତି ଶେଷରେ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କବି ପ୍ରଶାନ୍ତ ଦାସ ଏଭଳି ପ୍ରୟାସ ବାଲେଶ୍ୱର ର ଇତିହାସ ର ଯାତ୍ରା ପଥରେ ଏକ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିବ ବୋଲି ଆଶା ବ୍ୟକ୍ତ କରି ଥିଲେ ।

# ବାସୁଦେବପୁରରେ ରଜ ମହୋତ୍ସବ ଉଦ୍‌ଯାପିତ



ବାସୁଦେବପୁର ,୧୮/୦୬ (ନି.ପ୍ର): ବାସୁଦେବପୁର ପୌରପାଳିକା ପକ୍ଷରୁ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନି ଉତ୍ସବ ରେ ଭଦ୍ରକ ସାଂସଦ ମଂଜୁଳତା ମଣ୍ଡଳ,ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ , ବିଡ଼ିଓ ସତ୍ୟଜିତ ରାଉତ, ତିହିଡି ବ୍ଲକ ର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତ ଲତା ନାୟକ,ଉ ମ ବାରିକ, ଅଭିନେତା ବିରେନ ମିଶ୍ର, ଶିଳ୍ପୀ ଅଶୋକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜ ଉତ୍ସବ ର ଆଭିମୁଖ୍ୟ, ସଂସ୍କୃତି ପରମ୍ପରା, ଗାଁ ମାଟିର କଥାକୁ ଆଲୋଚନା କରିଥିଲେ । ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାସୁଦେବପୁର ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର କଳାକାର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଅତିଥି ଙ୍କୁ ମ ଆମନ୍ତ୍ରଣ କରିଥିଲେ । ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ବିଜେଡି ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ମହାନ୍ତି, ଭାଗିରଥି ବଳ, ଦୀନବନ୍ଧୁ ଦାସ,ଅସିତ ଦାଶ ,ସମାଜସେବୀ ମମତା ଜେନା, ଶିକ୍ଷାବିତ ଦୁଃଶାସନ ରାଉତ, ଅଧ୍ୟାପିକା ସ୍ନିଗ୍ଧା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ଜନସାଧାରଣ ଏହି କାର୍ଯ୍ୟକ୍ରମ ରେ ଆନନ୍ଦ ଅନୁଭବ କରିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୯ ଜୁନ୍, ୨୦୨୨
email : rabibarachayan2015@gmail.com

# ର ବି ବା ର ଚ ୟ ନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ : ଜୀବନାନୁଭୂତି

ଭାଗ-୭୯

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କେହି ଖଜଣା ଦେଉ ନାହାଁନ୍ତି ବୋଲି ତହସିଲଦାର ରିପୋର୍ଟ କଲେ । ଦିନେ ମୁଁ ନିଜେ ସେହି ଗ୍ରାମକୁ ଗଲି ଓ ଗ୍ରାମବାସୀଙ୍କୁ ଡକାଇଲି । ସମସ୍ତେ ଆସିଲେ । ଯେତେବେଳେ ଖଜଣା ଦେବାପାଇଁ ସେମାନଙ୍କୁ କହିଲି, ସେମାନେ କହିଲେ, 'ହଉ ବାବୁ, ଏହି ଥରକୁ ତ ଆସିଲେ; ଆଉ କେତେଥର ଆସିବେ ? ତାହାହେଲେ ସିନା ଆମେମାନେ ଖଜଣା ଦେବୁଁ ।' ଆଉ କହିବି କ'ଣ ? ଅଗତ୍ୟା ଫେରିଆସିଲି । ଗ୍ରାମ ତ୍ୟାଗ କରୁଥିବା ସମୟରେ କହିଲି, 'ଏଠାରେ ପରା ଗଞ୍ଜେଇ ଗଛ ଅଛି ?' ଜଣେ କହିଲା, 'ଆସନ୍ତୁ ଦେଖିବେ ।' ଏହା କହି ସେ ମୋ ଆଗରେ ଚାଲିଲା ଓ ମୁଁ ତାହାର ଅନୁସରଣ କଲି । ପ୍ରାୟ ପ୍ରତ୍ୟେକ ଘର ସଂଲଗ୍ନ ବାଡ଼ିରେ ଘନଭାବରେ ଗଞ୍ଜେଇଗଛ ଲାଗିଥିବା ସେ ମୋତେ ଦେଖାଇ ଦେଲା ।

ଏହି ଗ୍ରାମରେ ସଂଘଟିତ ମାଲିମୋକଦ୍ଦମା ଚନ୍ଦନନଗରରେ ବିଚାର ହେଉଥିଲା । ଗୋଟିଏ ବେଆଇନ୍ ଭାବରେ ମଦ ତିଆରି ମୋକଦ୍ଦମା ହେଲା । ବାଲେଶ୍ୱର ଅବକାରୀ ବିଭାଗର ଜଣେ କର୍ମଚାରୀ ସେହି ମୋକଦ୍ଦମା ଚନ୍ଦନ ନଗରରେ ଦାଏର କରିଥିଲେ । ଆସାମୀକୁ ତଲବ ହେଲାନ୍ତ କିନ୍ତୁ ସେ ସମନ ପାଇ ସୁଦ୍ଧା ହାଜର ହେଲାନାହିଁ । ତାହାର ଅନୁପସ୍ଥିତିରେ ସାକ୍ଷ୍ୟ ପ୍ରମାଣ ନିଆଗଲା ଓ ସେ ନିର୍ଦ୍ଦୋଷରେ ଖଲାସ ହେଲା । ବିଚାରକ ମେୟର ମୋକଦ୍ଦମା ମିଥ୍ୟା ଥିବା ରାୟ ଦେଇଥିଲେ । ଉକ୍ତ ରାୟର ନକଲ ଆସିଥିଲା । ତାହା ଫରାସୀ ଭାଷାରେ । ତହିଁର ଇଂରେଜୀ ଅନୁବାଦ ପଢ଼ି ମୋର ବାସ୍ତବରେ ଉକ୍ତି ଜାତ ହୋଇଥିଲା । ଫରାସୀ ଅଦାଲତରେ ବିଚାରର ପ୍ରଣାଳୀ ଇଂରେଜ ଅଦାଲତରେ ପ୍ରଣାଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଇଂରେଜ ଅଦାଲତରେ ଆଇନ ଏହି ଯେ ମୋକଦ୍ଦମା ଦାଏର ହେଲା ଉତ୍ତାରେ ଆସାମୀକୁ ତଲବ ହୁଏ । ସେ ସମନ ପାଇ ଅଦାଲତରେ ହାଜର ନହେଲେ ତାକୁ ହାଜର ହେବାପାଇଁ ବାଧ କରିବା ସକାଶେ ପ୍ରଥମରେ ଗିରଫଦାରୀ ୱାରେଣ୍ଟ ବାହାରେ ଓ ଏଥିରେ ମଧ୍ୟ ଯଦି ସେ ଧରା ନପଡ଼େ, ତାହାହେଲେ ତାହାର ସମ୍ପତ୍ତି କ୍ରୋକ୍ ହୋଇ ନିଲାମ ହୁଏ । କିନ୍ତୁ ଫରାସୀ ଅଦାଲତର ଆଇନ ଅନ୍ୟ ପ୍ରକାର । ସମନ ପାଇ ଆସାମୀ ହାଜର ନହେଲେ ତା'ର ଅନୁପସ୍ଥିତିରେ ଏକତରଫା ବିଚାର ହୁଏ ଓ ତାହାପ୍ରତି ଦଣ୍ଡବିଧାନ ହେଲେ ଅର୍ଥଦଣ୍ଡ ହୋଇଥିଲେ ଜରିମାନା ଟଙ୍କା ଆଦାୟ ସକାଶେ ଓ କାରାଦଣ୍ଡ ହୋଇଥିଲେ ତାହାକୁ ଗିରଫଦାର କରି ଆଣିବା ସକାଶେ ଆଇନଗତ ବ୍ୟବସ୍ଥା ପ୍ରୟୋଗ ହୁଏ । ଯଦି ଏକତରଫା ବିଚାର ବିରୁଦ୍ଧରେ ଆସାମୀ ଆପତ୍ତିକରେ ଓ ତାହା ଗୃହୀତ ହୁଏ ତେବେ ତାହା ସମ୍ମୁଖରେ ମୋକଦ୍ଦମାର ବିଚାର ହୁଏ ।

ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ସଂକ୍ରାନ୍ତ କାର୍ଯ୍ୟାବଳୀରେ ଯୋଗ ଦେଇଥିବା ଲୋକମାନଙ୍କ ବିରୁଦ୍ଧରେ ଇଂରେଜ ସରକାର ଯେତେବେଳେ ଦମନ ନୀତି ଗ୍ରହଣ କରିଥିଲେ, ସେତେବେଳେ ସେମାନଙ୍କ ପ୍ରଧାନ କାର୍ଯ୍ୟସ୍ଥଳ ହୋଇଥିଲା ଏହି ଫରାସୀଡ଼ିଙ୍ଗା । ବର୍ତ୍ତମାନ ଫରାସୀଡ଼ିଙ୍ଗା ବାଲେଶ୍ୱର ସହିତ ମିଳିତ ହୋଇଯାଇଅଛି । ଭାରତବର୍ଷରୁ ଇଂରେଜ ଶାସନ ତା. ୧୫.୮.୧୯୪୭ରେ ଲୁପ୍ତ ହେବା ସମୟରେ ଫରାସୀ ଶାସନ ମଧ୍ୟ ଲୁପ୍ତ ହେଲା ଓ ସେହିଦିନ ଫରାସୀ ସରକାରଙ୍କ ପ୍ରତିନିଧି ଆସି ଏହି ଗ୍ରାମକୁ ସ୍ୱାଧୀନ ଭାରତ ସରକାରଙ୍କ ଅଧୀନରେ ସ୍ଥାପନ କରିଦେଇଗଲେ ।

ଦିନେ ସନ୍ଧ୍ୟାରେ ଫରାସୀଡ଼ିଙ୍ଗାରୁ ଫେରୁଥିବା ବେଳେ ଦେଖିଲି, ସୁନହଟରେ ଗୋଟିଏ ସ୍ଥାନରେ ସୁନ୍ଦର କୀର୍ତ୍ତନ ଗାନ ହେଉଅଛି ଓ କୀର୍ତ୍ତନମଣ୍ଡଳୀ ମଧ୍ୟରେ ଜଣେ ଅତି ଲଳିତ ସ୍ୱରରେ ମୃଦଙ୍ଗ ବଜାଉଅଛି । ସେଠାରେ ମୁଁ ଅଳ୍ପ ସମୟ ଛିଡ଼ାହୋଇ କୀର୍ତ୍ତନ ଶୁଣିବାକୁ ଲାଗିଲି । ଶୁଣିଲି, ମୃଦଙ୍ଗ-ବାଦକ ଜଣେ ମୁସଲ୍‌ମାନ୍ । ମୁସଲମାନ୍‌ମାନେ ତାକୁ ହିନ୍ଦୁ ଗାନ ଗାଉଥିବା ଦୋଷରେ ଦୋଷୀକରି ନାନାପ୍ରକାର ଧମକ ଦେଇଥିଲେ । କିନ୍ତୁ ସେ ନମାନି ତାହାର ଜୀବିତାବସ୍ଥାରେ ହିନ୍ଦୁ ଭାଇମାନେ ତାକୁ ପୋଷୁଥିବା ଓ ତାହାର ମୃତ୍ୟୁ ଉତ୍ତାରେ ସେମାନେ ତାକୁ ମୁଠାଏ ମାଟି ଦେବେ ବୋଲି କହି ସେ ତାହାର ମୁସଲମାନ ଭାଇମାନଙ୍କ ଧମକ ପ୍ରତି ଭ୍ରୂକ୍ଷେପ କରୁନଥିଲା ବୋଲି ସେଠାରୁ ଶୁଣିଲି ।

୧୯୩୨ ମସିହା ମଇ ମାସରେ ମୋର ଦଶମ କନ୍ୟା ପୂର୍ଣ୍ଣିମାର ଜନ୍ମ ହୋଇଥିଲା । ମୋର ସ୍ତ୍ରୀ ସେତେବେଳେ ତୀବ୍ର ମାଲେରିଆରେ ଆକ୍ରାନ୍ତ । ଅଶୁଭ ଲଗ୍ନରେ ତାହାର ଜନ୍ମ ହୋଇଥିଲା । ତାହାର ଜନ୍ମର ଦୁଇମାସ ଉତ୍ତାରେ ମୋର ଦ୍ୱିତୀୟା କନ୍ୟା ତିଳୋତ୍ତମାର ଜ୍ୟେଷ୍ଠକନ୍ୟା ଜ୍ୟୋତ୍ସ୍ନାର ମଧ୍ୟ ବାଲେଶ୍ୱରରେ ଜନ୍ମ । ସେତେବେଳେ ମୋର ଜ୍ୟେଷ୍ଠା କନ୍ୟା ମନୋରମାର ସ୍ୱାସ୍ଥ୍ୟଭଙ୍ଗ ଯୋଗୁଁ ସମ୍ବଲପୁରରୁ ଶ୍ୱଶୁରାଳୟରୁ ଆସି ବାଲେଶ୍ୱରରେ ଚିକିତ୍ସା ସକାଶେ ରହିଲା । ତାହାର କ୍ରୋଡ଼ରେ ଗୋଟିଏ ଶିଶୁକନ୍ୟା । ମାତାଙ୍କ ଦ୍ୱାରା ନବପ୍ରସୂତା କନ୍ୟାର ଯତ୍ନ ହୋଇ ନପାରିବାରୁ ମନୋରମା ଓ ତିଳୋତ୍ତମା ତାହାର ସବିଶେଷ ଯତ୍ନ କରିଥିଲେ ଓ ସ୍ୱବକ୍ଷରୁ କ୍ଷୀର ଦାନ କରି ତାହାର ପ୍ରାଣରକ୍ଷା କରିଥିଲେ । ଆଜି ପୂର୍ଣ୍ଣିମା ଇହଜଗତରେ ନାହିଁ । ତା ୬.୮.୧୯୪୫ରେ ସେ ସ୍ୱର୍ଗାରୋହଣ କରି ଚାଲିଗଲା ।

୧୯୩୩ ମସିହା ଜୁନ୍ ମାସରେ ଛୁଟି ନେଇ ମୋର ତୃତୀୟା କନ୍ୟା ଅନୁପମାକୁ ଶ୍ୱଶୁରାଳୟକୁ ପ୍ରେରଣ କରିବା ସକାଶେ ସମ୍ବଲପୁରକୁ ଆସିଲି । ମୋ ସ୍ତ୍ରୀ ସେତେବେଳେ ଅତ୍ୟନ୍ତ ଅସୁସ୍ଥ । ମାଲେରିଆ ପ୍ରକୋପରେ ଚକ୍ଷୁରୋଗ ଜାତ ହୋଇଅଛି । ଦୃଷ୍ଟିଶକ୍ତି କ୍ଷୀଣ ହୋଇଅଛି । ଚକ୍ଷୁରୋଗ ବିଶେଷଜ୍ଞ କଲିକତାରେ ଡାକ୍ତର ସୁଶୀଳକୁମାର ମୁଖାର୍ଜ୍ଜୀଙ୍କ ଚିକିତ୍ସାରେ ବହୁ କଷ୍ଟରେ ତାଙ୍କର ଏହି ରୋଗର ଉପଶମ ହୋଇଥିଲା । ମୁଁ ଓ ମୋର ପୁତ୍ରକନ୍ୟା ସମସ୍ତେ ମାଲେରିଆରେ ଅତ୍ୟନ୍ତ କଷ୍ଟ ଭୋଗ କରୁଥିଲୁ । ଛୁଟିରୁ ଫେରି ମୁଁ ଦୀର୍ଘ ଛୁଟି ସକାଶେ ଦରଖାସ୍ତ କଲି ଓ ଛୁଟି ଦେବା ସମ୍ଭବ ନହେଲେ ଅନ୍ୟ କୌଣସି ସ୍ୱାସ୍ଥ୍ୟକର ଜିଲ୍ଲାକୁ ବଦଳି ପ୍ରାର୍ଥନା କଲି । କିନ୍ତୁ ଜିଲ୍ଲା କଲେକ୍ଟର ଧର୍ ସାହେବ (ଶ୍ରୀ ସତ୍ୟେନ୍ଦ୍ରମୋହନ ଧର, ଆଇ.ସି.ଏସ୍.) ମୋର ଦରଖାସ୍ତ ଉପରକୁ ପଠାଇଲେ ନାହିଁ । କହିଲେ ଯେ, ଏହି କାରଣ ଅନ୍ୟ ଅଫିସରମାନଙ୍କ ପକ୍ଷରେ ପ୍ରଯୋଜ୍ୟ । ସମସ୍ତଙ୍କୁ ଯଦି ଏହି କାରଣରେ ବଦଳି କରାଯାଏ, ତାହାହେଲେ ବାଲେଶ୍ୱରରେ କେହି ରହିବେ ନାହିଁ । ମୁଁ କେତେ ଅନୁନୟ କଲି ଶୁଣିଲେ ନାହିଁ । ମୋର ସାଧାରଣ କର୍ତ୍ତବ୍ୟ କାର୍ଯ୍ୟ କରିବା ପାଇଁ ସୁଦ୍ଧା ସେତେବେଳେ ମୁଁ ଅକ୍ଷମ । ଏହାର ଦୁଇତିନି ମାସ ପରେ ଓଡ଼ିଶାର କମିଶନର ହର୍ଣ୍ଣଲେ ସାହେବ (E.S. Hoernle, I.C.S.) ବାଲେଶ୍ୱର ପରିଦର୍ଶନରେ ଆସିଲେ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୫୩

### ॥ ୨୦୧୩ ॥

ଭିନ୍ନ ଭିନ୍ନ କାହାଣୀରେ ପରୀକ୍ଷା ନିରୀକ୍ଷା ପାଇଁ ୨୦୧୩ ଥିଲା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । 'ତୁ ମୋ ସୁନା ତୁ ମୋ ହୀରା'ର କାହାଣୀ ପ୍ରେମ ଭିତ୍ତିକ । ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଉପରେ ଗତିଶୀଳ ଥିଲା । ତେଣୁ ବିଶେଷ କିଛି କରିବାର ନଥିଲା କେବଳ ଆମ ଅନୁଯାୟୀ ଆମେ ଚିତ୍ରନାଟ୍ୟ ଓ ସଂଳାପରେ ପରିବର୍ତ୍ତନ କରିଥିଲୁ ।

ତେବେ ୨୦୧୩ର ଦ୍ୱିତୀୟ ଚଳଚ୍ଚିତ୍ର ଥିଲା 'ଦିବାନା ଦିବାନୀ' । ପ୍ରଯୋଜକ ଥିଲେ ପ୍ରମୋଦ ସ୍ୱାଇଁ । ନିର୍ଦ୍ଦେଶକ ଅଶୋକ ପତି । ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ ପାଢ଼ୀ । ତେବେ ପ୍ରଥମରୁ ନିର୍ଦ୍ଦେଶକ ଅଶୋକ ପତି ନଥିଲେ, ପ୍ରମୋଦ ସ୍ୱାଇଁ ଏ ଫିଲ୍ମ ପୂର୍ବରୁ ଅନ୍ୟ କେତୋଟି ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ତାଙ୍କ ସହ ମୋର ସାକ୍ଷାତ ଆକସ୍ମିକ । ଖୋଲା ହୃଦୟର ଲୋକ । ନିର୍ଦ୍ଦେଶକ ଅବତାର ସିଂଙ୍କୁ ନେଇ ଫିଲ୍ମଟିଏ କରିଥିଲେ 'ତୁ ମୋ ଗାର୍ଲଫ୍ରେଣ୍ଡ' । ପରବର୍ତ୍ତୀ ଚଳଚ୍ଚିତ୍ରରେ ଅବତାର ସିଂଙ୍କୁ ରିପିଟ୍ କରିବାର ଇଚ୍ଛା ଥିଲା । ଉତ୍ତମ ଭାଇ (ମହାନ୍ତି)ଙ୍କ ସହ ପ୍ରମୋଦ ବାବୁଙ୍କର ପାରିବାରିକ ସଂପର୍କ । ପ୍ରମୋଦ ବାବୁ ଚାହିଁଲେ ଏଥର ବାବୁ ସାନ୍‌ଙ୍କୁ ମୁଖ୍ୟ ଭୂମିକାରେ ନେବେ । କଥାବାର୍ତ୍ତା ଚାଲିଲା । ତେବେ କଛି କାରଣରୁ ନିର୍ଦ୍ଦେଶନା କ୍ଷେତ୍ରରୁ ଅବତାର ସିଂଙ୍କୁ ବାଦ୍ ଦିଆଯାଇ ଅଶୋକ ପତିଙ୍କୁ ଚୁକ୍ତିବଦ୍ଧ କରାଗଲା । ମୋର କିଛି ଭୂମିକା ଏଥିରେ ନଥିଲା । ଅଶୋକ ପତିଙ୍କ ସହ ମୋର ପୂର୍ବରୁ ଭଲ ବଣ୍ଡିଂ ଥିଲା । ଅଶୋକ ପତି ଏକ ତେଲୁଗୁ ଚଳଚ୍ଚିତ୍ରର କାହାଣୀ ଆଧାରରେ କାହାଣୀ ପ୍ରସ୍ତୁତ କରିଥିଲେ । ଡିଫରେଣ୍ଟ ଲଭ୍ ଷ୍ଟୋରୀ । ହିନ୍ଦୀରେ ମଧ୍ୟ ରିମେକ୍ ହୋଇଥାଏ । ନାୟିକା ଆକ୍ସିଡେଣ୍ଟରେ ସିରିୟସ୍ କଣ୍ଡିସନ୍‌ରେ ହସ୍‌ପିଟାଲରେ ଆଡ୍‌ମିସନ୍ ହେଉଛି । ହାର୍ଟ ପ୍ଲାଣ୍ଟେସନ ପାଇଁ ପ୍ରସ୍ତୁତି ଚାଲିଛି । ନାୟକ ଭୟଙ୍କର ହୋଇ ଉଠିଛି ଓ ହସ୍‌ପିଟାଲଟିକୁ ହାଇଜାକ୍ କରି ନେଇଛି ତା' ପ୍ରେମିକାର ଆରୋଗ୍ୟ ପାଇଁ । ସାଧାସିଧା ଅଟୋ ଡ୍ରାଇଭର ଥିବା ନାୟକଟି ଭୟଙ୍କର ହୋଇଉଠିଛି । ନାୟିକାଙ୍କ ବାପା (ମିହିର ଦାସ) କୋଟିପତି । ଝିଅର ଏ ପ୍ରେମକୁ ସ୍ୱୀକାର କରି ନାହାନ୍ତି । କିନ୍ତୁ ପରିଶେଷରେ ଝିଅର ପ୍ରାଣରକ୍ଷା ପାଇଁ ନିଜର ହାର୍ଟ ଦେଇ ଦେଉଛନ୍ତି । କିନ୍ତୁ ମୂଳ ଫିଲ୍ମରେ ଏ ଧରଣର କ୍ଲାଇମାକ୍ସ ନଥିଲା । ବହୁ ଆଲୋଚନା ପରେ ଆମେ କ୍ଲାଇମାକ୍ସର ପରିବର୍ତ୍ତନ କରିଥିଲୁ । ମୂଳ ଚଳଚ୍ଚିତ୍ରରେ ନାୟିକାର ମୃତ୍ୟୁ ଘଟୁଛି । ମାତ୍ର ଓଡ଼ିଆ ସେଣ୍ଟିମେଣ୍ଟ ଟିକେ ନିଆରା । କ୍ଲାଇମାକ୍ସରେ ନାୟକ କିମ୍ବା ନାୟିକାଙ୍କର ମୃତ୍ୟୁ ଟିକେ ରିସ୍କ୍ । ଆମେ କୌଣସି ପ୍ରକାର ରିସ୍କ ନେବାକୁ ପ୍ରସ୍ତୁତ ନଥିଲୁ । ତେଣୁ ମୂଳ କାହାଣୀରେ ପରିବର୍ତ୍ତନ କରିଥିଲୁ ।

ମୀନକେତନ ଏହି ଚଳଚ୍ଚିତ୍ରରେ ନାୟକ ବାବୁସାନ୍‌ଙ୍କ ବାପା ଚରିତ୍ରରେ ଅଭିନୟ କରିଥିଲେ । ମାଆ ଭୂମିକାରେ ରୁନୁ । ମିହିର ଦାସ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଥିଲେ । ଦେବାଶିଷଙ୍କୁ ଏକ ଆଗ୍ରି ପୋଲିସ ଅଫିସରର ଭୂମିକାରେ ଦେଖିବାକୁ ମିଳିଥିଲା । ଅନ୍ୟାନ୍ୟ ଭୂମିକାରେ ପିଙ୍କି ପ୍ରଧାନ, ଜୀବନ ପଣ୍ଡା ଓ ବହୁ କଳାକାର ଅଭିନୟ କରିଥିଲେ । ଗୀତ ଗୁଡ଼ିକୁ ସଂଗୀତରେ ଚମତ୍କାର ଭାବରେ ସଜାଇ ଥିଲେ ପ୍ରଶାନ୍ତ ପାଢ଼ୀ । 'ମତେ ପିଲେଇ ଦେ ଟିଣ ପଇଡ଼' ଆଇଟମ୍ ଗୀତଟି ବେଶ୍ ଆଦୃତ ହୋଇଥିଲା । ସବୁଠୁ ଆକର୍ଷଣୀୟ ଥିଲା ବାବୁସାନ୍‌ଙ୍କ ଅଭିନୟ । ହାଲ୍‌କା ଫୁଲ୍‌କା ବାବୁସାନ୍‌ଙ୍କୁ ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ସିରିୟସ୍ ଚରିତ୍ରରେ ଦେଖିବାକୁ ମିଳିଥିଲା । ବାବୁସାନ୍‌ଙ୍କ ବିପକ୍ଷରେ ମୁମ୍ବାଇରୁ ଆସିଥିବା ନାୟିକା ଥିଲେ । ଯେହେତୁ ଚଳଚ୍ଚିତ୍ରଟି ଏକ ନାୟକ ପ୍ରାଧାନ୍ୟ ଚଳଚ୍ଚିତ୍ର ଥିଲା ନାୟିକାଙ୍କ ଉପରେ ସେତେଟା ଗୁରୁତ୍ୱ ପ୍ରଦାନ କରାଯାଇନଥିଲା ।

ଏହା ଏକ ବ୍ୟୟବହୁଳ ଚଳଚ୍ଚିତ୍ର ଥିଲା । କିଛି ଘଟଣା ଦୁର୍ଘଟଣା ମଧ୍ୟରେ ଚଳଚ୍ଚିତ୍ରଟିର ସୁଟିଂ ସରି ମାର୍ଚ୍ଚ ଚାରି ତାରିଖରେ ୨୦୧୩ରେ ମୁକ୍ତିଲାଭ କରିଥିଲା । ଚଳଚ୍ଚିତ୍ରଟିକୁ ଦର୍ଶକମାନେ ଗ୍ରହଣ କରିନେଇ ଥିଲେ ।

୨୦୧୩ର ଅନ୍ୟ ଦୁଇଟି ଚଳଚ୍ଚିତ୍ର ଥିଲା 'ସପନର ନାୟିକା' ଓ 'ପ୍ରେମିକା' । ଏ ଦୁଇଟି ଚଳଚ୍ଚିତ୍ର ଦୁଇଟି ମୌଳିକ କାହାଣୀ ଉପରେ ଆଧାରିତ ଥିଲା । 'ତୁ ମୋ ଆରମ୍ଭ ତୁ ମୋ ଶେଷ' ଚଳଚ୍ଚିତ୍ର ପରେ ପ୍ରଯୋଜକ ରବୀନ୍ଦ୍ର ପଣ୍ଡା ଅନ୍ୟତମ ସହ ପ୍ରଯୋଜକ ଅର୍ଣ୍ଣବବାବୁଙ୍କ ସହ ମିଶି ଆଉ ଗୋଟିଏ ଚଳଚ୍ଚିତ୍ରର ପ୍ରଯୋଜନା ପାଇଁ ମନସ୍ଥ କରିଥାନ୍ତି । ମୁଁ ମଧ୍ୟ ସ୍କ୍ରିପ୍ଟ କାମ ଆରମ୍ଭ କରିଦେଇଥାଏ । ଜଣେ ଅଭିଜ୍ଞ ସହନିର୍ଦ୍ଦେଶକଙ୍କୁ ଏହି ଫିଲ୍ମରେ ନିର୍ଦ୍ଦେଶକ ଭାବରେ ନେବାପାଇଁ ସ୍ଥିର କରାଯାଇଥାଏ ।

ତେବେ ଏ ସମୟରେ ହଠାତ୍ ଦେଖାହୁଏ ନିର୍ଦ୍ଦେଶକ ରାଜ ପ୍ରଦୀପଙ୍କ ସହ ପ୍ରଯୋଜକ ନିରଞ୍ଜନ ପଣ୍ଡାଙ୍କ ୟୁନିଟ୍‌ରେ । ସେତେବେଳେ ନିରଞ୍ଜନ ପଣ୍ଡାଙ୍କ ପାଖରେ ନିର୍ଦ୍ଦେଶନା ପାଇଁ ରାଜ ପ୍ରଦୀପ ଚେଷ୍ଟା ଚଳାଇଥାନ୍ତି । ମୂଳତଃ ରାଜ ପ୍ରଦୀପ ଜଣେ ନୃତ୍ୟ ନିର୍ଦ୍ଦେଶକ । ମୁମ୍ବାଇରେ ଗୋଟିଏ ନୃତ୍ୟ ଅନୁଷ୍ଠାନ ଚଳାଉଥାନ୍ତି । ନିରଞ୍ଜନ ରାଜପ୍ରଦୀପଙ୍କ ସହ ମତେ ପରିଚୟ କରାଇଥାନ୍ତି । ରାଜ ପ୍ରଦୀପ ରବୀନ୍ଦ୍ର ପଣ୍ଡାଙ୍କ ସହ ମିଶିଲେ । ଏକ କାହାଣୀ ଶୁଣାଇଲେ । ମୌଳିକ କାହାଣୀ । କାହାଣୀଟି ଆମକୁ ଭଲ ଲାଗିଲା । ଜଣେ ସାଧାରଣ ଯୁବକ ଜଣେ ପ୍ରତିଷ୍ଠିତା ଅଭିନେତ୍ରୀଙ୍କ ପ୍ରେମରେ ପଡ଼ିଯାଉଛି । ଘଟଣାକ୍ରମେ ଅଭିନେତ୍ରୀଙ୍କ ସ୍ମୃତିଶକ୍ତି ଲୋପ ପାଇଯାଉଛି । ନାୟକ ତାଙ୍କୁ ନିଜ ଘରେ ରଖିଛି । ଖଳନାୟକ ସହ ସଂଘର୍ଷ ହୋଇଛି । ଚଳଚ୍ଚିତ୍ରଟିରେ ଦୀପକ ଥିଲେ ନାୟକ, ନାୟିକା ଭାବରେ ପିଙ୍କି ପ୍ରିୟଦର୍ଶିନୀ । ଅନ୍ୟାନ୍ୟ ଭୂମିକାରେ କେ.କେ, ଶ୍ରୀତମ ଦାସ, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ । ଦୈତାରୀ ପଣ୍ଡାଙ୍କ ଏହା ଥିଲା ପ୍ରଥମ ଚଳଚ୍ଚିତ୍ର । ତାଙ୍କ କଂଠରେ ମୁଁ ରାଘବ, ଜଙ୍ଗଲୀ ବାଘ, ମାରେ ଫ୍ରେସ ଖାଏ ଫ୍ରେସ୍ ବେଶ ରୋଚକ ଥିଲା । (କ୍ରମଶଃ)

## କବିତା .....

### ॥ ତମ ପ୍ରତୀକ୍ଷାରେ ॥

ବୃନ୍ଦାବନ ଦାସ



ଏକଦା,
ମୁହୂର୍ତ୍ତଟିଏକୁ ଟିପେ ଅଙ୍ଗୁଳି ଛୁଆଁରେ
କି ରଙ୍ଗ ନାଇଦେଲ ଯେ
ଆଜି ବି ତ' ସେ ଯୋଜନ ଯୋଜନ ଦୂରରେ
କେଉଁ ସମ୍ମୋହିତ ମନ୍ତ୍ରରେ ଦାଉ ଦାଉ
ଆଖି ଝଲସଉଛି ।

ଅତୀତ ତମକୁ ଛୁଏଁନି ବୋଲି
ଏବେ କେଉଁଠି ନା' କେଉଁଠି
ଅସ୍ତିତ୍ୱର ବୈଭବରେ ତମେ ବେଶ୍ ପରିପୂର୍ଣ୍ଣ
ମୁଁ ବି ତମ ପୃଥିବୀର ଜଞ୍ଜାଳ ବାହାରେ
ଯେଉଁଠି କେବଳ ମୁଁ ଥାଏ, ସ୍ୱପ୍ନସବୁ ମୋ
ଦିନ ଗଣୁଥାନ୍ତି ଅସମ୍ଭବ ଆତ୍ମ ପ୍ରତ୍ୟୟରେ
ତଥାପି ତମ ପ୍ରତୀକ୍ଷାରେ ।

ଅଜଣାତରେ କେତେବେଳେ
ମୁଁ ତମ ମେଘବର୍ଣ୍ଣ ଭ୍ରୂଲତା ଛୁଇଁ
ତମ ଥରଥର ଓଠରୁଁ ଟିକେ ଦୂରତାରେ
ଲୋଟି ପଡୁଥାଏ ଚଇତାଳି ବାଆ ହୋଇ ।
ଦିନୁଦିନୁ ସମୟ ପରିପକ୍ୱ ହେଉଥାଏ
ମୁଁ ବି ହଜି ସାରିଥାଏ ତମ ଆଖପାଖରୁ
କେବେଠୁଁ ଶୁଖିଲା ପତ୍ରପରି
ସମୟ ସୁଅରେ ଭାସି ଚାଲିଥାଏ ମୁଁ ଯେ
ବିଶିଷ୍ଟ ସେ ମୁହୂର୍ତ୍ତ
ଜହ୍ନହୋଇ ଓଦା କରୁଥାଏ ହୃଦୟକୁ
ସରୁନଥାଏ ସ୍ରୋତ କି ଗତି
ଛୁଇଁ ପାରୁନଥାଏ ମୁଁ ଠିକଣା ।

ହଁ, ତମେ ଥାଅ
ବେଢ଼ି ରହିଥାଅ ଚାରିପଟେ
ଏଇଠୁ କେଉଁଠୁ ତମ
ଦେହଗନ୍ଧରେ ବିଭୋର
ପବନ ତା' ହାତ ସାଉଁଳାରେ
ଆମୋଦିତ କରୁଥାଏ ମୁହୂର୍ତ୍ତକୁ ମୁହୂର୍ତ୍ତ ।

କମିବା ବଦଳରେ
ଶୋଷ ବି ବଢୁଥାଏ ପୂର୍ବଠୁ ଅଧିକ
ତମପାଇଁ ମହମହ ଅସରନ୍ତି ପ୍ରତୀକ୍ଷାର ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧


### ॥ ସ୍ମୃତିପୃଷ୍ଠା ॥

ଡ. ମମତା ପ୍ରିୟଦର୍ଶିନୀ ସାହୁ



ହଁ ! ଲେଖିଦେବି ଆଜି
ନିଜ ପାଇଁ ଦୁଇ ଚାରି ଧାଡି ,
କେତେ ଆଉ ଜମାଟ ବାନ୍ଧିବେ ଯେ
ଏ ଅଗଣିତ ଦୀର୍ଘଶ୍ୱାସ ସବୁ !

ମନ ଅଗଣାରେ ମଲାଜହ୍ନ
ସାଉଁଟି ଚାଲିଛି ମଲାସ୍ୱପ୍ନର ଲୁହ
ଅଲଭ୍ୟ ଅସଂଖ୍ୟ ମୁହୂର୍ତ୍ତ ମାନଙ୍କରେ ।

ତାଳିପକା ଶାଢୀର ଫଟାପଣତେ
ସଂଖୋଳିବା ଅସଂଭବ ହୋଇପଡୁଛି
ଦିନ,ରାତି, ଫୁଲ, ଫଳ ଆଉ
ଯେତେକ ଆନମନା କୋଳାହଳ ।

ଅବିକା...
ମୋର ସେର ସେର ଦରଦ
ମାଣ ମାଣ ଲୁହର ପସରା
ନିଃଶ୍ୱାସ ଆଉ ପଞ୍ଜରା ନେଇ
ତିଆରୁଛନ୍ତି ବଜ୍ର ଆଉ ବିଜୁଳି ।

କବିତା କହିବ ଲୁହର କାହାଣୀ
ଝଡ ଝଞ୍ଜାରୁ ବର୍ତ୍ତିଯାଇଥିବା
ଦୁର୍ବଳ ଜୀବନର ଗାଥା ।

ଏ ଶବ୍ଦ ମାନେ ସାଉଁଟିବେ
ମୃତବତ୍ ପୃଥିବୀର ଅଲରା କେଶ
ସଜାଡିବେ ବିକ୍ଷିପ୍ତ ହୋଇ ପଡିଥିବା
ତାର ରକ୍ତ, ମାଂସ, ହାଡ ଓ ପ୍ରାଣକୁ ।

ହଁ....ଲେଖିବି ତ ନିଶ୍ଚୟ
ଜଡ ଜର୍ଜର ହୃଦୟ ବାର୍ତ୍ତା
କଠିନ ମର୍ମର ପ୍ରେମର କଥା
ଲେଖିବି , ହଁ ହଁ ଲେଖିବି
ଲୁହର ଥୋପରେ ଭର୍ତ୍ତି
ଦାରୁଣ ଜୀବନର ଗାଥା ।


♥ ଓଡିଆ ଅଧ୍ୟାପିକା, ସରକାରୀ ଏସ୍
ଏସ୍ ଡି, ଏଚ୍ ଏସ୍ ଏସ୍, ଯୁକ୍ତ ଦୁଇ
ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା,
ସୁନ୍ଦରଗଡ
ମୋ: ୯୩୩୭୦୬୭୧୮୬


### ॥ ବ୍ୟାସ ବିହାରରେ ବର୍ଷା ॥

ମାଧବାନନ୍ଦ ପାତ୍ର



ବର୍ଷା ଟୋପା
ବ୍ୟାସବିହାରର ମାଟି ଛୁଇଁବ ମାନେ
ଭିଜାଇଦେଇଯିବ ହଜାରେ ହୃଦୟ ।
ପ୍ରତିଟି ବର୍ଷାବିନ୍ଦୁ ନୂଆ ନୂଆ ଲାଗୁଥିବ ପ୍ରତିଥର,
ପ୍ରେମିକାର ପ୍ରଥମ ଛୁଆଁ ପରି ।
ବ୍ୟାସବିହାର ଦେହସାରା ମହୁଆ ମାଟିର ବାସ୍ନା,
ମନେହେବ ପ୍ରେମିକାର
ଝାଳୁଆ ଦେହର ନିଶାରେ
ଗୋଟାପଣେ ଜୁଡୁବୁଡୁ
ଗୋଟାପଣେ ନିଶାସକ୍ତ
ତମାମ ପ୍ରେମିକ ବ୍ୟାସବିହାର ।

ଭାଷା ସାହିତ୍ୟ ବିଭାଗରୁ ସିଧା ଦିଶୁଥିବ
ଦୂର ସ୍ୱର୍ଣ୍ଣଚୂଡ଼ ପାହାଡ଼,
ଗଞ୍ଜେଇର ଧୂଆଁଳିଆ ପରିବେଶ ତା ଚାରିପାଖେ,
ଗଞ୍ଜେଇ ଟାଣିବା ପରେ ଶିବଙ୍କ ଆଖିପରି
ଲାଲ ଦିଶୁଥିବ ଆକାଶ ।

ଲେଡ଼ିଜ ହଷ୍ଟେଲର ବାଲକୋନୀରୁ
ଉଡୁଥିବ ନାଲି କୃଷ୍ଣଚୂଡ଼ା,
ହଷ୍ଟେଲର ପରିଧି ଡେଇଁ
ପ୍ରେମିକର ସ୍ୱପ୍ନକୁ ବେଶୀ ରଙ୍ଗୀନ କରୁଥିବ
ଫୋନରେ ଭାସିଆସୁଥିବା
ଲିପଷ୍ଟିକ ବୋଳା ଶେଷ ଗୋଟେ ଶବ୍ଦ ।

କିଛି ପିଲା ଛତା ଧରି ମୁହାଁଇବେ
ଚା'ଖଟି ଆଡେ,
ଗରମ ଗରମ କଫିରେ
ଉଷୁମ ହେଇ ଆସିବ ମନତଳ ।
ଦୁଇ ଓଠ ଛୁଆଁ ପାଇ
ସରମରେ ଝାଉଁଳିସାରିଥିବ
ଡଷ୍ଟବିନରେ କାଗଜର ଗ୍ଲାସ ।

ଅଚାନକ ବର୍ଷାରେ
ଡିପାର୍ଟମେଣ୍ଟ ତଳେ
ଅପେକ୍ଷା କରିଥିବ ଛାତ୍ରୀଟିଏ
ଫେରିବାକୁ ନିଜ ହଷ୍ଟେଲକୁ,
ବଢୁଥିବା ବର୍ଷାରେ ଗଜା ମାରୁଥିବ ସ୍ୱପ୍ନ,
ଠିକ ଭୁଲ ଭାବିହେଉଥିବ କେଉଁ କଥାର,
ଏଣୁତେଣୁ କଣ ଗୁଡ଼ାଏ ଭାବୁ ଭାବୁ
ପାଖରେ ଛିଡା ହୋଇଥିବା କେଉଁ ଛାତ୍ରର ଆଖିରୁ
ତୋଳି ଆଣିସାରିଥିବ ତାରୁଣ୍ୟ ।

ଦଲକାଏ ପବନ ଇସାରା ଦେବ
ବର୍ଷା ଛାଡିବାର,
ଧୀରେ ଧୀରେ ଝିଂଟିକାମାନେ
ଡେଇଁବେ ଏଣେତେଣେ,
ବହିରୁ ମନକୁ, ମନରୁ ଦେହକୁ
ଡିପାର୍ଟମେଣ୍ଟରୁ ପିଜିସି ଅଫିସ ଆଗକୁ,
ଠିକ କ୍ୟାଣ୍ଟିନର ଗଳିପାଖେ ତରଳିଯିବ
ଗୋଟେ ଥର ଓଠ ଛୁଇଁଥିବା ଆଇସକ୍ରିମ ।

ସେତେବେଳେ ଆକାଶ ଦିଶୁଥିବ ନାଲି,
କ୍ୟାମ୍ପସର ଦେହସାରା କୃଷ୍ଣଚୂଡ଼ାର ପାଖୁଡା,
ଆଉ ମନରେ
ସାଧବବୋହୂ ଖେଳୁଥିବ ଲୁଚକାଳି
ମନରୁ ଦେହକୁ, ଦେହରୁ ମନକୁ,
ବ୍ୟାସବିହାର ଗୋଟାପଣେ ଓଦା ।


♥ ଜ୍ଞାନମନ୍ଦିର, କଲେଜପାଖ,
ମଦନପୁର, କେନ୍ଦ୍ରାପଡ଼ା
ମୋ -୯୯୩୭୨୧୨୭୯୫


ରାଜେଶ ପୂଜାରୀ

### ॥ ମଞ୍ଚ ଦେବତା ॥



ସୁମଧୁର ସ୍ୱର
ଅନନ୍ୟ ସାଧନା
ସକଳେ ଭ୍ରମଣ କର
ହେ ସ୍ରୋତ ଆନନ୍ଦର

ପ୍ରଖର ଅସ୍ତିତ୍ୱ
ଶୀତଳ ଆଲତୀଗାନ,
ମୁଁ ତ୍ୱର ମହାଭାବ
ଶୂନ୍ୟତାର ପାରିଧିରେ
ପରିପୂର୍ଣ୍ଣତାର ଜ୍ଞାନ
ନାମର ଅବଗାହନ
ଆରୋହ ଅବରୋହ
କୁବେର ସମ୍ପତ୍ତି
ଇନ୍ଦ୍ର ବିଭୂତି ଯା' ପାଖେ ତୁଚ୍ଛ ପ୍ରାୟ
ହେ ଚୈତନ୍ୟ
ନିର୍ଲିପ୍ତ ସମାଧି, ସଞ୍ଚାର ନବବାର୍ତ୍ତା
ମାୟା ପରଳ
ଦୁଃଖ କରାଳ ଦୂରାଅ ଆବିଳତା
କେହିଜଣେ ପଦଚର ଅଣ୍ଡାଳୁ ଲକ୍ଷ୍ୟ
ସମୟ ସାକ୍ଷ୍ୟ
କେତେ ଯେ ମନୋହର
ପ୍ରେମ ଝରୁ ନିରନ୍ତର

ପ୍ରତିଟି ମଞ୍ଚରେ କେବଳ ତୁମେ ହିଁ ତୁମେ
ମନ୍ଦ୍ର ମରୁତ ସରଜୁ ଜୟଗାନ
କେବଳ ତୁମରି ନାମେ ।


♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

## ପ୍ରେମରେ୍ ପ୍ରେମରେ୍ ଗୀତି ....(୫୨)



### ॥ ଉଡ଼ିଗଲ !! ତୁମେ ଉଡ଼ିଗଲ !! ॥

ଉଡ଼ିଗଲ ! ତୁମେ ଉଡ଼ିଗଲ
ଗଢ଼ିଥିବା ତୁମ ଛୋଟ ନୀଡ଼ଟାକୁ ଭାଙ୍ଗିଦେଲ !
ଉଡ଼ିଗଲ !! ତୁମେ ଉଡ଼ିଗଲ !!!

ଦେଉଥିଲ ଯେବେ ଖଣ୍ଡିଉଡ଼ା ସେବେ
କଥା ସବୁ ଗଲ ଭୁଲି,
ବିଶାଳ ଆକାଶେ ଉଡ଼ିବାକୁ ଏକା
ସାହସ ମୁଁ ଦେଇଥିଲି,
ତୁମେ ପରଦେଶୀ ଚଢ଼େଇଟେ ବୋଲି
ସ୍ୱପ୍ନ ସବୁ ଭାଙ୍ଗିଦେଲ ।
ଉଡ଼ିଗଲ ! ତୁମେ ଉଡ଼ିଗଲ !!

ସଂଜ ବାଟଭୁଲା ପକ୍ଷୀଟିଏ କାଲେ
ସକାଳେ ଆସିବ ଫେରି,
ଚାହିଁଚାହିଁ ତୁମ ଆସିବା ପଥକୁ
ଆଖି ପାଣି ଗଲା ମରି,
କେମିତି ଭାବିବି ନିଜେ ଗଢ଼ିଥିବା
ନୀଡ଼ ନିଜେ ଭାଙ୍ଗିଦେଲ ।
ଉଡ଼ିଗଲ ! ତୁମେ ଉଡ଼ିଗଲ !!

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୮)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧

### ॥ ଚନ୍ଦ୍ରସେଣାର ଚାପୁଡ଼ା ॥

ବ୍ୟୋମକେଶ ତ୍ରିପାଠୀଙ୍କ ଠାରୁ ନିରାଶରେ ଫେରି ଆସିଲି ସିନା ହତାଶ ହେଲିନି । ନାଟକ ନିମନ୍ତେ ମୋର ଦୃଢ଼ ଆତ୍ମବିଶ୍ୱାସ ମୋତେ ଅସ୍ଥିର କରି ପକେଇଲା । ଦିନଯାକ ଭାବିଲି, କେଉଁ ପରିପ୍ରେକ୍ଷୀରେ ସ୍ୱାମୀ ସ୍ତ୍ରୀକୁ ଚାପୁଡ଼ାଏ ପିଟିବ । ମୁଁ ତ ଅବିବାହିତ, ସ୍ୱାମୀ ସ୍ତ୍ରୀ କଳହ ସମ୍ବନ୍ଧରେ ମୋ ଅଭିଜ୍ଞତା ଆସିବ କୋଉଠୁ ? ବାପା ମାଆ, କାକା ଖୁଡ଼ୀ, ମାମୁ ମାଇଁ କଳି ଲାଗନ୍ତି ହେଲେ ଏମିତି ତିନୋଟି ଚାରୋଟି ସଂଳାପ ଭିତରେ କଳି ତ କ୍ଲାଇମାକ୍ସକୁ ଯାଏନାହିଁ । ରାତି ହେଇଗଲା, ନିଦ ହେଉନଥାଏ, ଏ ସମୟରେ ହଠାତ୍ ମୋର ରାଧା-କୃଷ୍ଣ ଓ ଚନ୍ଦ୍ରସେଣାଙ୍କ କଥା କହୁଥିବା ଜଣେ ଯାତ୍ରା ଓସ୍ତାଦ୍‌ଙ୍କୁ ମନେ ପଡ଼ିଲା ରାଧା କୁଞ୍ଜକୁ ଯାଆନ୍ତି କୃଷ୍ଣଙ୍କ ସହିତ କେଳି କରନ୍ତି ଏବଂ ଫେରିଲେ ଫେରନ୍ତି ଚନ୍ଦ୍ରସେଣା, ରାଧାଙ୍କ ସ୍ୱାମୀ । ଏହି ପୌରାଣିକ ଚରିତ୍ର ତିନୋଟିଙ୍କୁ ଉପଜୀବ୍ୟ କରି କଲମ ଧରିଲି । ଏହି ଚରିତ୍ରମାନେ ଜନସମାଜରେ ପରିଚିତ, ଆଲୋଚିତ । ତେଣୁ ଅଧିକ ପରିଚୟ ଦେବାର ଆବଶ୍ୟକତା ପଡ଼ିଲାନି । ଆରମ୍ଭ କଲି-

'ଚନ୍ଦ୍ରସେଣାର ଚାପୁଡ଼ା'

ଚନ୍ଦ୍ରସେଣାର ବାରଣ୍ଡା, ରାତ୍ରି ପ୍ରାୟ ନଅଟା, ଚନ୍ଦ୍ରସେଣା ଏପଟସେପଟ ହେଉଥାଏ । ରାଧା ଆସେ ବାହାରୁ ।

ଚନ୍ଦ୍ରସେଣା- ରାଧା, ଏତେ ରାତି ପର୍ଯ୍ୟନ୍ତ କୋଉଠି ଥିଲୁ...

ରାଧା- କୁଂଜରେ କୃଷ୍ଣଙ୍କ ପାଖରେ...

ଚନ୍ଦ୍ରସେଣା - କଣ କହିଲୁ ? (ଭିଡିଯାଏ)

ରାଧା- (ପରିହାସ ଛଳରେ ହସି ଉଠେ ଚିତ୍କାର କରି)

ଚନ୍ଦ୍ରସେଣା- (ନିଜର ଦୁର୍ବଳତାକୁ ଲୁଚେଇବାକୁ ଯାଇ ଚାପୁଡ଼ାଏ ପିଟେ) ଆହୁରି ହସୁଛୁ ?

ରାଧା- (ରାଧା ଜୋରରେ ହସେ ଏବଂ ସେ ହସର ପ୍ରତିଧ୍ୱନିରେ ଚନ୍ଦ୍ରସେଣା ଲଜ୍ଜିତ ହୁଏ)

ଲେଖି ଦେଇ ନିଶ୍ଚିନ୍ତରେ ଶୋଇଗଲି, ରାତି ପାହିଲା କ୍ଷଣି ବାହାରିଲି ଅନ୍ନପୂର୍ଣ୍ଣା କ୍ୟାମ୍ପ ଆଡ଼େ । ଗତଦିନ ଭଳି ସାକ୍ଷାତ କଲି, ମୋ ହାତରେ ଖାତା ଖଣ୍ଡେ ଥିବାର ଦେଖି ସେ ପଚାରିଲେ- 'କଣ ହେଇଗଲା' ? ଅତି ବିନୀତ ତଥା ଉତ୍ସାହିତ ହୋଇ କହିଲି- ହଁ ସାର୍ ଲେଖିଛି ତ ।

ସେ ମୋ ହାତରୁ ଖାତାଟି ନେଇ ପଢ଼ିଲେ-

ପ୍ରଶ୍ନ- ତମ ନାଟକର ନାଁ ଦେଇଛ 'ଚନ୍ଦ୍ରସେଣାର ଚାପୁଡ଼ା', ଏହାର ଅର୍ଥ ?

ଉତ୍ତର- ଆମେ ଜାଣିଛୁ ଚନ୍ଦ୍ରସେଣା ଜଣେ ନପୁଂସକ, ନିଜ ସ୍ତ୍ରୀ ଉପରେ ପୁରୁଷ ପଣିଆ ଦେଖାଇବାକୁ ଯାଇ ଚାପୁଡ଼ା ମାରିବାଟା ଯେମିତି କାପୁରୁଷତା ଆଉ ସେ ମାଡ଼କୁ ହସିହସି ବେଖାତିର କରିବାଟା ସେହିପରି ରାଧାର ଦାମ୍ଭିକତା ।

ପ୍ରଶ୍ନ- ଆଚ୍ଛା ଚରିତ୍ର ଦୁଇଟି ସାମାଜିକ ନା ପୌରାଣିକ ?

ଉତ୍ତର- ସାମାଜିକ କିନ୍ତୁ ନାମ ତାଙ୍କର ପୌରାଣିକ ।

ପ୍ରଶ୍ନ- ସାମାଜିକ ଚରିତ୍ରମାନଙ୍କର ପୌରାଣିକ ନାମ ଦେବାର ଉଦ୍ଦେଶ୍ୟ ?

ଉତ୍ତର- ଯେହେତୁ ଏହି ଦୁଇଟି ନାମ ଓ ତାଙ୍କର ପୌରାଣିକ ପୃଷ୍ଠଭୂମି ବହୁଜନ ବିଦିତ । ତେଣୁ ଚରିତ୍ରଟିର ନାମ ଏପରି କରିଦେଲେ କାହାଣୀର ଉପକ୍ରମ ଆବଶ୍ୟକ ପଡ଼ିବ ନାହିଁ । ଚନ୍ଦ୍ରସେଣା ଓ ରାଧାଙ୍କୁ ଯେହେତୁ ସମସ୍ତେ ଜାଣନ୍ତି ସେଥିପାଇଁ ତାର ରାଧାକୁ ଆକଟ କରିବା, ରାଧାର କୃଷ୍ଣ ପାଖକୁ ଯିବା ଆଦି ଘଟଣା ସାମାଜିକ ପରିପ୍ରେକ୍ଷୀରେ ପୌରାଣିକ ରଂଗ ମାରି ସ୍ପଷ୍ଟିକରଣ ଦେବା ସହଜସାଧ ହେବ । ସେଥିପାଇଁ ମୁଁ ଏପରି ନାମକରଣ କରି ମୋ ପରୀକ୍ଷାର ସାମ୍ନା କରିଥିଲି । ସେଇଠୁ ବ୍ୟୋମକେଶ ସାର୍ 'ସାବାସ୍' 'ସାବାସ୍' କହି ଗଦଗଦ କଣ୍ଠରେ କହିଥିଲେ ଆମ ବାଲେଶ୍ୱର ମାଟିକୁ ଆଉ ଜଣେ ଯୋଗ୍ୟ ନାଟ୍ୟକାର ମିଳିଗଲା । ସେ ମୋ ହାତକୁ ମୋ ଖାତା ବଢ଼େଇ ଦେଇ ତାଙ୍କ ପକେଟରୁ ଏକ wing sung କଲମ (ସେତେବେଳେ ସେ କଲମ ଥିଲା ଅତି ମୂଲ୍ୟବାନ) ମୋତେ ଦେଇ କହିଥିଲେ- ତମ ଭିତରେ ନାଟକ ଲେଖିବା ପାଇଁ ସ୍ପୃହା ମୋତେ ଆଶ୍ଚର୍ଯ୍ୟ କରିଛି, କିନ୍ତୁ ମନେରଖ ସାଧନା ନକଲେ ସିଦ୍ଧିଲାଭ ହୁଏନି, ତେଣୁ ସାଧନା ଜାରି ରଖ ସଫଳତା ପାଇବ, ନିଶ୍ଚୟ ପାଇବ । ତମେ ନାଟକ ଲେଖିବାର ପରୀକ୍ଷା ଦେଇ ପାସ୍ କରିଛ ।

ମୁଁ କଲମଟି ଧରି ଆସିଲି, ଅନେକ ଦିନଧରି ଅନେକଙ୍କୁ କହିଲି, କିନ୍ତୁ ସେ କଲମରେ କାଳି ପୂରେଇଲି ନାହିଁ କି ଲେଖିଲି ନାହିଁ । କାଳି ଦେଇଦେଲେ କଳା ହେଇଯିବ, ମୋ ପୁରସ୍କାର ପୁରୁଣା ହେଇଯିବ ଏଇ ମନସ୍କତାରେ ସେ କଲମଟିକୁ ସେମିତି ରଖିଛି । ତା' ପରେ ସେହି ଧାରାରେ ଅନେକ ଛୋଟ ନାଟକମାନ ଲେଖିଲି । ତା' ଭିତରୁ କେତେକଙ୍କୁ ବଡ଼ ନାଟକମାନଙ୍କ ମଝି ମଝିରେ ଉପସ୍ଥାପନ କରି ଆନନ୍ଦିତ ହେଲି, ଏହି ଛୋଟ ନାଟକ ରଚନା କଲା ବେଳକୁ ମୁଁ ଏତେ କଥା ଭାବି ନଥିଲି । ଯାହା ବ୍ୟୋମକେଶ ସାର୍ କହିଲେ, କିନ୍ତୁ ସେହିଦିନ ଠାରୁ ମୋର ଅନେକ ନାଟକରେ ମିଥ୍‌ର ପ୍ରୟୋଗ କରି ମୁଁ ନାଟକଗୁଡ଼ିକୁ ଅଧିକ ସଫଳ କରିବାରେ ସମର୍ଥ ହୋଇଛି । ପରବର୍ତ୍ତୀ କାଳରେ ସ୍ୱର୍ଗତ ବ୍ୟୋମକେଶ ତ୍ରିପାଠୀଙ୍କ ସହିତ ଅନେକ ଥର ସାକ୍ଷାତ ହୋଇଛି । ମୋ ସହିତ ଅନେକ ଆଲୋଚନା ବି ହୋଇଛି, ମୋ ସଫଳତାରେ ସେ ଆନନ୍ଦିତ ହୋଇଛନ୍ତି । ଏମିତି ଥରେ ଦଶପଲ୍ଲାରେ ସେ ସୁଟିଂରେ ଥାଆନ୍ତି, ସେଠାରେ ମୋ ନାଟକ ଯୋଡ଼ିମହୁରୀ ମଂଚସ୍ଥ ହେଉଥାଏ, ତାଙ୍କୁ ମୁଖ୍ୟଅତିଥି ଭାବରେ ନିମନ୍ତ୍ରଣ ହେଲା, ସେ ମୋ ନାମର ନାଟକଟି ଦେଖି ଆତ୍ମହରା ହୋଇ ଏହି କଥାଟି କହି ପକେଇ ଥିବାର ମୁଁ ଶୁଣିବାକୁ ପାଇଲି, ଯାହାକି ମୋତେ ଅନେକ ସନ୍ତୋଷ ଦେଇଥିଲା । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୧୧

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮



**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

ଏଇତ ଆମ ଶ୍ରୀମୟୀ କ୍ଲବର ପ୍ରେସିଡେଣ୍ଟ ଆଜି ଫୋନ୍ କଲ କରି କହିଥିଲେ - କିଛି ସମୟ କାଢ଼ି ଆସନ୍ତୁ ନା' ମାଡାମ୍...। ଧୂମ୍‌ଧାମରେ ରଜ ପର୍ବ ପାଳନ କରିବା ପାଇଁ ସମସ୍ତ ସଭ୍ୟା ଖୁବ୍ ତତ୍ପର । ବହୁତ କିଛି ନୂଆ ଆଏଟମ୍ ଏନ୍‌ଜୟ କରିବାକୁ ଅଛି । ପ୍ଲିଜ୍ ଅଳ୍ପ ସମୟ ପାଇଁ ହେଲେବି ଆସନ୍ତୁ...ନିଶ୍ଚୟ... !

ମା'ଙ୍କ ଥକିଲାପଣକୁ ଦୂରକରିବା ପାଇଁ ମୁଁ ପାଣି ଗ୍ଲାସ୍‌ଟେ ବଢ଼େଇ ଦେଇ କହିଲି - ତମ କ୍ଲବର ପ୍ରେସିଡେଣ୍ଟ ଯଦି ଏତେ ଅନୁନୟ କରି ଡାକୁଛନ୍ତି ଯାଉନ, ସମସ୍ତଙ୍କ ସଙ୍ଗେ ମିଳିମିଶି କିଛି ସମୟ ବିତେଇବେ ! ମୋ ଉପରେ ସମସ୍ତ ଦାୟିତ୍ୱ ଛାଡ଼ିଦେଇ ନିର୍ଦ୍ୱନ୍ଦରେ ତମେ ଯାଅ । ଅଖିଳ ତ ଅଛନ୍ତି ନା, ମତେ ସାଥି ଦେବାକୁ ! ଏଣୁ ଏତେ ଚିନ୍ତା କରନି ତମେ । କେବଳ ଆଜି ନୁହେଁ ଜୀବନ ଜଞ୍ଜାଳ ଭିତରୁ ଅଳ୍ପଅଳ୍ପ ସମୟ ସଞ୍ଚୟ କରି ନିଜ ସନ୍ତୁଷ୍ଟି ପାଇଁ ତମେ କିଛି କର ମା ! ନଚେତ୍ ଠିକ୍ ଠାକ୍ ରହିପାରିବନି । ଦେହରେ ମନରେ ଯଦି ତମେ ସୁସ୍ଥ ସବଳ ନ ରହିବ ତେବେ ଏ ବୁଢ଼ିଆଣୀ ଜାଲ ଭିତରୁ ଆମେ ମୁକୁଳିବା କେମିତି !

ହଁ କି' ନାହିଁ, କିଛି ନକହି ଚୁପ୍‌ଚାପ୍ ମା' ମୋ' ପାଖରୁ ଉଠିଯାଇ ଗୁଣୁଗୁଣେଇ କହିଲେ- ଠିକ୍ କଥା କହିଛୁ ତୁ ଚିତ୍ରା...ଦୁଃଖ ତ' ଲାଗି ରହିଛି...। ତାକୁ ଅର୍ଘ୍ୟ ଥାଳିରେ ଧୂପଦେଇ ପ୍ରତିଦିନ ବନ୍ଦାପନା କଲେ ସେ କାହିଁକି ଆମ ପାଖରୁ ଦୂରେଇ ଯିବ ଯେ ! ନା, ଯାହାହେଲେ ବି ମନକୁ ଏଥର ବୁଝେଇବାକୁ ପଡ଼ିବ... ଯାହା ହେଉଛି ତ ଯାହା ହେବାକୁ ଯାଉଛି... ସବୁ ଭଲ । ଖୁବ୍ ଭଲ । କାରଣ ଯେତେ ଚେଷ୍ଟା କଲେବି କାହା ଯନ୍ତ୍ରଣାକୁ ଆମେ ମୂଳପୋଛ କରିପାରିବା କି ! ବରଂ ଯନ୍ତ୍ରଣାକୁ କେହି ବୁଝୁ ଓ ଭାଗକରି ନେଉ...ନିଶ୍ଚୟ ରହିଁବା । ଏଇତ ଆତ୍ମୀୟତା...ନିବିଡ଼ ସମ୍ପର୍କର ଉଦାହରଣ ।

ହେଲେ ଏ ସମ୍ପର୍କ... ଏ ଆତ୍ମୀୟତାକୁ କେମିତି କିଏ ମନରୁ ମୂଳପୋଛ କରିଦିଏ । ପଛ ସ୍ମୃତିକୁ ମନେ ପକାଏନି କି ଝୁରି ହୁଏନି ସୁକୁମାର ସ୍ନେହର ସୁଡ଼ଙ୍ଗ ଭିତରେ ବନ୍ଧୁତ୍ୱର ଡୋରିରେ ବନ୍ଧାହୋଇ ବସବାସ କରିବାର ସୁଖଦ ମୁହୂର୍ତ୍ତମାନଙ୍କୁ !

ସମ୍ପର୍କକୁ ନେଇ ଏଭଳି କିଛି ଅଭାବବୋଧତା ମୁଁ ଦେଖିପାରୁଛି ମୋ ମା'ଙ୍କ ଠାରେ । କାହିଁକି ଲେଖା ପ୍ରତି ଏତେ ନମନୀୟତା ଅଥଚ ସଞ୍ଜୟ ଭାଇ ପ୍ରତି ସେ ଏତେ କଠୋର ଯେ ! ପିଉସୀ ପିଇସାଙ୍କୁ ଧର୍ମାତ୍ମା ଭାବିନେଇ ମାମୁ ମାଇଁଙ୍କୁ ନର୍କର କୀଟ ଭଳି ଭାବିବାଟା କ'ଣ ଠିକ୍ ?

ମାମୁ ମାଇଁଙ୍କ ପ୍ରତି ଦୁର୍ବ୍ୟବହାର ଓ ଅସଦାଚରଣ ଦେଖି ଦେଖି ମୁଁ ବୋକା ପାଲଟିଗଲିଣି । ଘୂରି ଘୂରି ଦେଖୁଛି ସେମାନଙ୍କ ସମ୍ପର୍କରେ ଯଥେଷ୍ଟ ଲମ୍ୱାଲମ୍ୱା ବିକୃତ ମାନଚିତ୍ର ତ ଶୁଣୁଛି କାନ ନଶୁଣିଲାଭଳି ଅନେକ ନିନ୍ଦା । ହେଲେ କଣ ପାଇଁ, ଏଇ ମାମୁ ମାଇଁଙ୍କର ତ ଗଣ୍ଠିଧନ ଥିଲେ ମା' । ସେମାନେ ବି ଥିଲେ ମା'ଙ୍କର ହର୍ତ୍ତାକର୍ତ୍ତା । ଅଥଚ ସ୍ନେହ ଶ୍ରଦ୍ଧାର ବିରାଟ ସୁଏଜଟି କ'ଣ ପାଇଁ ପୁଣି କାହା ପାଇଁ ଭୁଷୁଡ଼ିଗଲା ଜାଣି ତ' ହେଲାନି ! ହେବ ବା କେମିତି, ଦୁଇ ପକ୍ଷ ଆଡ଼ଆଡ଼ ହେଇ ରହିଲେ, କିଏ କାହା କଥା ବୁଝିବ ନା ଝାମେଲା ତୁଟେଇବାକୁ ଆଗୁଆ ହେବ । ଏତେ ସବୁ ପରେ ସଂପର୍କର ଡ଼ୋରି ବାନ୍ଧିହେଇ ରହିବ କେମିତି ?

ଏଇତ' ରଜପର୍ବ ଆସିଲା ମାନେ ସାରାସମୟ ମୋର ମାମୁ ଘରେ ହିଁ କଟୁଥିଲା । ମୋ ପାଇଁ ନୂଆ ସାର୍ଟପ୍ୟାଣ୍ଟ କିଣିଥାନ୍ତି ମାଇଁ । କେତେ କିସମର ପିଠା ପଣା ଓ ଖେଚେଡ଼ି ତରକାରୀ ବନେଇଥାନ୍ତି ଯାହାର ସ୍ୱାଦ ଆଜିପର୍ଯ୍ୟନ୍ତ ବି ମୋ ମନରେ ଅଛି । ହେଲେ କାହିଁକି ଅବୁଝାମଣାର ଉତ୍ତୁଙ୍ଗ ଲହରୀ ଦୁଇପକ୍ଷଙ୍କୁ ଅଲଗା ଅଲଗା କରିଦେଲା, ତାହା ପୁଣି ସଞ୍ଜୟଭାଇର ଆକ୍ସିଡେଣ୍ଟରେ ମୃତ୍ୟୁ ହେଇଯିବା ପରେ ? ଏ ସଂକ୍ରାନ୍ତରେ ମାମୁ ମାଇଁ ମୋ ବାପା ମା'ଙ୍କୁ ଦୋଷୀ ସାବ୍ୟସ୍ତ କଲେ ନା, ବାପା ମା' ସେମାନଙ୍କୁ ?

ଏ ଗହନ କଥା କିଛି ବି ତ ବୁଝି ହେଉନି । କଣ କରାଯିବ ଏ ସମସ୍ୟାକୁ ଦୂର କରିବାପାଇଁ । ମା'ଙ୍କୁ ନେହୁରା ହେଇ କହିବି କି...ମାମୁ ଘର ଆଡ଼େ ବୁଲି ଆସିବା ପାଇଁ ମୋର ଭାରି ଇଚ୍ଛା ହେଉଛି ।

ମତେ ଏକୁଟିଆ ଚୁପ୍‌ଚାପ୍ ବସିଥିବାର ଦେଖି ଅଖିଳ୍ ଆସି ପଚାରିଲେ - କଣ ହେଲା ମୁହଁ ଶୁଖେଇ ବସିଛ କାହିଁକି ? ଓଃ, ପିଲାମାନଙ୍କର ଗହଳ ଚହଳ ନାହିଁ ସେଥିପାଇଁ ତମେ ବି ନିରବୀ ଯାଇଛ ! ଏ ଗୋଟେ କି ସମସ୍ୟା ଯେ...ଭାଙ୍ଗିପଡ଼ିଲା ଭଳି ଲାଗୁଛ ଏତେ ।

: ସେମାନଙ୍କ ଅଭାବ ତ' ମତେ ଘାରୁଛି ! ହେଲେ ଗୋଟିଏ ଜଟିଳ ସମସ୍ୟାର ସମାଧାନ ନପାଇ ଡହଳ ବିକଳ ହେଉଛି ମୁଁ ।

: ପୁଣି କୋଉ ନୂଆ ସମସ୍ୟାକୁ ନେଇ ତମର ଏତେ ଚିନ୍ତା ! ଅଜବ ତମେ ଚିତ୍ରା, ସଂସାରଯାକର ଆଜୁରୁବାଜୁରୁ ଜିନିଷକୁ ସଫାସୁତୁରା କରି ରଖିବା ପାଇଁ କଣ ତମେ ହିଁ ଏକା ଜନ୍ମନେଇଛ ? ଛାଡ଼ ସେ ସବୁ କଥା । ପ୍ରଥମେ ମୁଁ ଯାହା କହୁଛି ଶୁଣ, ଛୁଟି ମୋର ସରି ସରି ଆସୁଛି । ବାପା କିନ୍ତୁ ମୋ ଯିବା କଥା ଶୁଣି ମଉଳି ଯାଉଛନ୍ତି, ଏ ପରିସ୍ଥିତିରେ ମୁଁ କଣ କରିବି ଜାଣିପାରୁନି ।

: ଆଉ କିଛି ଦିନ ପାଇଁ ଛୁଟି ଆପ୍ଲାଇ କଲେ କଣ ଚଳିବନି ?

: ଥରେ ନୁହେଁ ଦୁଇଥର ଛୁଟି ନେଇସାରିଲିଣି...ଏଣୁ ଏବେ ମତେ ସେ ଚାନ୍ସ ମିଳିବ କି ନାହିଁ କହିହେଉନି ।

: ତେବେ କଣ କରାଯିବ ? ତମ ବିନା ତ ଆମେ ସବୁ ଦୁର୍ବଳ ହେଇଯିବୁ । ଦେବାଟି ବି ଏ ସମୟରେ ଘରେ ନାହିଁ । ଟୁର୍‌ରୁ ଫେରୁଫେରୁ ମାସଟିଏ ବିତିଯିବ । ତମେ କିଛି ଗୋଟେ କର...ପ୍ଲିଜ୍...।

: କଣ ଆଉ କରିବି...ଲଗାତର ତ ଛୁଟି ମିଳିବନି ନା..., ଜଏନ କରି କିଛିଦିନ ବାଦ୍ ଛୁଟି ଆପ୍ଲାଇ କଲେ ହୁଏତ ମିଳିଯାଇପାରେ । ନଚେତ୍ ମୁଣ୍ଡ କଚାଡ଼ିଲେ ବି କେହି ଦୟା ଦେଖେଇବେନି ।

: ଠିକ୍ ଅଛି ଯଦି ଏତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ତେବେ ତମେ ଯାଅ...ପୁନର୍ବାର ଛୁଟି ଆଣିବା ପାଇଁ ଚେଷ୍ଟାକର । ଚେଷ୍ଟା ବି କଣ ଯେ...ଯେତେ ଯାହା ହେଇଗଲେ ବି ଆଣିବାକୁ ହିଁ ତ ପଡ଼ିବ ।

: ହଉ ତମେ ଲେଖାଙ୍କ ରୁମ୍‌କୁ ଯାଅ । ତାଙ୍କୁ ଔଷଧ ଖୁଆଇ ମା'ଙ୍କ ସହିତ ମିଶିମାଶି ରାତିଖାଇବାର ବନ୍ଦୋବସ୍ତ କର । ବିଚାରୀ ସେ ଏକୁଟିଆ...ଖୁବ୍ ହଇରାଣ ହେଇଯିବେ । କାରଣ ମାନସୀ ନାହିଁ ନା..., ତେବେ ଯାହାକୁହ ଚିତ୍ରା, ମାନସୀର ରୋଷେଇବାସକୁ ଖୁଣି ହେବନି । କାମିକା ଝିଅଟେ ! ଘୋରଣା ଭଳି ଘିରିଘିରି ତ' ବୁଲେ...ଘର ଚାରିଆଡ଼କୁ ନଜର ପକେଇ । ବୁଦ୍ଧି ଗୁଣ ଓ ଆଚରଣରେ ସେ କାହିଁ କେତେ ଉପରେ । ଆରେ ପିଲାଦି'ଟା ତାକୁ ହଇରାଣ କରୁନଥିବେ ତ ?

: କଲେ କରୁଥିବେ...। ମୋର ତ ଇଚ୍ଛା ନଥିଲା ଝୁମୁରୀ ଯାଉ ବୋଲି । ମାନସୀ ଜିଦ୍‌କରି ନେଲା, ଏଣୁ ଭଲ ହେଉ ବା ମନ୍ଦ ସେ ହିଁ ସମ୍ଭାଳିବ । ତଥାପି ମାନସୀ ଉପରେ ଆଶା ଓ ଭରସା ମୋର ଶତପ୍ରତିଶତ ଅଛି ବୋଲି ତା ହାବଭାବ ଚାଲିଚଳନରୁ କଣ ଆମେ ଅନୁମାନ କରିପାରୁନେ ! ସେ କେତେ ମାର୍ଜିତ ଓ ସଂସ୍କାରୀ ଝିଅ ସତେ !

ସମୟ ଗଡ଼ିଯାଇଥିଲା । ଏଣୁ ଆଉ କିଛି ପ୍ରସଙ୍ଗମାନଙ୍କୁ ଭିଡ଼ି ଓଟାରି ସାମନାରେ ରଖି ଦୀର୍ଘ ଆଲୋଚନାରେ ମଜି ରହିପାରିଲୁନି ଆମେ ।

ଏଣୁ ଅଖିଲ୍ ଓ ମୁଁ ଦୁହେଁ ବିପରୀତ ଦିଗକୁ ଚାଲିଗଲୁ । ଲେଖା ପାଖକୁ ମୁଁ ଗଲି ତ, ସେ ଚଲଚଲ ହେଇ ଗଲେ ଡ୍ରଇଁ ରୁମ୍ ଭିତରକୁ । କିନ୍ତୁ ସେଇଠୁ ପାଦ ଫେରେଇ ଆଣି କହିଲେ - ସେଠି ବାପା ଓ ତାଙ୍କ ସାଙ୍ଗମାନେ କିଛି ଗୋଟେ ସରଗରମ୍ ଆଲୋଚନାରେ ଅଛନ୍ତି । ସେଥିପାଇଁ ମୁଁ ଯିବାକୁ ପସନ୍ଦ କଲିନି । ଠିକ୍ ଅଛି ବାପା ଫେରିଲେ ମୁଁ ମୋ ଯିବା କଥା ତାଙ୍କୁ କହିବି । ହେଲେ ମା'ଙ୍କୁ ଦେଖୁନି ଯେ ? ସେ ତ' ଏଇ ସମୟରେ ପ୍ରାୟ ଘରେ ରୁହନ୍ତି । ହେଲେ ଆଜି ଗଲେ କୁଆଡ଼େ ?

ଅଖିଲ୍‌ଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଉଛି ତ' ଭିତରୁ ବାପା ଗଳାରେ ଟିକେ ଜୋର ଦେଇ କହିଲେ - ଆଜି କଣ ଘରେ ଚା ପାଣିର ବ୍ୟବସ୍ଥା ହେଇନି କି ? ଆରେ ଝିଅ ମା'ଙ୍କୁ କହି ଜଳଖିଆ ଚା ନେଇଆ ।

ଲାଜ ଲାଜ ଲାଗିଲା ମତେ । ସତରେ ମ' କେତେବଡ଼ ଭୁଲ୍ ମୁଁ କରିପକେଇଛି ! ମା'ଙ୍କୁ ତାଙ୍କ ସମିତିକୁ ଜବରଦସ୍ତ ପଠେଇଦେଇ କେମିତି ମୁଁ ଦାୟିତ୍ୱଶୂନ୍ୟ ଭାବେ ବସିପଡ଼ିଛି । ଧଡ଼ଧାଡ଼ ରୋଷେଇଘରକୁ ପଶିଯାଇ ଦେଖିଲି - ମା' ପୁରୀ ଆଳୁକଷା ଓ ଅନେକ କିସମର ମିଠା ବି ସଜାଡ଼ି ସାଇତି ରଖିଛନ୍ତି ଅତିଥି ଚର୍ଚ୍ଚା ପାଇଁ । ରଜ ଦିନମାନଙ୍କରେ କେହି ଯେମିତି କିଛି ନଖାଇ ଆମ ଘରୁ ଫେରିଯାଏ ସେଇ ପ୍ରଥାକୁ ଆଜିଯାଏଁ ବି ମା' ତାଙ୍କ ଜୀବନ ଜଞ୍ଜାଳ ଭିତରେ ବି ମନେ ରଖିଛନ୍ତି । ଭାବିଲା ମାତ୍ରେ ମୋ ମଥା ନଇପଡ଼ିଲା ତାଙ୍କ ଉଦ୍ଦେଶ୍ୟରେ ।

ଖୁସୀରେ ଖୁସୀରେ ଖାଇବା ପ୍ଲେଟ୍ ଧରି ଆଗେଇ ଗଲି ଡ୍ରଇଁରୁମ୍‌କୁ । ଅଖିଲ ବି ସେଇଠି ଥିଲେ । ବାପାଙ୍କର ଖୁବ୍ ଘନିଷ୍ଠ ବନ୍ଧୁ ଜୟନ୍ତ କାକା ମତେ ଦେଖି ଖୁସୀ ହେଇ କହିଲେ - ଝିଅ, ଖୁଡୀ ତତେ ଖୋଜୁଥିଲାରେ ! ତୁ ଆମ ଘରଆଡ଼େ ଯାଉନୁ କାହିଁକି ! ପିଲା ଦି'ଟାଙ୍କର ତ ପାଟି ତୁଣ୍ଡ ଶୁଭୁନି ଆଜି ! କୁଆଡ଼େ ଗଲେ କି ସେମାନେ !

: ଲୁଲାର ମାମୁ ଘର ଗାଁକୁ ସମସ୍ତେ ଯାଇଛନ୍ତି । ରଜ ସରିଗଲେ ଆସିବେ ।

: ଭଲ ହେଲା, ତୁ ଆସି କିଛିଦିନ ବାପା ମା'ଙ୍କ ପାଖରେ ରହିଗଲୁ । ଅନ୍ତତଃ ଲେଖା ତତେ ଦେଖି ସନ୍ତୁଷ୍ଟ ହେଉଥିବ । ଚରଣ ବାବୁ ତ ଘଟଣା ଓ ଦୁର୍ଘଟଣାରେ ଲୁହଲୁହାଣ ହେଇଗଲେଣି । ସଞ୍ଜୟର ମୃତ୍ୟୁ ଖବର ତୁ ତ' ଶୁଣିଥିବୁ ନିଶ୍ଚୟ ! କେତେ କଷ୍ଟ ଓ ଯନ୍ତ୍ରଣା ପାଇଲେଣି ତୋ ବାପା, ମା - କହିହେବନି କି ବୁଝେଇହେବନି କାହାକୁ ।

ତାଙ୍କ କଥାରେ ମୋ ମୁହଁ ଶୁଖିଗଲା ।

ଗୋଡ଼ହାତ ଅଚଳ ହେଲାଭଳି ଲାଗିଲା । ହେଲେ ଲେଖା କଥା ପଡ଼ିଲେ ବାପା ଲୁହ ଗଡ଼ଉଛନ୍ତି ଅଥଚ ସଞ୍ଜୟ ଭାଇ ନାଁ ଧରିଲେ ସେ କାହିଁକି ଯେ ବିରକ୍ତ ବିରକ୍ତ ଦିଶୁଛନ୍ତି - ବୁଝିପାରିଲିନି ମୁଁ । ଯଦିବା ଏଭଳି ପାତରଅନ୍ତର ଆଚରଣ ମୁଁ ପୂର୍ବରୁ ଅନୁଭବ ଥିଲି, ଆଜି କିନ୍ତୁ ସହିପାରିଲିନି । ଏଣୁ ଚା ଆଣୁଛି କହି ତରତରହେଇ ଚାଲିଆସିଲି ରୋଷେଇ ଘରକୁ । ଆସି ଦେଖେ ତ, ଅଖିଲ ସମସ୍ତଙ୍କ ପାଇଁ ଚା ତିଆରି କରି ଛିଡ଼ା ହେଇ କହୁଛନ୍ତି - ମୁଁ ବାପା ଓ ତାଙ୍କ ସାଙ୍ଗମାନଙ୍କୁ ଚା ଦେଇଆସେ, ତା'ପରେ ଆମେ ଦୁହେଁ ପିଇବା ।

ଖଟ ଉପରେ ସାମନା ସାମ୍ନି ବସି ଚା ପିଉପିଉ ମୁଁ କହିଲି - ଅଜବ୍ କଥା ସବୁ ଘଟୁଛି ଏ ଘରେ । ସମସ୍ତେ ଯେମିତି ଗୋଟେ ଗୋଟେ ନକଲି ହୃତ୍‌ପିଣ୍ଡ ନିଜ ଭିତରେ ଝୁଲେଇ ଯିବା ଆସିବା କରୁଛନ୍ତି । ମତେ ଜଳଜଳ ଦିଶୁଛି ଏମାନଙ୍କର ଫମ୍ପା ଆଚରଣ । ହେଲେ କିଛି ବି ତ' କରିପାରୁନି ମୁଁ । ମୁଖାପିନ୍ଧା ମଣିଷମାନଙ୍କ ଭିତରେ ରହିବାକୁ ମତେ ଆଉ ଜମାରୁ ଇଚ୍ଛାହେଉନି । ଚାଲ ତମ ସାଙ୍ଗେ ମୁଁ ବି ଚାଲିଯିବି । ଆଜି ଫୋନ୍ କରି ଡକେଇ ଆଣିବି ଝୁମୁରୀକୁ । ସେ ଆସିଲେ ଏକାଠି ଆମେ ଚାଲିଯିବା । (କ୍ରମଶଃ)

## ଇଚା ପୁଚା

**କେରଳ ଲୋକକଥା**

ମାଲୟାଲାମ ଭଷାରେ ଇଚାକୁ ମାଛି ଓ ପୁଚାକୁ ବିଲେଇ ବୋଲି କୁହାଯାଏ । ଗୋଟେ ମାଛି ଓ ବିଲେଇ ବିଷୟରେ ଏହା ଏକ ଲୋକ କଥା ଅଟେ ।

ବହୁଦିନ ତଳେ କେରଳ ରାଜ୍ୟର ଗୋଟେ ଗାଁରେ ମାଛି ଓ ବିଲେଇ ଘନିଷ୍ଠ ବନ୍ଧୁ ହୋଇ ରହୁଥାନ୍ତି । ଦିନେ ଦୁହେଁ ମନସ୍ଥ କଲେ କାଞ୍ଜି ତିଆରି କରି ପିଇବେ । କେରଳ ରାଜ୍ୟରେ କାଞ୍ଜି ସବୁଠାରୁ ସ୍ୱାଦିଷ୍ଟ ପାନୀୟ ଭାବେ ପ୍ରସିଦ୍ଧ । ତେଣୁ ଦୁହିଙ୍କର ମନ ବଳିବା ନିହାତି ସ୍ୱଭାବିକ । କାଞ୍ଜି ବନେଇବା ପାଇଁ ସବୁପ୍ରକାର ସାମଗ୍ରୀ ଯୋଗାଡ କରିନେଲେ । କିଛି ସମୟ ମଧ୍ୟରେ ସ୍ୱାଦିଷ୍ଟ କାଞ୍ଜି ବି ପ୍ରସ୍ତୁତ ହୋଇ ଗଲା । କିନ୍ତୁ ତାକୁ ପିଇବା ପାଇଁ ଦୁହିଙ୍କ ପାଖରେ ଚାମୁଚ ନଥାଏ । ଇଚା କହିଲା- ଦେଖ ପୁଚା, ତୁ ଏଇଠି ଜଗିଥା ମୁଁ ଯାଉଛି ପଣସ ପତ୍ର ନେଇଆସିବି, ସେଇଥିରେ ଚାମୁଚ ବନେଇ କାଞ୍ଜି ପିଇବା ।

ପୁଚା ଜଗି ରହିବାକୁ କଥା ତ ଦେଇଦେଲା ହେଲେ ଅପେକ୍ଷା କରି କରି ତାକୁ ଖୁବ୍ ଜୋର ଭୋକ ଲାଗିଲା । ଭୋକର ଜ୍ୱାଳା ସମ୍ଭାଳି ନପାରି ଜିଭ ସାହାଯ୍ୟରେ ଚାଖୁ ଚାଖୁ ସବୁ ଚାଟିଦେଲା । ଏତେ କାଞ୍ଜି ପିଇବାରୁ କିଛିକ୍ଷଣ ମଧ୍ୟରେ ତା' ପେଟ ବେଲୁନ ଭଳି ଫୁଲି ଗଲା । ଚଲାବୁଲା କରିବା ତ ଦୂରର କଥା ବସିବା ଜାଗାରୁ ଉଠି ପାରିଲା ନାହିଁ । ବଡ଼ କଷ୍ଟ ପାଇଲା । ଫୁଲି ଯାଇଥିବା ପେଟ କେମିତି ଠିକ ହେବ ତା'ର ଉପାୟ ଜାଣିବାପାଇଁ ଆଖପାଖ ଲୋକଙ୍କୁ



ପଚାରିଲା । ପ୍ରଥମେ ସେ ଟଳମଳ ଅବସ୍ଥାରେ ଧୀରେ ଧୀରେ ଯାଇ ଖୁଣ୍ଟରେ ବନ୍ଧା ହୋଇଥିବା ଗାଇ ପାଖରେ ପହଞ୍ଚିଲା ।

ଗାଇ ପୁଚାର ଅବସ୍ଥା ଦେଖି ପଚାରିଲା- କିରେ ପୁଚା ! ତୋ ପେଟ କଣ ଏତେ ଫୁଲି ଯାଇଛି । ଘଟଣା କଣ ? ଆଜି କେତେ ଖାଇଦେଇଛୁ କି ?

ପୁଚା କହିଲା-ସେଇଥିପାଇଁ ତ ତୋ ପାଖକୁ ଆସିଛି । ଆଜି ଇଚା ଓ ମୁଁ କାଞ୍ଜି ବନେଇଥିଲୁ । ଚାମୁଚ ନଥିବାରୁ ସେ ପଣସ ପତ୍ର ଆଣିବାକୁ ଯାଇଛି ଯେ ଯାଇଛି । ମୁଁ ଆଉ କେତେ ଅପେକ୍ଷା କରିଥାନ୍ତି । ଚାଖୁ ଚାଖୁ ସବୁ ଚାଟିଦେଲି । ତୁ କହିଲୁ କେମିତି ମୋ ପେଟ ଠିକ୍ ହେବ ?

ଗାଇ କହିଲା- ମୁଁ ଜାଣେନି, ମୋତେ ଯିଏ ପାଳି ପୋଷି ରଖିଛି ତାକୁ ପଚାର ସେ ଜାଣିଥିବ । ପୁଚା ସେଇଠୁ ଗାଇର ମାଲିକ ପାଖରେ ପହଞ୍ଚି ନିଜ ପେଟ କେମିତି ଠିକ୍ ହେବ ପଚାରିଲା ।

ଗାଇର ମାଲିକ କହିଲା- ମୁଁ କହି ପାରିବିନି ମୋ ବାଡି(ଛଡି)କୁ ପଚାର ସେ ଜାଣିଛି । ବାଡ଼ି(ଛଡି) କହିଲା- ଗଛକୁ ପଚାର । ଗଛ କହିଲା- ପକ୍ଷୀକୁ ପଚାର । ପକ୍ଷୀ କହିଲା-ଶିକାରୀକୁ ପଚାର । ଶିକାରୀ କହିଲା- ମୋ ଛୁରୀକୁ ପଚାର ।

ପୁଚା ସେତେବେଳକୁ ଏଠି ସେଠି ଦୌଡ଼ି ଦୌଡ଼ି ହାଲିଆ ହୋଇ ପଡ଼ିଥାଏ । ଶେଷରେ ଧଇଁସଇଁ ହୋଇ ଛୁରୀ ନିକଟରେ ପହଞ୍ଚି ପଚାରିଲା- ଛୁରୀରେ ଛୁରୀ, କହିଲୁ ମୋତେ, ମୋ ବେଲୁନ ପେଟ ଠିକ ହେବ କେମନ୍ତେ ?

ପୁଚାର ଥଟାଳିଆ କଥା ଶୁଣି ଛୁରୀ ରାଗରେ ପାଚି ଲାଲ ହୋଇ କହିଲା- ଏବେ କହୁଛି ରହ ତୋ ପେଟ କେମିତି ଠିକହେବ । ଏହା କହିବା ସଙ୍ଗେସଙ୍ଗେ ପୁଚାକୁ ମାରିବା ପାଇଁ ଗୋଡେଇଲା । ପୁଚା ଛରୀ ଭୟରେ ଅଣନିଃଶ୍ୱାସୀ ଦୌଡ଼ିବାକୁ ଲାଗିଲା । ଛୁରୀ ମଧ ତାକୁ ମାରିବାକୁ ପଛରେ ଗୋଡେଇଥାଏ । ଦୌଡ଼ି ଦୌଡ଼ି ପୁଚା ଯାଇ ଇଚା ପାଖରେ ପହଞ୍ଚିଲା । ଇଚା ସେତେବେଳେ ପଣସ ପତ୍ର ଘୋଷାରି ଘୋଷାରି ଆଣୁଥାଏ । ତା ପଛରେ ରହି ନିଜକୁ ଛୁରୀଠାରୁ ବଞ୍ଚେଇବାକୁ ଅନୁରୋଧ କଲା । ଇଚା ପୁଚାର କଥା ମାନି ଛରୀକୁ କାମୁଡି ଦେଲା । ଛୁରୀ ଇଚାର କାମୁଡା ଖାଇ ସେଠାରୁ ଫେରି ଆସିଲା । ଏତେସବୁ ଦୌଡା ଦୌଡ଼ି କରିବାରୁ ପୁଚାର ପେଟ ଠିକ ହୋଇଗଲା ହେଲେ ଇଚା ଏତେ ପରିଶ୍ରମ କରି କାଞ୍ଜି ପିଇ ପାରିଲା ନାହିଁ ।



ସୁଧାଂଶୁ ଶେଖର ଦ୍ୱିବେଦୀ

♥ ବିସି-୭୪, ସଲଟ ଲେକ୍, କଲକାତା-୬୪
ମୋ-୯୬୮୧୩୭୩୫୧୨

# ସ୍ୱାଭିମାନୀ ସୁଭାଷ



'ମୋତେ ରକ୍ତ ଦିଅ,ମୁଁ ତୁମକୁ ସ୍ୱାଧୀନତା ଦେବି'-ଏହି ବାଣୀ ଅନ୍ୟ କାହାର ନଥିଲା ।ଏହା ଥିଲା ଭାରତ ମାଟିର ସୁଯୋଗ୍ୟ ସନ୍ତାନ, ବୀର ଯୋଦ୍ଧା ତଥା ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଦକ୍ଷ ସେନାପତି ଓ ବିଶିଷ୍ଟ ଜନ ନାୟକ ସ୍ୱାଭିମାନୀ ସୁଭାଷ ଚନ୍ଦ୍ର ବୋଷଙ୍କର ବଜ୍ର ନିର୍ଘୋଷ ବାଣୀ । ଦେଶଠୁ ବିଦେଶ ଯାଏ ସେ 'ନେତାଜୀ' ସୁଭାଷ ବୋଷ ନାମରେ ପରିଚିତ । ଅମାପ ଶକ୍ତି ଓ ସାହସ,ଅସୀମ ଧୈର୍ଯ୍ୟ ଏବଂ ବଳିଷ୍ଠ ଦେଶ ଭକ୍ତି କଥା କହିଲେ ମନେ ପଡନ୍ତି ନେତାଜୀ । ଭାରତ ବାହାରେ ରହୁଥିବା ଭାରତୀୟ ମାନଙ୍କୁ ଏକାଠି କରି ମାଟି ମାଆ ପାଇଁ ସଂଗ୍ରାମ କଥା କହିଲେ ତଙ୍କରି ନାଁ ଟି ହିଁ କେବଳ ମନକୁ ଆସେ । ହିଂସା ବଦଳରେ ହିଂସା, ରକ୍ତ ବଦଳରେ ରକ୍ତ ଓ ଶତ୍ରୁତା ବଦଳରେ ଶତ୍ରୁତା ହିଁ ସ୍ୱାଧୀନତା ପାଇଁ ଗୋଟିଏ ବାଟ ବୋଲି ନେତାଜୀ ଦୃଢ ସ୍ୱରରେ ଘୋଷଣା କରିଥିଲେ । ତାଙ୍କର ବିପ୍ଳବାତ୍ମକ ମନୋଭାବ ଓ କାର୍ଯ୍ୟକ୍ରମ ଇଂରେଜ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା ।

ସେହି ମହାନ ବିପ୍ଳବୀ ବୀର ନେତାଜୀ ସୁଭାଷ ବୋଷଙ୍କ ଜନ୍ମ ହୁଏ ୧୮୯୭ ମସିହା ଜାନୁୟାରୀ ୨୩ ତାରିଖ କଟକର ଓଡିଆ ବଜାର ଠାରେ । ବାପା ସ୍ୱନାମଧନ୍ୟ ଓକିଲ ଜାନକୀ ନାଥ ବୋଷ । ମା ପ୍ରଭାବତୀ ଦେବୀ । ନିଜ ଗାଁ ପଶ୍ଚିମବଙ୍ଗର କାଜଲିଆ ହେଲେ ମଧ ରହୁଥିଲେ କଟକର ଓଡିଆ ବଜାରରେ ।

ସୁଭାଷ କଟକର ରେଭେନ୍ସା କଲିଜିଏଟ ସ୍କୁଲ୍‌ରୁ ମାଟ୍ରିକ ପାଶ୍ କଲା ପରେ କଲିକତାର ପ୍ରେସିଡେନ୍ସି କଲେଜରୁ ବି.ଏ.ପାଶ୍ କରି ଆଇ.ସି.ଏସ୍.ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ମାତ୍ର ସେହି ସମୟରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଆହ୍ୱାନ କ୍ରମେ ସେ ସର୍ବ ଭାରତୀୟ ପ୍ରଶାସନିକ ସେବା ବା ଆଇ.ସି.ଏସ୍ . ଚାକିରୀ ଛାଡି ଭାରତକୁ ଫେରି ଆସିଥିଲେ ।

ପିଲାଦିନୁ କର୍ମଯୋଗୀ ସ୍ୱାମୀ ବିବେକାନନ୍ଦଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିଲେ ସୁଭାଷ । ସେ ମଧ ଜାତୀୟ ସେବା କରିବା ପାଇଁ ଶ୍ରୀ ଅରୋବିନ୍ଦଙ୍କ ଅଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରିଥିଲେ । ବାଲ୍ୟ କାଳରୁ ସେ ପୃଥିବୀର ବିଭିନ୍ନ ଦେଶର ସ୍ୱାଧୀନତା ସଂଗ୍ରାମ ପଢିବାକୁ ଭଲ ପାଉଥିଲେ । କାଭୋର, ଗାରିବାଲଡି, ବିସମାର୍କ ଓ ଲେନିନ୍‌ଙ୍କ ତ୍ୟାଗକୁ ସେ ଖୁବ୍ ପ୍ରଶଂସା କରୁଥିଲେ । ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ରାଷ୍ଟ୍ର ବିପ୍ଳବ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଦେଶ ପାଇଁ ଜୀବନ ଦେବାକୁ ସେ ସାହାସିକତା କାର୍ଯ୍ୟ ବୋଲି ଭାବୁଥିଲେ ।

ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ପ୍ରେରଣାରେ ନେତାଜୀଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ଗାନ୍ଧୀଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିଲେବି ଭାରତର ସ୍ୱାଧୀନତା ପାଇଁ ଗାନ୍ଧୀଜୀଙ୍କ ମାର୍ଗକୁ ସେ ସହଜରେ ଗ୍ରହଣ କରିପାରିନଥିଲେ ।

ଅହିଂସା ମାର୍ଗରେ ଯେ ଭାରତର ସ୍ୱାଧୀନତା ପ୍ରାପ୍ତି ଅସମ୍ଭବ ସେ ଏ କଥା ସହଜରେ ଅନୁଭବ କରିପାରିଥିଲେ ।

ମାତୃଭୂମିର ମୁକ୍ତି ପାଇଁ ସେ ଇଂରେଜମାନଙ୍କ ସହିତ କୌଣସି ସାଲିସ୍ କରିବାକୁ ଚାହୁଁ ନଥିଲେ । ମାଟି ମାଆର ମୁକ୍ତି ପାଇଁ ସେ ଭାରତୀୟ ମାନଙ୍କୁ ଆତ୍ମବଳି ଦେବାକୁ ଆହ୍ୱାନ ଦେଇଥିଲେ । ସେ ଜଣେ ବାସ୍ତବବାଦୀ ଥିଲେ । କୃଷକ, ଶ୍ରମିକ ଓ ଗରିବ ଶ୍ରେଣୀର ଲୋକଙ୍କ ଦୁଃଖ ଓ ଯନ୍ତ୍ରଣା ପ୍ରତି ତାଙ୍କର ହୃଦୟ କାନ୍ଦିଉଠୁଥିଲା । ବ୍ୟକ୍ତି ଅପେକ୍ଷା ଦେଶର ସମ୍ମାନକୁ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ତେଣୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ-'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି।'

ଗାନ୍ଧୀଜୀଙ୍କ ସହିତ ମତାନ୍ତର ହେବାରୁ ଓ କଂଗ୍ରେସର ସଦସ୍ୟମାନେ ତାଙ୍କୁ ସହଯୋଗ ନ କରିବାରୁ ସେ ବାଧ ହୋଇ କଂଗ୍ରେସର ସଭାପତି ପଦ ଛାଡିଥିଲେ । ୧୯୩୯ ମସିହା ମେ ମାସରେ 'ଫରୱର୍ଡ ବ୍ଲକ' ନାମରେ ଏକ ଦଳ ଗଠନ କରିଥିଲେ । ଦୁଃଖ ଓ ତ୍ୟାଗ ବିନା ଭାରତର ସ୍ୱାଧୀନତା ଅସମ୍ଭବ ବୋଲି ସୁଭାଷ ବୋଷ କହୁଥିଲେ । ସେ ସର୍ବଦା କହୁଥିଲେ ଆଦର୍ଶର କେବେ ବି ମୃତ୍ୟୁ ହୁଏ ନାହିଁ । ୧୯୪୦ ମସିହା ନଭେମ୍ବର ୨୬ ତାରିଖରେ ବଙ୍ଗଳାର ରାଜ୍ୟପାଳଙ୍କୁ ଲେଖିଥିବା ଚିଠିରେ ସେ ଲେଖିଥିଲେ ଯେ- 'ଏହି କ୍ଷୟଶୀଳ ପୃଥିବୀରେ ପ୍ରତ୍ୟେକ ଦ୍ରବ୍ୟର ମୃତ୍ୟୁ ଘଟେ ଓ ଘଟିବ କିନ୍ତୁ ଭାବନା, ଆଦର୍ଶ ଓ ସ୍ୱପ୍ନର ବିନାଶ ନାହିଁ ।'

ତାଙ୍କର ବିପ୍ଳବାତ୍ମକ କାର୍ଯ୍ୟ ପାଇଁ ଅନେକ ଥର ଗିରଫ ହୋଇଥିଲେ ନେତାଜୀ । ଶେଷ ଥର ପାଇଁ ୧୯୪୦ ମସିହା ରେ ଗିରଫ ହୋଇଥିଲେ ସେ, ମାତ୍ର ଦେହ ଅସୁସ୍ଥତା କାରଣରୁ ତାଙ୍କୁ ଜେଲରୁ ଆଣି ଗୃହବନ୍ଦୀ ରୂପେ ରଖାଯାଇଥିଲା । କିନ୍ତୁ ବଡ ଆଶ୍ଚର୍ଯ୍ୟ ର କଥା ଯେ ସେ ସେଠାରୁ ବ୍ରିଟିଶ ସରକାରଙ୍କ ଆଖିରେ ଧୂଳିଦେଇ କାବୁଲ ଚାଲି ଯାଇଥିଲେ ଓ ସେଠାରୁ ବର୍ଲିନ ପଳାଇଥିଲେ । ଯେଉଁ ଦିନ ଆଇ.ଏନ.ଏ ରେଡିଓରୁ ସୁଭାଷ ଗର୍ଜି ଉଠିଲେ -'ଆମି ସୁଭାଷ ବୋଲଛେନ୍', ସେହିଦିନ ସାରା ବିଶ୍ୱରେ ଭୂକମ୍ପନ ସୃଷ୍ଟି ହେଲା ।

ଭାରତ ମୁକ୍ତି ସଂଗ୍ରାମ ପାଇଁ ନେତାଜୀ ବର୍ଲିନ ଠାରେ 'ଆଜାଦ ହିନ୍ଦ୍ ଫୌଜ' ଗଠନ କରିଥିଲେ । ରାସବିହାରୀ ବୋଷଙ୍କ ସହାୟତାରେ ଦକ୍ଷିଣ ଏସିଆର ଭାରତୀୟ ମାନଙ୍କୁ ସେ ସଙ୍ଗଠିତ କରିଥିଲେ । ପରେ ସେ ଜର୍ମାନରୁ ଟୋକିଓ ଯାତ୍ରା କରିଥିଲେ । ସେଠାରେ ସେ ଜାପାନର ତତ୍‌କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଭାରତର ସ୍ୱାଧୀନତା ବିଷୟରେ କହିଥିଲେ । ୧୯୪୨ ଅଗଷ୍ଟ ବିପ୍ଳବ ପରେ ୧୯୪୪ ମସିହାରେ ନେତାଜୀଙ୍କ ନବଗଠିତ 'ଆଜାଦ୍ ହିନ୍ଦ୍ ଫୌଜ' ଇଂରେଜ ସୈନ୍ୟଙ୍କୁ ଅନେକ ଯୁଦ୍ଧ କ୍ଷେତ୍ରରେ ପରାସ୍ତ କରିଥିଲେ । ସେ ଦୃଢତାର ସହିତ 'ଜୟହିନ୍ଦ୍' ଓ 'ଦିଲ୍ଲୀ ଚଲ୍ଲୋ'-ଏହି ଦୁଇଟି ଆହ୍ୱାନ ଦେଇଥିଲେ । ଯୁଦ୍ଧରେ ଇଂଲଣ୍ଡକୁ ପରାସ୍ତ କରି ଭାରତକୁ ସ୍ୱାଧୀନ କରିବା ତାଙ୍କର ଲକ୍ଷ୍ୟ ଥିଲା । ଆଜାଦ୍ ହିନ୍ଦ୍ ଫୌଜ ମଧ ବର୍ମା ସୀମା ଅତିକ୍ରମ କରି ଭାରତ ଭୂମିରେ ପ୍ରବେଶ କରିଥିଲେ ।

ମାତ୍ର ବିଧିର ବିଧାନ ଥିଲା ବିଚିତ୍ର । ଅକାଳରେ ବଜ୍ରପାତ ହେଲା । ଏକ ଉଡାଜାହାଜ ଦୁର୍ଘଟଣାରେ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖ ଦିନ ସେ ମହାନ ଜନନାୟକ ବିପ୍ଳବୀ ବୀର ନେତାଜୀ ମୃତ୍ୟୁ ବରଣ କରିଥିଲେ । ଆଜି ମଧ ସେହି ଅମର ମଣିଷଙ୍କ ମୃତ୍ୟୁ କଥା ସନ୍ଦେହ ଘେରରେ ରହିଛି । ଆଜି ମଧ କୋଟିଏ କଣ୍ଠରେ ଗୋଟିଏ କଥା -ନେତାଜୀ ଜୀବିତ । ସତରେ ସେ ଏଭଳି ଏକ ମଣିଷ ଥିଲେ 'ଯାହାଙ୍କର ଜନ୍ମ ଅଛି, ମାତ୍ର ମୃତ୍ୟୁ ନାହିଁ' କହିଲେ ଆଦୌ ଭୁଲ ହେବନାହିଁ । ଭାରତର ଗର୍ବ ଓ ଗୌରବ ରୂପେ ସେ ଚିର ସ୍ମରଣୀୟ ହୋଇ ରହିବେ ।



ଆଲେଖ୍ୟ:
ଅଧ୍ୟାପକ ଶରତ କୁମାର ଦାସ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୧୪

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କିମିଆଁ ଜାଣିଛି ତୁମ ନାନାବାୟା
ତା' କୁହୁକେ ଅମାନିଆଁ
ଗାଈ ଭୁଲିଯାଏ ପ୍ରସବ ବେଦନା
କାନ୍ଦଣା ଭୁଲନ୍ତି ଛୁଆ । ୧୪୧ ।

ତମ ଡାକ ଶୁଣି ଫେରି ଆସିପାରେ
ଫେରାର ବଢ଼ିଲା ଝିଅ
କାଟି ପ୍ରବଂଚକ ଚିକ୍କଣ ଛଳନା
ଅଠାକାଠି ସୂତାଖିଅ । ୧୪୨ ।

ସବୁ ଅଘଟଣ ଉଡ଼ାଏ ମୋ' ଗାଆଁ
ଆକାଶକୁ ଫୁଃ କରି
ଗାଆଁ ନୁହେଁ ସେତ ପବିତ୍ର ସକାଳ
ଚିରନ୍ତନ ମାଆ ପରି । ୧୪୩ ।

ଟଳିପଡ଼ିଲେ ବି ପୃଥିବୀ ପାହାଡ଼
ତଥାପି ମୋ' ଗାଆଁ ଠିଆ
ପଥରକୁ ନଦି ସାହା ଦିଏ ବୋଲି
ନାଆଁ ବୋଧେ ତୋର ଗାଆଁ । ୧୪୪ ।

କି' ମନ୍ତ୍ର ପୁଡ଼ିଆ ଗୁଞ୍ଜିଛି କେ'ଜାଣେ
ଅନ୍ଧତ ତା' ଚାଳଘର
କି' ମନ୍ତୁରା ପାଣି ଛିଞ୍ଚିଛି କେ'ଜାଣି
ଜମା ମାଡ଼େ ନାହିଁ ଡର । ୧୪୫ ।

ଝଡ଼ ଓ ବତାସ ବାଟବଣା ହୁଏ
ଖସେଇ ପାରେନା ଡେଣା
ଚୁଟ୍‌କିରେ ଉଡ଼ାଏ କେଡ଼େ କେଡ଼େ ବନ୍ୟା
ନଈ ହୁଏ ବାଟବଣା । ୧୪୬ ।

ତା' ପଣତ କାନି ସାଂକୁଠୁ ବି ଶକ୍ତ
ଢାଙ୍କେ ପିଢ଼ି ପରେ ପିଢ଼ି
ତା' ଫଟା ଗୋଇଠି ଡିଙ୍ଗି ପାହାର
ଚଢ଼ାଏ ଆମକୁ ଶିଢ଼ି । ୧୪୭ ।

ନାଉ ପିଟା କରି ବହି ନେଇଯାଏ
ଆମର ସବୁ ଅଝଟ
ତା' ଆଖି ଆମକୁ ରାସ୍ତା ପାରି କରେ
ତୁଟାଇ ସବୁ ଝଞ୍ଜଟ । ୧୪୮ ।

ଆମରି ସୁଖର ପାରାବାର ପାଇଁ
ଗଢ଼େ ସ୍ୱପ୍ନ ଇମାରତ
ଆମରି ମଥାର ଶିରସ୍ତ୍ରାଣ ହୋଇ
ନିଜେ ବୋହୁଥାଏ କ୍ଷତ । ୧୪୯ ।

ତା'ର ଫଟାପାଦ ଗାମୁଛା କରଜ
ଅନ୍ତଝରା ଲୁଣିଝାଳ
ଆମରି ବସନ୍ତ ପାଇଁ ସାଜିଯାଏ
ଟହଟହ ଖରାବେଳ । ୧୫୦ । (କ୍ରମଶଃ)

# ବମ୍ ଭୁଲ୍ ବୁଖାରା



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'





ଦୀପକ ରଂଜନ ମିଶ୍ର

## ॥ ବାରୀନ୍ ଘୋଷ-୨ ॥

ଆଲିପୁର ଷଡ଼ଯନ୍ତ୍ର କେଶ୍‌ର ଅଭିଯୁକ୍ତ ଦଶଜଣଙ୍କୁ ସେଲ୍ୟୁଲାର ଜେଲ୍‌ର ପାଞ୍ଚନମ୍ବର ବ୍ଲକ୍‌ରେ ରଖା ହୋଇଥାଏ । ତାଙ୍କ ସହ କିଛି ମାଡ୍ରାସୀ କଏଦୀ ବି ରହୁଥାନ୍ତି ସେଇଠି । ଗୋଟେ ଜାଗାରେ ରହିବା, ଖାଇବା ତଥା ଦଉଡ଼ି ବଳିବା ଭଳି କାମ କରିବା ଯୋଗୁଁ ସେମାନଙ୍କ ଭିତରେ ଗଭୀର ବନ୍ଧୁତା ହୋଇଯାଏ । ବାରୀନ୍‌ଙ୍କ ସହ ସବୁଠୁ ଅଧିକ ଘନିଷ୍ଠ ଥିଲେ ନାଗପ୍ପା ଓ ଚିନ୍ନପ୍ପା । ନାଗପ୍ପା, ଜଣେ ବାରିକ ଆଉ ଚିନ୍ନପ୍ପା ଥିଲା ସେଇ ମାଡ୍ରାସୀଙ୍କ ଭିତରେ ସବୁଠୁ ଅଳ୍ପ ବୟସ୍କ । ସେମାନେ ଦଉଡ଼ି ବଳିବାରେ ଧୂରନ୍ଧର ଥିବାରୁ ଏମାନଙ୍କୁ ବି ସେଇ ବିଦ୍ୟା ଆୟତ୍ତ କରିବାରେ କିଛି ଅସୁବିଧା ହୁଏନି । ଛ'ମାସ ଏକତ୍ର ରହିବା ପରେ ସେଇ ମାଡ୍ରାସୀମାନଙ୍କୁ କାମ କରିବାକୁ ଜେଲ୍ ବାହାରକୁ ଛଡ଼ାଯାଏ । ଚିନ୍ନପ୍ପା ସ୍ଥାନୀୟ ଡାକ୍ତରଖାନାରେ ବୋଲହାକ କରିବାର କାର୍ଯ୍ୟରେ ନିଯୁକ୍ତି ପାଏ । ନାଗପ୍ପା କିନ୍ତୁ ଭୀଷଣ ଅସୁସ୍ଥ ହୋଇପଡ଼େ ଓ ଅଳ୍ପ ଦିନ ଭିତରେ ତାହାର ଦେହାନ୍ତ ଘଟେ । ମାଡ୍ରାସୀଙ୍କ ଜାଗାରେ କିଛି ବର୍ମାରୁ ଆସିଥିବା କଏଦୀ ଏମାନଙ୍କ ସହିତ ରହନ୍ତି ।




ଜେଲ୍ ସୁପରିଂଟେଣ୍ଡେଣ୍ଟ କ୍ୟାପ୍ଟେନ୍ ମୁରେଙ୍କର ଭାରି ଭଲ ସମ୍ପର୍କ ଥିଲା ଏଇ ବଙ୍ଗାଳୀ ରାଜବନ୍ଦୀମାନଙ୍କ ସହିତ । ପ୍ରତିଦିନ ଆସି ସେମାନଙ୍କ ସହ ବିଭିନ୍ନ ବିଷୟ ଉପରେ ଦୀର୍ଘ ଆଲୋଚନା କରନ୍ତି । ଥଟ୍ଟାମଜା ବି ଚାଲେ । ଅଧିକାରୀ ଜଣେ ଆସି ଏମାନଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖି ଜେଲ୍‌ର ପେଟି ଅଫିସର କି ଟଣ୍ଡିଲ୍ ମାନେ ମଧ ଏମାନଙ୍କ ସହ ଦୁର୍ବ୍ୟବହାର କରିବାକୁ ସାହସ କରନ୍ତି ନାହିଁ । ଏମାନଙ୍କୁ ବଗିଚାରେ ଘାସ କାଟିବା ଭଳି କିଛି ହାଲୁକା କାମ ହିଁ ଦିଆ ହେଉଥାଏ । ଏହା ଖୁବ୍ ସହଜ କାମ ହୋଇଥିବାରୁ ଶୀଘ୍ର ସରିଯାଏ । ତା' ପରେ ଦିନଟା ସାରା ଆରାମ । ପୁଣି ତାଙ୍କର ଆଦେଶ ଥିଲା ଯେ ଘାସ ସେତେବେଳେ କଟାଯିବ ଯେତେବେଳେ ଖରା କି ବର୍ଷା ହେଉ ନଥିବ । ଆଣ୍ଡାମାନରେ ବର୍ଷର ପ୍ରାୟ ଅଧିକାଂଶ ଦିନ ବର୍ଷା ଲାଗି ରହୁଥିବା ବେଳେ ଅନ୍ୟ ଦିନମାନଙ୍କରେ ପ୍ରଚଣ୍ଡ ଖରା ହେଉଥାଏ । ତେଣୁ ଏମାନଙ୍କର ଆରାମ ହିଁ ଆରାମ । ସାରାଦିନ ବସି ବାରଣ୍ଡାରେ ଗପାଗପି କରନ୍ତି । କେତେବେଳେ ଉଡ଼ା ମେଘଟେ ଆସି ସୂର୍ଯ୍ୟଙ୍କୁ ଢାଙ୍କିଦେଲେ ଏମାନେ ବାହାରକୁ ବାହାରନ୍ତି ବଗିଚାରେ ଘାସ କାଟିବା ପାଇଁ । ହେଲେ କ୍ୟାପ୍ଟେନ୍ ମୁରେ ଦୁଇବର୍ଷ ପାଇଁ ଛୁଟି ନେଇ ତାଙ୍କ ଦେଶକୁ ଚାଲିଯିବାରୁ ଏମାନଙ୍କ ଦୁର୍ଦ୍ଦିନ ଆରମ୍ଭ ହୋଇଯାଏ । ଜେଲର୍ ଶକ୍ତ ଆଦେଶ ଜାରି କରନ୍ତି ଏଇ ବମ୍‌ଗୋଳା ବାଲାଙ୍କ ସହ ଜେଲ୍ ଭିତରେ କେହି କଥାବାର୍ତ୍ତା କରିବେ ନାହିଁ ବୋଲି । କେହି କୌଣସି ପ୍ରକାର ସମ୍ପର୍କ ରଖିବାକୁ ଚେଷ୍ଟାକଲେ କଠୋର ଦଣ୍ଡ ବିଧାନ କରାଯିବ । ସେଥିପାଇଁ ସେମାନଙ୍କୁ ଅନ୍ୟ ବନ୍ଦୀମାନଙ୍କ ଠାରୁ ପୃଥକ୍ କରି ରଖିବାର ବ୍ୟବସ୍ଥା କରାଯାଏ । ଏଇ ଦଶଜଣ ଯାକ ହିନ୍ଦୁ ହୋଇଥିବାରୁ ହିନ୍ଦୁ ଜଗୁଆଳିଙ୍କ ଦାୟିତ୍ୱରେ ରଖିଲେ ସେମାନେ ହୁଏତ ପାତର ଅନ୍ତର କରି ପାରନ୍ତି । ସେଇଥିପାଇଁ ପାଞ୍ଚ ନମ୍ବର ବ୍ଲକ୍‌ରେ ପେଟି ଅଫିସର, ୱାର୍ଡ଼ର ଇତ୍ୟାଦି କାମରେ କେବଳ ମୁସଲମାନମାନଙ୍କୁ ହିଁ ନିଯୁକ୍ତ କରାଯାଏ । ସେମାନେ ହିନ୍ଦୁସ୍ଥାନୀ, ପଞ୍ଜାବୀ ନହେଲେ ଥାଆନ୍ତି ପଠାଣ । ଜଣେ ଜଣେ ସାକ୍ଷାତ୍ ଯମଦୂତ, ଧରିଆଣ କହିଲେ ମାରିଆଣିବା ଲୋକ । କଏଦୀମାନଙ୍କ ପାଖରୁ କାମ ଆଦାୟ କରିବା ପାଇଁ ଏମାନେ ଖୁବ୍ ନିର୍ଦ୍ଦୟ ହୋଇ ପାରନ୍ତି । ସେଠାରେ ଉପସ୍ଥିତ ପଠାଣମାନଙ୍କ ଭିତରେ ସବୁଠାରୁ ଦୁର୍ଦ୍ଦାନ୍ତ ଥାଏ ଖୋୟଦାଦ୍ ଖାନ୍ । ତା' ରୂପ ଏମିତି ଭୟଙ୍କର ଦେଖିବାକୁ ଯେ ଯିଏ ବି ତାକୁ ଦେଖିଲେ ତା' ମନରେ ଭୟ ଜାତ ହେବ ନିଶ୍ଚିତ । ରାଜବନ୍ଦୀମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବାର ଦାୟିତ୍ୱ ତା' ଉପରେ ନ୍ୟସ୍ତ କରାଯାଏ ।

ଜେଲର୍ ବାରୀ ସାହେବ୍ କେବେ କେମିତି ତାଙ୍କ ପରିବାରକୁ ସାଙ୍ଗରେ ନେଇ ସେଲ୍ୟୁଲାର ଜେଲ୍ ପରିଦର୍ଶନ କରିବାକୁ ଆସନ୍ତି । ପିଞ୍ଜରାବଦ୍ଧ ମଣିଷମାନେ ପାରୁ ପର୍ଯ୍ୟନ୍ତେ ମୁରୁକି ହସି ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ମାନ ଜଣାନ୍ତି । ତାଙ୍କ ପତ୍ନୀ ଥିଲେ ସାମାନ୍ୟ ଛୋଟୀ । ଚାଲିଲା ବେଳେ ଛୋଟେଇ ଛୋଟେଇ ଚାଲନ୍ତି । ତାଙ୍କର ଝିଅଟିଏ, ତା' ନାଁ କେଥରିନ୍ । ବାରୀ ସାହେବ୍ ଏମାନଙ୍କୁ ସାଙ୍ଗରେ ନେଇ ଆସିଲେ ସମସ୍ତଙ୍କ ସହ ଭାରି ଭଦ୍ରତାର ସହ କଥାବାର୍ତ୍ତା କରନ୍ତି । ତାଙ୍କ ରକ୍ଷପଣ ସେତେବେଳେ ଆଦୌ ଜଣାପଡ଼େ ନାହିଁ । ତାଙ୍କ ପତ୍ନୀ ଓ ଝିଅ ଉଭୟେ ଥିଲେ ଖୁବ୍ ସ୍ନେହୀ । ଯେବେ ଆସିଲେ ବି ସେମାନେ ଏମାନଙ୍କ ପାଇଁ ଫଳ କିମ୍ବା ମିଷ୍ଟାନ୍ନ ସାଙ୍ଗରେ ନେଇକରି ଆସୁଥିଲେ ।

କଏଦୀମାନେ କିଏ କେତେ କାମ କଲା ତାହାର ହିସାବ ରଖିବା ଦାୟିତ୍ୱ ଥାଏ ଗୁଲାମ ରସୁଲ ଉପରେ । ଇଏ ଥିଲା ଭଗବାନ୍‌ଙ୍କର ଜଣେ ବିଚିତ୍ର କୃତି । କଳା କିଟିକିଟି ବାଙ୍ଗରା ଲୋକଟି ଦେଖିବାକୁ ଖୁବ୍ ଅସୁନ୍ଦର ସିନା ହେଲେ ଥିଲା ସାହେବ୍‌ମାନଙ୍କର ଖୁବ୍ ବିଶ୍ୱସ୍ତ । କେବେ ଗାଧୋଉ ନଥିବାରୁ ଦେହରୁ ଏତେ ଦୁର୍ଗନ୍ଧ ବାହାରେ ଯେ କେହି ତା' ପାଖରେ ଠିଆ ସୁଦ୍ଧା ହୋଇ ପାରନ୍ତିନି । ସିଏ ପ୍ରଥମେ ଯେବେ ଜେଲ୍‌କୁ ଆସିଥିଲା ତା'ର ଏଇ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଜେଲ୍ ଅଧିକାରୀ ଚାରିଜଣ ମେହେନ୍ତରଙ୍କୁ ଦାୟିତ୍ୱ ଦେଇଥିଲେ ତାକୁ ନେଇ ଭଲକରି ଗାଧୋଇ ଦେବାପାଇଁ । ସେମାନେ ଧରିବାନ୍ଧି ୟା'କୁ ନେଇ ଗୋଟିଏ ପାଣିଟାଙ୍କି ଭିତରେ ପୂରେଇ ଦେଇ ନଡ଼ିଆ କତାରେ ତା' ଦେହ ଘଷି ତାକୁ ଭଲଭାବରେ ଗାଧୋଇ ଦିଅନ୍ତି । ହେଲେ ସେଇ ଗାଧୁଆ ଯୋଗୁଁ ବିଚରାକୁ ପ୍ରାୟେ ମାସେ କାଳ ଭୀଷଣ ଜ୍ୱରରେ ଆକ୍ରାନ୍ତ ହେବାକୁ ପଡ଼େ । ସେଇ ଦିନଠୁ ବାବୁଙ୍କର ଗାଧୁଆରେ ପୂର୍ଣ୍ଣଚ୍ଛେଦ । ସାହେବ୍‌ମାନଙ୍କ ବିଶ୍ୱସ୍ତ ହୋଇଥିବାରୁ ତାକୁ ଜେଲ୍‌ରେ ୱାର୍ଡ଼ର ଭାବେ ନିଯୁକ୍ତି ଦିଆଯାଏ । କଏଦୀଙ୍କ ଠାରୁ କାମ ହାସଲ କରିବାରେ ସେ ଥାଏ ଧୂରନ୍ଧର । ଟିକିଏ ଓଲମ ବିଲୋମ ହେଲେ କଠିନ ଶାସ୍ତି ଦେଉଥିବାରୁ କଏଦୀମାନେ ଆତଙ୍କିତ ହୋଇ ତା' କଥା ମାନନ୍ତି । ୱାର୍ଡ଼ରରୁ ପଦୋନ୍ନତି ଘଟି ସେ ପେଟି ଅଫିସର, ଟଣ୍ଡିଲ ଭାବରେ ସଫଳତାର ସହ କାମ କରି ଶେଷକୁ ଜମାଦାର ବନିଯାଏ । ବାରୀ ସାହେବଙ୍କର ତା' ଉପରେ ଥାଏ ଅଗାଧ ବିଶ୍ୱାସ । ସେ ଯାହା କହିବ ତାହା ହିଁ ସତ୍ୟ ବୋଲି ପରିଗଣିତ ହୁଏ ।

ସେଲ୍ୟୁଲାର ଜେଲ୍‌ରେ କୌଣସି ବ୍ରାହ୍ମଣ କଏଦୀ ପହଞ୍ଚିଲେ ତାକୁ ତା' ପଇତା କାଢ଼ି ଦେବାକୁ କୁହାଯାଉଥିଲା । ଭାରତର କୌଣସି ଜେଲ୍‌ରେ ବି ଏଇ ନିୟମ ନଥାଏ । ସେଠାରେ ବି ସେମିତି କିଛି ଲିଖିତ ନିୟମ ନଥିଲେ ବି ଏଇ ପ୍ରଥା ଅନେକ ଦିନରୁ ଚାଲି ଆସିଥାଏ । ଭୟର ବଶବର୍ତ୍ତୀ ହୋଇ କେହି ତାହାର ବିରୋଧ କରିବାକୁ ସାହସ କରୁ ନଥିଲେ । ସତେ ଯେମିତି ତାହା ପୁରୀର ଜଗନ୍ନାଥ ମନ୍ଦିର ଭଳି ଗୋଟିଏ ସ୍ଥାନ ଯେଉଁଠି ଜାତିଭେଦ ନାହିଁ । ବ୍ରାହ୍ମଣ, କରଣ, ହରିଜନ ସମସ୍ତେ ସେଠାରେ ସମାନ ଥିବାରୁ କାହିଁକି ଆଉ ବିଭେଦ ସୃଷ୍ଟି କରୁଥିବା କୌଣସି ଚିହ୍ନ କାହା ପାଖରେ ରହିବ । ହେଲେ ଏଭଳି ସମାନତାର ନିୟମ କେବଳ ହିନ୍ଦୁଙ୍କ ଉପରେ ହିଁ ଲାଗୁ କରାଯାଉଥାଏ । ମୁସଲମାନଙ୍କ ଦାଢ଼ି କିମ୍ବା ଶିଖ୍‌ଙ୍କ ପଗଡ଼ିରେ ହାତ ମାରିବା କଥା କେହି କେବେ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରୁ ନଥିଲେ । କାରଣ ମୁସଲମାନ ଓ ଶିଖ୍‌ମାନେ ନିଆଁଗିଳା ଥିବାବେଳେ ବ୍ରାହ୍ମଣମାନେ ଥିଲେ ମୂକ ମେଣ୍ଢା । ଏଇ ପ୍ରଥା ବହୁଦିନ ଧରି ଚାଲିବା ପରେ ଜଣେ ପଞ୍ଜାବୀ ବ୍ରାହ୍ମଣ, ରାମ୍‌ରଖା ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ କରନ୍ତି । ୧୯୧୮ ମସିହାରେ ସେ ଆଜୀବନ କଏଦୀ ଭାବେ ଆସନ୍ତି ଆଣ୍ଡାମାନ । ପ୍ରଥମ ଦିନ ଜେଲର୍ ତାଙ୍କୁ ପଇତା କାଢ଼ିଦେବାକୁ ଆଦେଶ ଦେବାରୁ ସେ ତାହାର ପ୍ରତିବାଦ କରି କହନ୍ତି ଯେ ବିନା ପଇତାରେ ଖାଦ୍ୟ କିମ୍ବା ପାଣି ଟୋପେ ବି ଗ୍ରହଣ କରିବା ଧର୍ମ ବର୍ଜିତ ଅଟେ । ତେଣୁ ତାଙ୍କୁ ଜେଲ୍ ଭିତରେ ପଇତା ଧାରଣ କରିବାକୁ ଅନୁମତି ଦିଆଯାଉ । ସେ ଯେତେ ଅନୁରୋଧ କଲେ ବି ତାଙ୍କ କଥାକୁ କୌଣସି ଅଧିକାରୀ କର୍ଣ୍ଣପାତ ସୁଦ୍ଧା କରନ୍ତି ନାହିଁ । ବଳ ପ୍ରୟୋଗ କରି ତାଙ୍କ ଦେହରୁ ପଇତା କାଢ଼ି ନିଆଯାଏ । ଉଚ୍ଚ ଶିକ୍ଷିତ ରାମ୍‌ରଖା, ଜୀବିକାର୍ଜନ ପାଇଁ ଚୀନ୍, ଜାପାନ ତଥା ସିଆମ୍‌ରେ ଅନେକ ବର୍ଷ ରହିଥିବା ଯୋଗୁଁ ଧର୍ମକୁ ନେଇ ଏତେ ରକ୍ଷଣଶୀଳ ଆଦୌ ନଥିଲେ । କିନ୍ତୁ ଗୋଟେ ମତବାଦ ସପକ୍ଷରେ ଏହାର ଦୃଢ଼ ପ୍ରତିବାଦ କରିବାକୁ ସେ ଅଣ୍ଟା ଭିଡ଼ି ଆଗେଇ ଆସନ୍ତି । ତାଙ୍କୁ ପଇତା ନଦିଆଯିବା ପର୍ଯ୍ୟନ୍ତ ସେ ଖାଦ୍ୟ କିମ୍ବା ପାଣି ଟୋପାଏ ବି ଗ୍ରହଣ କରିବାକୁ ରୋକ୍ ଠୋକ୍ ମନା କରିଦିଅନ୍ତି । ଜେଲ୍ ଭିତରେ ଥିବା ବନ୍ଦୀମାନଙ୍କର ବି ସମର୍ଥନ ଥାଏ । ଚାରିଦିନ ପର୍ଯ୍ୟନ୍ତ ତାଙ୍କ କଥାରେ ଦୃଢ଼ ରହି ନିର୍ଜଳା ଉପବାସ ରହିବା ପରେ ପରିସ୍ଥିତି ଉଦ୍‌ବେଗଜନକ ହୋଇ ପଡ଼ିବାରୁ ତାଙ୍କୁ ବଳାତ୍‌ପାନ କରେଇବାକୁ ପ୍ରୟାସ କରାଯାଏ । ବର୍ମାରୁ ଆଣ୍ଡାମାନ ଅଣାଯାଉଥିବା ବେଳେ ହିଁ ତାଙ୍କର ସ୍ୱାସ୍ଥ୍ୟର ଅବନତି ଦେଖା ଦେଇଥିଲା । ଏବେ ଓପାସ ରହିବା ଓ ବଳାତ୍‌ପାନ ଯୋଗୁଁ ପରିସ୍ଥିତି ଆହୁରି ସାଙ୍ଘାତିକ ରୂପ ନେବାକୁ ଲାଗେ । ଭୀଷଣ ରକ୍ତବାନ୍ତି ହୋଇ ସେ ଜେଲ୍ ଭିତରେ ହିଁ ମୃତ୍ୟୁବରଣ କରନ୍ତି ।

ଜେଲ୍ ଭିତରେ ଯେତିକି କାମ କଏଦୀମାନଙ୍କୁ କରିବାକୁ ଦିଆଯାଉଥିଲା ସେଭିତରୁ ସବୁଠୁ କଷ୍ଟର କାମ ହେଉଛି ଘଣା ପେଲିବା । ଜେଲ୍ ନିୟମାବଳୀରେ ସ୍ପଷ୍ଟ ଲେଖା ହୋଇଥାଏ କେଉଁମାନଙ୍କୁ କେଉଁ ପ୍ରକାର କାମ ଦିଆଯିବା ବିଷୟରେ । କଏଦୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ହିଁ ବଳବାନ୍ ତଥା ନିରୋଗ ମାନଙ୍କୁ ହିଁ ଏଇ ତେଲଘଣାରେ କାମ କରିବାକୁ ଦିଆଯିବା କଥା । କିନ୍ତୁ ବାରୀ ସାହେବ୍ ନିୟମ କରିଦିଅନ୍ତି ଯେ ପ୍ରତ୍ୟକ କଏଦୀ ବର୍ଷକୁ ଅନ୍ତତଃ ଏକ ମାସ ତେଲଘଣାରେ କାମ କରିବା ବାଧ୍ୟତାମୂଳକ । ସେଥିରେ ପୁଣି ଦୈନିକ ତିରିଶ ପାଉଣ୍ଡ ଓଜନର ତେଲ ବାହାର କରିବାକୁ ପଡ଼ିବ । ତହିଁରୁ କମ୍ ହେଲେ ଦଣ୍ଡର ବିଧାନ ରହିଛି । ଅବିନାଶ ଦୁର୍ବଳ ସ୍ୱାସ୍ଥ୍ୟର ହୋଇଥିବାରୁ ଘଣା ପେଲିବା ତାଙ୍କ ପାଇଁ ଥିଲା ଏକ ଅସମ୍ଭବ ବ୍ୟାପାର । ସାଥୀମାନେ ତାଙ୍କୁ କିଛି କିଛି ସାହାଯ୍ୟ କଲେ ବି ବିଚରା ବେମାର ପଡ଼ିଯାଆନ୍ତି ଏଇ କାମ କରି । ଆହ୍ଲାବାଦର 'ସ୍ୱରାଜ' ପତ୍ରିକାର ସମ୍ପାଦକ ନନ୍ଦଗୋପାଲ ଅସହଯୋଗକୁ ନିଜର ଅସ୍ତ୍ର ରୂପେ ବ୍ୟବହାର କରନ୍ତି ଜେଲ୍ ଭିତରେ । ସେ ଘଣା ପେଲିବାକୁ ମନା କରନ୍ତି ନାହିଁ । ହେଲେ ସେ ତ କୌଣସି ଭାରବାହୀ ପଶୁ ନୁହେଁ ଯେ ଠିକ୍ ଭାବରେ ତେଲଘଣା ଚାରିପଟେ ଘୂରି ଶୀଘ୍ର ଶୀଘ୍ର ତାକୁ ବୁଲାଇ ପାରିବେ । ସାପ ନମରୁ କି ବାଡ଼ି ନଭାଙ୍ଗୁ ନ୍ୟାୟରେ ସେ ଆସ୍ତେ ଆସ୍ତେ ଘଣାକୁ ଘୂରାଇ ଚାଲନ୍ତି । ଦିନ ଦଶଟା ବେଳେ ଖାଇବାକୁ ଡକରା ହେବାରୁ ହାତ ମୁହଁ ଧୋଇ ସେ ଆରାମ୍‌ରେ ଖାଇବାକୁ ବସନ୍ତି । ଅନ୍ୟମାନେ ଶୀଘ୍ର ଶୀଘ୍ର ଖାଇଦେଇ ପୁଣି ଘଣାରେ ଲାଗିଯାଆନ୍ତି ନିର୍ଦ୍ଧାରିତ ଓଜନ ପୂରଣ କରିବାକୁ । ହେଲେ ନନ୍ଦଗୋପାଲ ଆରାମରେ ଚୋବାଇ ଚୋବାଇ ଖାଇବା ପରେ ଜେଲ୍‌ର ନିୟମାବଳୀ ଅନୁସାରେ ପୁଣି ଦୁଇଘଣ୍ଟା ବିଶ୍ରାମ ନେଇ କାମରେ ଲାଗନ୍ତି । ସାରା ଦିନର କାମ ପରେ ମାତ୍ର ପନ୍ଦର ପାଉଣ୍ଡ ଓଜନର ତେଲ ହିଁ ବାହାରେ । ନିର୍ଦ୍ଧାରିତ ପରିମାଣର ତେଲ ବାହାର କରି ନପାରିଥିବାରୁ ଗୁଲାମ ରସୁଲ ତାଙ୍କୁ ନେଇ ପହଞ୍ଚାଇ ଦିଏ ବାରି ସାହେବ୍‌ଙ୍କ ଆଗରେ । କାହିଁକି ଏତେ କମ୍ ତେଲ ବାହାରିଛି ବୋଲି ବାରୀ ତାଙ୍କୁ ପଚାରିବାରୁ ସେ ବଡ଼ ସହଜ ଭଙ୍ଗୀରେ ଉତ୍ତର ଦିଅନ୍ତି ଯେ ସେ ଜଣେ ମଣିଷ ହୋଇଥିବାରୁ ମଣିଷ ଭଳି ହିଁ କାମ କରି ପାରିବେ । କୌଣସି ପରିସ୍ଥିତିରେ ବି ପଶୁ ଭଳି କାମ କରି ପାରିବେ ନାହିଁ । ତାଙ୍କୁ କୌଣସି ପ୍ରକାରେ ଯୁକ୍ତିରେ ପରାସ୍ତ ନକରି ପାରିବାରୁ ଶେଷକୁ ଠିଆ ହାତକଡ଼ି ଲଗାଇ ତାଙ୍କୁ କୋଠରୀ ଭିତରେ କାନ୍ଥରେ ଟଙ୍ଗେଇ ଦିଆଯାଏ । ଯେତେ ଯାହା ଦଣ୍ଡ ଦେଲେ ବି ସେ କାମ କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ଅନ୍ୟ ରାଜବନ୍ଦୀମାନେ ବି ସେମିତି ନାନା ପ୍ରକାର ଯୁକ୍ତି ଦେଖାଇ କାମ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଜେଲ୍ ଭିତରେ ଏମାନଙ୍କ ପାଖରୁ କାମ ହାସଲ କରିବା କଷ୍ଟକର ହୋଇ ପଡୁଥିବାରୁ ଶେଷକୁ ଏମାନଙ୍କୁ କାମ କରିବା ପାଇଁ ଜେଲ୍ ବାହାରକୁ ପଠାଇବାକୁ ନିଷ୍ପତ୍ତି ନିଆଯାଏ ।

ବାରୀନ୍ଦ୍ରଙ୍କୁ ଗୋଟେ ରାଜମିସ୍ତ୍ରୀ ପାଖରେ କୁଲିକାମ କରିବାକୁ ପଠାଯିବା ବେଳେ ଉଲ୍ଲାସକର ଯାଆନ୍ତି ଗୋଟିଏ ଇଟାଭାଟିରେ ମାଟି ଖୋଳିବା ତଥା ଇଟା ତିଆରି କରିବା ପାଇଁ । କେତେକଙ୍କୁ ଜଙ୍ଗଲ ଭିତରକୁ ପଠାଯାଏ କାଠ କାଟିବା ଉଦ୍ଦେଶ୍ୟରେ । ଆଉ କେତେକ ଯାଆନ୍ତି ରିକ୍ସା ଟାଣିବା ତଥା ବନ୍ଧ ନିର୍ମାଣ କାର୍ଯ୍ୟରେ କୁଲିକାମ କରିବା ପାଇଁ । ହେଲେ ରାଜବନ୍ଦୀମାନଙ୍କ ପାଇଁ ଏଇ ବ୍ୟବସ୍ଥା ଥିଲା କରେଇରୁ ନିଆଁ ଭିତରକୁ ଡେଇଁ ପଡ଼ିବା ଭଳି । କାରାଗାର ଭିତରେ ଯେତେ କଷ୍ଟ କାମ କରିବାକୁ ପଡୁ ନା କାହିଁକି ଖାଇବା ପିଇବାକୁ ଠିକ୍ ସମୟରେ ମିଳୁଥିବା ବେଳେ ମୁଣ୍ଡ ଉପରେ ଛାତଟିଏ ଥିବାରୁ ଖରା ବର୍ଷାର କୌଣସି ଚିନ୍ତା ହିଁ ନଥିଲା । ବାହାରେ ସକାଳ ଛ'ଟାରୁ ଦିନ ଦଶଟା ପର୍ଯ୍ୟନ୍ତ ଓ ଦିନ ଗୋଟାଏ ରୁ ଅପରାହ୍ନ ସାଢ଼େ ଚାରିଟା ପର୍ଯ୍ୟନ୍ତ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡ଼େ । ତା'ସହ ପୁଣି ପ୍ରଚଣ୍ଡ ଖରାରେ ସିଝିବା ଓ ବର୍ଷାରେ ବତୁରିବା ଥିଲା ବୋନସ୍ । ବର୍ଷକୁ ସାତମାସ ସେଠାରେ ବର୍ଷା ହେଉଥିବାରୁ ସେଠିକା ଜଙ୍ଗଲରେ ଜୋକ ଓ ପୋକ ଭର୍ତ୍ତି ହୋଇ ରହିଥାଆନ୍ତି । ଏମାନଙ୍କ ଭୟରେ ଲୋକେ ଜଙ୍ଗଲ ଭିତରକୁ କାମ କରିବାକୁ ସହଜରେ ରାଜି ହୁଅନ୍ତି ନାହିଁ। ବୋଝ ଉପରେ ନଳିତା ବିଡ଼ା ଭଳି ଶ୍ରମିକମାନଙ୍କୁ ପେଟପୂରା ଖାଇବାକୁ ମଧ ଦିଆଯାଏ ନାହିଁ । ଅଧିକାରୀମାନେ ଅଧା ରାସନ ପାଖ ଗାଁ ଗୁଡ଼ିକରେ ବିକ୍ରି କରି ଦେଉଥିବାରୁ ଏଭଳି ସମସ୍ୟା ଦେଖାଦେବା ସ୍ୱାଭାବିକ । ଏକଥା ସମସ୍ତେ ଜାଣୁଥିଲେ ବି ପ୍ରତିକାର ପାଇଁ କେହି ଚିନ୍ତା ହିଁ କରନ୍ତି ନାହିଁ । ଆଉ ବନ୍ଦୀମାନେ ସେ ବିଷୟରେ ପାଟି ଖୋଲିବା ହିଁ ଥିଲା ଦୋଷାବହ। ଦଣ୍ଡ ବିଧାନର ଭୟ ସେମାନଙ୍କୁ ଚୁପ୍ ରହିବାକୁ ବାଧ କରୁଥିଲା ।

ଜେଲ୍ ବାହାରେ ବନ୍ଦୀମାନଙ୍କ ପାଇଁ ଥିଲା ଚାରୋଟି ଡାକ୍ତରଖାନା । ସେମାନଙ୍କର ମୁଖ୍ୟ ଥାଆନ୍ତି ଜଣେ ବଙ୍ଗାଳୀ ସର୍ଜନ । ବଙ୍ଗାଳୀ ରାଜବନ୍ଦୀମାନେ ସେଠାକୁ ଚିକିତ୍ସିତ ହେବା ପାଇଁ ଗଲେ କାଳେ ଡାକ୍ତର ସାହେବ୍‌ଙ୍କ ଶୁଭଦୃଷ୍ଟି ସେମାନଙ୍କ ଉପରେ ପଡ଼ିପାରେ ସେଥିପାଇଁ ଆଣ୍ଡାମାନ୍‌ର ଚିଫ୍ କମିଶନର କଲୋନେଲ ବ୍ରାଉନିଙ୍ଗ ନିୟମ କରିଥାନ୍ତି ଯେ ବାହାରକୁ କାମ କରିବାକୁ ଯାଉଥିବା ରାଜବନ୍ଦୀମାନେ ବେମାର ପଡ଼ିଲେ ଜେଲ ବାହାର ଡାକ୍ତରଖାନାରେ ଚିକିତ୍ସିତ ନହୋଇ ଜେଲ୍ ଭିତରେ ଥିବା ଡାକ୍ତରଖାନାରେ ଚିକିତ୍ସିତ ହେବେ । ଆଠ ଦଶ କିଲୋମିଟର ଦୂରରେ କୋଉ ଜଙ୍ଗଲ ଭିତରେ କାମ କରୁଥିବା ବନ୍ଦୀମାନେ ତେଣୁ ବେମାର ପଡ଼ିଲେ ସେଇ ଅସୁସ୍ଥ ଥିବା ଅବସ୍ଥାରେ ନିଜର ବେଡିଂ କାନ୍ଧେଇ ଚାଲି ଚାଲି ଫେରୁଥିଲେ ଜେଲ୍ ଭିତରକୁ । ପୁଣି ଭିତରେ ଥିବା ଡାକ୍ତଖାନାରେ ଚିକିତ୍ସିତ ହେବା ପୂର୍ବରୁ ସେମାନଙ୍କୁ ଜେଲର୍‌ଙ୍କ ଠାରୁ ଅନୁମତି ଆଣିବାକୁ ହେଉଥିଲା । ଆଉ ଜେଲର୍ ଅଧିକାଂଶଙ୍କୁ ବାହାନା କରୁଛନ୍ତି ବୋଲି କହି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା କୋଠରୀ ଭିତରେ ବନ୍ଦ କରିଦେଇ ନିଜ କର୍ତ୍ତବ୍ୟ ସମାପନ କରୁଥିଲେ । ..... କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସ୍ମରଣୀୟେଷୁ

# ପଦ୍ମଶ୍ରୀ ସାବରମତୀ



ସମାଜସେବା ସହ ଶିକ୍ଷା ଏବଂ ସଂସ୍କାର ତାଙ୍କୁ ମିଳିଥିଲା ଗୁଣସୂତ୍ରରେ । ପିତା ତାଙ୍କର ପଦ୍ମଶ୍ରୀ ପ୍ରଫେସର୍ ରାଧାମୋହନ, ଜଣେ ବିଶିଷ୍ଟ ଶିକ୍ଷାବିତ୍, ଅର୍ଥବିତ୍, ପରିବେଶବିତ୍, ଗାନ୍ଧିବାଦୀ ଏବଂ ସମାଜ ସଂସ୍କାରକ । ସାବରମତୀଙ୍କର ଜନ୍ମ ଊଣେଇଶହ ସତଷଠି ମସିହା ଫେବୃୟାରୀ ଷୋହଳ ତାରିଖରେ । ଜନ୍ମ ହେଲାଦିନୁ ଦେଖିଆସୁଥିଲେ ବାପାଙ୍କୁ, ସେଇ ଖଣ୍ଡିଏ ଧୋତି କାମିଜରେ ଖାଲିପାଦରେ ଚାଲି ଚାଲି ଗାଆଁ ଗାଆଁ, ବସ୍ତି ବସ୍ତି ବୁଲି ନିରଳସ ଭାବରେ ଗାନ୍ଧୀଜୀ ଙ୍କର ବାଣୀ, ତାଙ୍କର ଆଦର୍ଶ, ସେବା ମନୋବୃତ୍ତି ପ୍ରଚାର ପ୍ରସାର କରିବାର । ମାଆ ବିଜୟଲକ୍ଷ୍ମୀ ଜଣେ ଗୃହିଣୀ, ସ୍ୱାମୀଙ୍କ ସକଳ ସଂସ୍କାରର ଅନୁଗାମିନୀ ସେ । ତାଙ୍କର ତିନି କନ୍ୟା ସନ୍ତାନ ସାବରମତୀ, ବିଶ୍ୱଭାରତୀ, ଅମରାବତୀଙ୍କୁ ସେଇ ସଂସ୍କାର ଦେଇ ବଢେଇଥିଲେ ସେ । ରାଧାମୋହନ ସରକାରଙ୍କର ଉଚ୍ଚ ପଦପଦବୀ ରେ ଥିବାବେଳେ ମଧ୍ୟ ତାଙ୍କର ଧୋତି ପଞ୍ଜାବୀ ପିନ୍ଧିବାର ସେଇ ପୁରୁଣା ଅଭ୍ୟାସ ଛାଡି ନଥିଲେ । ବିଜୟଲକ୍ଷ୍ମୀ କେବଳ ସୂତା ଶାଢୀ ଦି'ଖଣ୍ଡରେ ଦିନ କାଟୁଥିଲେ । ତାଙ୍କ ଘରେ ଭାତ ସହିତ କେବଳ ଗୋଟିଏ ତରକାରୀରୁ ଅଧିକ ରୋଷେଇ ହେଉ ନଥିଲା କେବେ । 'ସରଳ ଜୀବନଧାରା ଓ ଉଚ୍ଚ ଚିନ୍ତାଧାରା' (simple living and high thinking) ଥିଲା ରାଧାମୋହନଙ୍କ ଜୀବନର ମୂଳ ମନ୍ତ୍ର । ସେଇ ମନ୍ତ୍ର ରେ ଅଭିମନ୍ତ୍ରିତ ହୋଇଥିଲେ ତାଙ୍କର ସାରା ପରିବାର ।

ପ୍ରଫେସର୍ ରାଧାମୋହନ ପ୍ରଥମରୁ ଅର୍ଥଶାସ୍ତ୍ରର ଅଧ୍ୟାପକ ଭାବରେ ଚାକିରୀରେ ଯୋଗ ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପ୍ରଶାସନିକ ସେବାରେ ଯୋଗଦାନ କରି ରାଜ୍ୟ ସରକାରଙ୍କର ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଗ୍ରାମୀଣ ବିକାଶ ଇତ୍ୟାଦି ଇତ୍ୟାଦି ବିଭିନ୍ନ ବିଭାଗରେ କାମ କରିବା ବେଳେ ଓଡିଶାର ଗ୍ରାମୀଣ ଜନଜୀବନ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଏକଦା ରାଜ୍ୟ ସରକାରଙ୍କର ସୂଚନା ବିଭାଗର କମିଶନର୍ ଥିବା ସମୟରେ ମାନବ ଅଧିକାର ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରାଇବା, ଜୈବିକ କୃଷି ମାଧ୍ୟମରେ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ସେ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଥିଲେ । ଗାଆଁକୁ ଗାଆଁ ବୁଲି ଅଶିକ୍ଷା, କୁସଂସ୍କାର ଏବଂ ଉନ୍ନତ ଜୈବିକ ପନିପରିବା ଚାଷ ବିଷୟରେ ଲୋକମାନଙ୍କୁ ବୁଝାଉଥିଲେ । ଲୋକ ସେବାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ମିଳିଥିଲା । ସେହି ସମୟରେ ସେ ନୟାଗଡରେ ରୋହିବାଙ୍କ ନାମକ ଏକ ପଛୁଆ ଗ୍ରାମରେ କିଛି ଅନୁର୍ବର ଟାଙ୍ଗର ଭୂମିକୁ ନିଜର ପରୀକ୍ଷାଗାର ଭାବରେ ନେଇ ସେଠାରେ 'ସମ୍ଭବ' ନାମରେ ଏକ କୃଷି କେନ୍ଦ୍ର ଗଠନ କରିଥିଲେ । ପ୍ରଫେସର୍ ରାଧାମୋହନ ପ୍ରଥମେ ଯେତେବେଳେ ସେହି ଗ୍ରାମ ର ଅଧିବାସୀଙ୍କୁ ନିମନ୍ତ୍ରଣ କରି ଗ୍ରାମ ସଭାଟିଏ କରିଥିଲେ ଏବଂ 'ସମ୍ଭବ' ଅନୁଷ୍ଠାନକୁ ଗଢିବାର କାରଣ ଓ ଆଗକୁ ହେବାକୁ ଥିବା ତାହାର କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ, ସେତେବେଳେ ଗ୍ରାମବାସୀମାନେ ତାହା ଏକ ଅସମ୍ଭବ କାର୍ଯ୍ୟ ଓ ସେଇଟି ତାଙ୍କର ପାଗଳାମୀ ବୋଲି କହି ପରିହାସ କରିଥିଲେ । କେହି ଜଣେ ହେଲେ ସହଯୋଗର ହାତ ନବଢାଇବାରୁ ଏକା ଏକା ନିଜ ପରିବାର ସହିତ ଊଣେଇଶହ ଅଣାନବେ ମସିହା ମାର୍ଚ୍ଚ ମାସ ଆଠ ତାରିଖରେ ସେହି ପ୍ରକଳ୍ପଟି ଆରମ୍ଭ କରିଥିଲେ ରାଧାମୋହନ । ନିଜ ଉପରେ ତାଙ୍କର ଖୁବ୍ ଆସ୍ଥା ରହିଥିଲା ଏବଂ ସେ ଦିନେ ସେହି ପ୍ରକଳ୍ପରେ ସଫଳ ହେବେ ବୋଲି ବିଶ୍ୱାସ ମଧ୍ୟ ଥିଲା । ବାପାଙ୍କର ଏକାଗ୍ରତା ଦେଖି ସାବରମତୀ ମଧ୍ୟ ତାଙ୍କ ସହିତ ସେହି ଅନୁର୍ବର ଜମିକୁ ଉର୍ବର କରିବାର ପ୍ରକ୍ରିୟାରେ ଯୋଗ ଦେଇଥିଲେ ।

ସାବରମତୀ ତାମିଲନାଡୁର ଗାନ୍ଧୀଗ୍ରାମରୁ 'ରୁରାଲ୍ ଡେଭଲପମେଣ୍ଟ୍'ରେ ସ୍ନାତକୋତ୍ତର କଲା ପରେ ମଧ୍ୟପ୍ରଦେଶର ଅକ୍ସଫାମ୍ କମ୍ପାନୀରେ କିଛି ବର୍ଷ କାର୍ଯ୍ୟ କରିଥିଲେ । ତା'ପରେ ସେ ନିଜ ଜୀବନକୁ ପିତାଙ୍କର ଦର୍ଶାଇଥିବା ମହତ୍ ପଥରେ ଉତ୍ସର୍ଗ କରି ସମାଜସେବାକୁ ନିଜ ଜୀବନର ଧ୍ୟେୟ କରିଥିଲେ । ନିଜ ଜୀବନରେ ସାବରମତୀ ଚିରକୁମାରୀ ରହିବାର ସଂକଳ୍ପ ନେଇ ମାତ୍ର ପଚିଶି ବର୍ଷ ବୟସରେ ଊଣେଇଶହ ତେୟାନବେ ମସିହାରେ କମ୍ପାନୀର ଚାକିରୀ ଛାଡି ଦେଇ ସଂପୂର୍ଣ୍ଣ ଭାବରେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ନୟାଗଡରେ ପହଞ୍ଚି ସେ ଲୋକସେବା ଏବଂ ପ୍ରକୃତିମାତାର ସେବା କରିବାର ଲକ୍ଷ୍ୟ ନେଇ 'ସମ୍ଭବ' ପାଇଁ କାମ କରିବାକୁ ଆରମ୍ଭ କରିଥିଲେ । ସେହି ଦିନ ଠାରୁ ସାବରମତୀ ସେଠାରେ ରହି ସେ କେବଳ ଜୈବିକ କୃଷି ପ୍ରଣାଳୀ ନୁହେଁ, ନାରୀ ସଶକ୍ତିକରଣ, ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଚ୍ଛତା, ଖାଦ୍ୟ ସୁରକ୍ଷା, ଜଙ୍ଗଲ, ପରିବେଶ ସୁରକ୍ଷା ଉପରେ ମଧ୍ୟ କାମ କରି ଆସୁଛନ୍ତି । ପ୍ରଫେସର୍ ରାଧାମୋହନ ସେତେବେଳେ ପ୍ରଥମେ ଦଶ ଏକର ଜମିକୁ ନେଇ ତାହାକୁ ସମତୁଲ କରି, ବିନା କୌଣସି ରାସାୟନିକ ସାର ପ୍ରୟୋଗ କରି, କେବଳ ଜୈବିକ ଖତ ଦେଇ ଧାନ ଏବଂ ଅନ୍ୟ ଋତୁଭିତ୍ତିକ ପନିପରିବା ଚାଷ ଆରମ୍ଭ କରିଥିଲେ, ସେଥିରେ 'ସମ୍ଭବ'ର ସଫଳତା ଦେଖି ଅନ୍ୟ ମାନେ ଧୀରେ ଧୀରେ ସେମାନଙ୍କ ସହ ଯୋଡିହେବା ଆରମ୍ଭ କରିଥିଲେ । ଏବେ ତ 'ସମ୍ଭବ'ର କ୍ଷେତ୍ର ପ୍ରସାରିତ ହୋଇ ପ୍ରାୟ ନବେ ଏକର ରେ ପହଞ୍ଚିଛି, ଏହାର ସୁପରିଚାଳନା ପାଇଁ ଟ୍ରଷ୍ଟ୍ ବୋର୍ଡ ଟିଏ ଗଠିତ ହୋଇଛି, ଏଥି ସହିତ ଯୋଡି ହୋଇଛନ୍ତି ବିଭିନ୍ନ କ୍ଷେତ୍ରର ବିଭିନ୍ନ ବର୍ଗର ବିଶେଷଜ୍ଞମାନେ ଯଥା କୃଷକ, ଶିକ୍ଷକ, ବୈଜ୍ଞାନିକ, ଡାକ୍ତର ଏବଂ ସରକାରୀ କର୍ମଚାରୀ ଏବଂ ଆହୁରି ଅନେକ । ଜୈବିକ ଚାଷରେ ଏହି ଫାର୍ମ ର ସଫଳତାକୁ ଲକ୍ଷ୍ୟ କରି ବିଦେଶରୁ ମଧ୍ୟ ହଜାର ହଜାର ଏବେ ଏଠାକୁ ଛୁଟି ଆସୁଛନ୍ତି ଜୈବିକ ଚାଷ ପ୍ରଣାଳୀର ଜ୍ଞାନ ଆହରଣ କରିବା ପାଇଁ । ସାବରମତୀ କହନ୍ତି 'ଜୈବିକ ଚାଷ ପ୍ରଣାଳୀର ଚାଷୀକୁ ବେଶୀ ଲାଭ ମିଳୁ ବା ନମିଳୁ ତା'ର ମୂଳଧନ କେବେ ନଷ୍ଟ ହୁଏ ନାହିଁ ଏବଂ ସବୁଠାରୁ ବଡ କଥା ହେଲା ଏଥିରେ ପ୍ରକୃତି ଏବଂ ପରିବେଶର କିଛି କ୍ଷୟକ୍ଷତି ହୁଏନାହିଁ ବରଂ ସେମାନଙ୍କ ସୁରକ୍ଷା ହୋଇଥାଏ ।' ସାବରମତୀ ଙ୍କର ବର୍ତ୍ତମାନର ସ୍ଲୋଗାନ୍ ହେଲା 'Adopt a seed' ବିହନର ସଂରକ୍ଷଣ ଏବଂ 'Buy food not disease' ଖାଦ୍ୟ କିଣ କିନ୍ତୁ ରୋଗ ନୁହେଁ । ଅର୍ଥାତ୍ ପୁରୁଣା ବିହନ ସଂରକ୍ଷଣ କରି ରଖିଲେ ଆମର ଶସ୍ୟ ର ବିଭିନ୍ନ ପ୍ରଜାତି ଅନନ୍ତ କାଳ ଯାଏଁ ବଞ୍ଚି ରହିବ ଏବଂ ଜୈବିକ ପନିପରିବା ଚାଷ କଲେ ରାସାୟନିକ ସାର ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାର ରୋଗ ମଧ୍ୟ ଆମକୁ ହେବନାହିଁ । ସେଥିପାଇଁ ତାଙ୍କ ଫାର୍ମରେ ସେ " centralised conservation " ବା ଏକତ୍ରିତ ବିହନ ସଂରକ୍ଷଣ ଯୋଜନା ଆରମ୍ଭ କରିଛନ୍ତି । ଦେଶର କୋଣ ଅନୁକୋଣରେ ଚାଷ କରୁଥିବା ଅସଂଖ୍ୟ ଚାଷୀମାନଙ୍କ ପାଖରୁ ପ୍ରାୟ ପାଞ୍ଚ ଶହ ଷାଠିଏ ପ୍ରକାର ର ଧାନ ଏବଂ ଏକ ଶତରୁ ଊର୍ଦ୍ଧ୍ୱ ପନିପରିବା ର ବିହନ ସଂଗ୍ରହ କରି ଆଣି "ସମ୍ଭବ" ରେ ସଂରକ୍ଷିତ କରି ରଖିଛନ୍ତି ଏବଂ ସେହି ଚାଷୀ ମାନଙ୍କୁ ପରସ୍ପର ର ବିହନ ନେଇ ସଂରକ୍ଷିତ କରି ରଖିବାର କୌଶଳ ଶିଖାଇଛନ୍ତି । ମହିଳାମାନଙ୍କୁ ବିଭିନ୍ନ ଆତ୍ମରକ୍ଷାର କୌଶଳ ଶିଖାଇବା ସହ ବନୀକରଣ ଏବଂ ଜଙ୍ଗଲ ସୁରକ୍ଷା କରିବା ପାଇଁ ଉତ୍ସାହିତ କରିଛନ୍ତି । ସେ ଚାହାଁନ୍ତି " ଏହ ସୁସ୍ଥ ଏବଂ ସୁନ୍ଦର ବିଶ୍ୱ" ଯେଉଁଠି ମଣିଷଟିଏ ନିର୍ଭୟ ହୋଇ ଶାନ୍ତି ରେ ବଞ୍ଚି ପାରିବ । ସେ କହନ୍ତି" ପ୍ରକୃତି ମାତା ତା'ର ଆଞ୍ଜୁଳା ଭରି ଆମକୁ ଖାଦ୍ୟ, ବସ୍ତ୍ର, ବାସ ଯୋଗାଇ ଦେଇଛି , ତା'ର ସୁରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ , ଚାଲ ଆମେ ସମସ୍ତେ ମିଶି ତା'କୁ ସୁରକ୍ଷା ଦେବା । ଭଲ କଥାଟିଏ କଲେ ବିଭିନ୍ନ ପ୍ରକାର ବାଧାବିଘ୍ନ ଆସି ପହଞ୍ଚିବ, ତା'କୁ ଧୈର୍ଯ୍ୟ ଓ ସାହସର ର ସହିତ ସାମନା କଲେ ହିଁ ଆମେ ତିଷ୍ଠି ପାରିବା । କେବଳ ମନୁଷ୍ୟ କୃତ ବିପର୍ଯ୍ୟୟର ନୁହେଁ ବନ୍ୟା, ବାତ୍ୟା, ମରୁଡି ଏବଂ ମହାମାରୀ ସହିତ ମଧ୍ୟ ଆମକୁ ଲଢିବାକୁ ପଡିବ, ସେଥିପାଇଁ ଆମର ଶରୀର ଏବଂ ମନରେ ବଳଥିବା ଦରକାର । ସେ ବଳ କେଉଁଠୁ ଆସିବ ? ସେଥିପାଇଁ ସୁସ୍ଥ ଶରୀର ସୁସ୍ଥ ମନ ଏବଂ ସୁସ୍ଥ ଖାଦ୍ୟ ଆମର ଦରକାର । ଏସବୁ ପାଇବା ପାଇଁ ଆମକୁ ସୁସ୍ଥ ଫସଲ ଉପୁଜାଇବା ପାଇଁ ହେବ, ଆମ ପୃଥିବୀ କୁ ସୁସ୍ଥ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପଡିବ । ଆମେ ସମସ୍ତେ ଏକାଠି ଚେଷ୍ଟା କଲେ କୌଣସି କାମ ଅସମ୍ଭବ ନୁହେଁ, ସବୁ ସମ୍ଭବ । ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସ୍ୟନ୍ତୁ ନିରାମୟାଃ ... ଏଇ ମନ୍ତ୍ର ହେଉ ଆମର ।'

ସାବରମତୀ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସେ ଅନେକ ଅନୁଷ୍ଠାନ ତରଫରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଦୁଇହଜାର ତେର ମସିହା ରେ 'ପ୍ରେରଣା ଆୱାର୍ଡ୍', ଦୁଇ ହଜାର ପନ୍ଦର ମସିହାରେ 'ଦି' ଲାଭାଂଶ ଲିଜେଣ୍ଡ୍ ଆୱାଡ', ଦୁଇ ହଜାର ଷୋହଳ ମସିହା ରେ 'ଶାମ୍ଭାବୀ ପୁରସ୍କାର', ଦୁଇ ହଜାର ସତର ମସିହା ରେ 'ନାରୀଶକ୍ତି ପୁରସ୍କାର' ( Highiest Civilian Award of the country for Women achievers ),ଦୁଇହଜାର ଅଠର ମସିହାରେ 'ଇମ୍ପାକ୍ଟ୍ ଉଇମେନ୍ ଆୱାର୍ଡ୍' ଏବଂ ଦୁଇ ହଜାର କୋଡିଏ ମସିହାରେ ଦେଶର ଚତୁର୍ଥ ଶ୍ରେଷ୍ଠ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନୀତ ହୋଇ ଓଡିଶା ମାଟି ର ଗୌରବ ବର୍ଦ୍ଧନ କରିଛନ୍ତି ।

ଧନ୍ୟ ତୁମେ ସାବରମତୀ ! ଧନ୍ୟ ତୁମର ପିତାମାତା !
ତୁମ ପାଇଁ ଆମେ ସମସ୍ତେ ଗର୍ବିତ !




ଆଲେଖ୍ୟ: ସୁଷମା ପରିଜା
ଶାରଳା ଭବନ, ପୋତାପୋଖରୀ, ନୂଆବଜାର,
କଟକ-୪, ମୋ: ୯୩୩୭୨୭୨୬୪୭


ସ୍ମୃତି ଶତଦଳ ୨୪୬



# କପାଳରେ ସୂକ୍ଷ୍ମରେଖା


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମୟରୁ ସମୟାନ୍ତର, କାଳରୁ କାଳାନ୍ତର ଏବଂ ମନ୍ୱନ୍ତରରୁ ମନ୍ୱନ୍ତର ଯାଏଁ ବ୍ୟାପିଥାଏ ଡାକ୍ତର ମାନଙ୍କର ରୋଗୀ ଚିକିତ୍ସା କରିବାର ନିଷ୍ଠା ଓ ଆତ୍ମବିଶ୍ୱାସ । ପି.ଜି କରିବା ଆଗରୁ ଚାକିରୀରେ ଜଏନ କରିଥିଲି । ପୁଣି ଆସି କଟକରେ ଜଏନ କଲାବେଳେ ଆସିଷ୍ଟାଣ୍ଟ ସର୍ଜନ ମାନଙ୍କ ପାଇଁ ଉଦ୍ଦିଷ୍ଟ ପି.ଏସ.ସି ପାଇଥିଲି । ମେଡିକାଲ କଲେଜ କାଡର ପାଇଁ ଅଲଗା ପି.ଏସ.ସି ହୋଇଥାଏ ତେବେ ତା' ଆଗରୁ ଆସିଷ୍ଟାଣ୍ଟ ସର୍ଜନ ହିସାବରେ ମୋର କଟକର କାଳିଆ ବୋଦାଠାରେ ଥିବା ଲେପ୍ରସି ହୋମରେ ପୋଷ୍ଟିଂ ହୋଇଗଲା । ଯେଉଁଦିନ ମୁଁ ସେଠିକି ଜଏନ କରିବାକୁ ଗଲି, ସବୁ ରୋଗୀମାନେ ମତେ ଘେରିଯାଇ ଖୁସିରେ ଉଚ୍ଛୁଳି ଉଠିଲେ ଓ କହିଲେ "ଆମ ନୂଆ ଦିଦି, ଭଲ ଦିଦି, ଆମ ନୂଆ ଡାକ୍ତରାଣୀ, ଭଲ ଡାକ୍ତରାଣୀ ବୋଲି କହି ଘେରିଗଲେ," ମତେ ଯିଏ ଚାର୍ଜ ଦେବେ ସେ ମୋର ସିନିୟର ଥିଲେ ଓ ପାଠ ପଢିଲା ବେଳେ ଏକାଠି ଗୋଟିଏ ହଷ୍ଟେଲରେ ରହୁଥିଲୁଁ । ମତେ ଦେଖି ସେ ଅଫିସରୁ ଘରକୁ ଆସିଲେ ଏବଂ ମତେ ଚା ପିଇବାକୁ ଦେଲେ । "କହିଲେ" ତୁ କାହିଁକି ଡେରି କରୁଛୁ ସରୋଜିନୀ, ଶୀଘ୍ର ଆସି ଏଠି ଜଏନ କରି ଯା' ଏଠି ବହୁତ ସୁବିଧା । ମୁଁ ପଚାରିଲି କାହିଁକି, କି ସୁବିଧା ? ଲିଲି ଅପା ହସି ହସି କହିଲେ ଦେଖ ଏଠି ଏମର୍ଜେନ୍ସି ଡ୍ୟୁଟି ନାହିଁ, ଯାହା ଏମର୍ଜେନ୍ସି ହେବ, ଏସ.ସି.ବି ମେଡିକାଲ କଲେଜକୁ ରେଫର କରିଦେବୁ । ଏଠି କ୍ୱାର୍ଟସରେ ଆରାମରେ ରହିବୁ , ଲେପ୍ରସି ରୋଗୀମାନେ ବେଳେବେଳେ ବଗିଚା କାମ କରି ଦେବେ, ତା'ପରେ ତୋ' ହାତରେ ସମୟ ହିଁ ସମୟ । ଚାହିଁଲେ ତୁ ଉଲ ମଧ୍ୟ ବୁଣି ପାରିବୁ, ଦୁଃଖର କ୍ଷୋଭରେ , ଲଜ୍ଜାରେ ମୁଁ କାନ୍ଦି ପକେଇଲି "ହେ ଭଗବାନ ? ପି.ଜି ଆଇ ଚଣ୍ଡୀଗଡ ଭଳି ଶିକ୍ଷାନୁଷ୍ଠାନରୁ ଏତେ ପରିଶ୍ରମ କରି ଏମ.ଡି କରି ଆସିଲି ଅଥଚ ଗାଇନିକ ଡିପାର୍ଟମେଣ୍ଟରେ ପୋଷ୍ଟିଂ ନହୋଇ ଏଇଠି ହେଲା । ମୁଁ ଲିଲି ଅପାଙ୍କୁ କହିଲି "ଉଲ ବୁଣା ବୁଣି ମତେ ଆସେ ନାହିଁ, ଲିଲି ଅପା, ତୁମେ ଏଇଠି ଥାଅ, ତୁମକୁ ହଇରାଣ ନକରି ମୁଁ ଅନ୍ୟଠାରେ କାମ କରିବି ।"

ଠାକୁରଙ୍କ ଅମାପ ଅନୁଗ୍ରହ ଯୋଗୁଁ ପ୍ରତିଗ୍ରିଭେନ୍ସ ଡେରେ ଯାଇ ସ୍ୱାସ୍ଥ୍ୟ ସଚିବଙ୍କୁ ଦେଖାକରି ମୋର ଟ୍ରେନିଂ ବିଷୟରେ କହିଲି ଓ ମତେ ନ୍ୟାୟ ଦିଅନ୍ତୁ ବୋଲି କହିଲି," ସେ ସଙ୍ଗେ ସଙ୍ଗେ ମୋର ପୋଷ୍ଟିଂ ଏସ.ସି.ବି ମେଡିକାଲ କଲେଜର ଗାଇନିକ ଡିପାର୍ଟମେଣ୍ଟରେ କରିଦେଲେ, ଯାହା ମୋ' ପାଇଁ ଈଶ୍ୱରଙ୍କର ଆଶୀର୍ବାଦ ପାଲଟିଗଲା । ସେଦିନ ମାଟି ଛୁଇଁ ପ୍ରଣାମ କରି ପ୍ରସୂତି ବିଭାଗରେ ଯୋଗ ଦେଇଥିଲି । ତା'ପରେ ପୁଣିଥରେ ମତେ ମେଡିକାଲ ଟିଚରର୍ସ ମାନଙ୍କର ପି.ଏସ.ସିରେ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବାକୁ ପଡିଥିଲା ।

ଚାକିରୀର ଏତେ ବର୍ଷ ପରେ ମୋର ଅବସର ଗ୍ରହଣ ଦିନ ପୁଣିଥରେ ହାତଯୋଡି ପ୍ରସୂତି ବିଭାଗର ମାଟିକୁ ପ୍ରଣାମ କରି ଅବସର ଗ୍ରହଣ କରିଥିଲି । ଏସ.ସି.ବିର ଲେବର ରୁମରେ ପ୍ରତିଟି ଟେବୁଲ ରେ(ବେଡରେ) ଯେଉଁ ରୋଗୀମାନେ ଥାନ୍ତି, ତାଙ୍କଠାରୁ ବହୁ ପ୍ରାକ୍ଟିକାଲ ଜିନିଷ ମୁଁ ଶିଖିଛି । ଲାଗୁଥିଲା ଯେମିତି ପ୍ରତିଟି ବେଡ ଉପରେ ପ୍ରସୂତି ବିଜ୍ଞାନ ବହିର ଗୋଟିଏ ପରେ ଗୋଟିଏ ପୃଷ୍ଠା ଥୁଆ ଯାଇଥିଲା । ସବୁ କଷ୍ଟ ସାଧ୍ୟ ଅପରେସନ ଏବଂ ଗୁରୁତର ରୋଗୀଙ୍କର ଚିକିତ୍ସା କେବଳ ମେଡିକାଲ କଲେଜରେ ଥିଲା ବେଳେ ହିଁ କରିପାରିବା ମୋ ପାଇଁ ସମ୍ଭବ ହୋଇଥିଲା । ଅପରେସନ ରେ ମଧ୍ୟ ଏକ୍ସପର୍ଟ ପାଲଟି ଯିବାକୁ ମତେ ମୋର କର୍ମଗୁରୁମାନେ ଶିକ୍ଷା ଦେଇଥିଲେ । ସମୟର ଗତି କେବେହେଲେ ଧୀର ମନ୍ଥର ନୁହେଁ ସେ ସବୁବେଳେ ଅନ୍ୟ ଜିନିଷକୁ ପଛରେ ପକାଇ ଚାଲିଥାଏ, ଖୁବ୍ କ୍ଷୀପ୍ର ତାର ଗତି ଏବଂ ତା'ସହ ଦୌଡ ପ୍ରତିଯୋଗିତାରେ କେହି ମଧ୍ୟ ସମକକ୍ଷ ହୋଇ ପାରନ୍ତିନି । ସେଥିପାଇ ସମସ୍ତେ ସୁଖର ସମୟରେ ସମୟ କୁ ଅନୁସରଣ କରିଥାନ୍ତି ଏବଂ "ତୁ ଧୀରେ ଧୀରେ ଚାଲରେ ସମୟ ବୋଲି କହିଥାନ୍ତି । ସେମିତି ସମୟ କ୍ରମେ ଆମେ ଏସ.ସି.ବିରେ ବହୁତ ଜିନିଷ ଶିଖି ପାରିଲୁ ।

ଏସ.ସି.ବି ମେଡିକାଲ କଲେଜର ମାଟି ଛୁଇଁ ଅନେକ ଥର ପ୍ରଣାମ କରିଛି, ଯେଉଁ କଲେଜ ମତେ ଏମ୍.ବି.ବି.ଏସ ଠାରୁ ଆରମ୍ଭ କରି ଚାକିରୀର ଶେଷ ପର୍ଯ୍ୟାୟ ଯାଏଁ ଅନେକ ଗୁଡିଏ ପ୍ରଫେସନାଲ ଏକ୍ସଲେନ୍ସିର ସୌଭାଗ୍ୟ ଦେଇଛି । ଏହାଛଡା ଏସ.ସି.ବି.ର ଟିଚିଂ ପ୍ରଫେସନାଲରେ ଥିବାରୁ ପ୍ରାୟ ସବୁ ଅଲଇଣ୍ଡିଆ କନଫରେନ୍ସରେ ମତେ ଫାକଲ୍ଟି ସ୍ପିକର ହିସାବରେ ଭାଷଣ ଦେବାର ସୁଯୋଗ ମିଳୁଥିଲା । ପ୍ରତିବର୍ଷ ଫଗସି ବା ଫେଡେରେସନ ଅଫ ଗାଇନୋକୋଲୋଜି ଏଣ୍ଡ ଅବଷ୍ଟ୍ରେଟେସିଆନ ମାନଙ୍କ ତରଫରୁ ଆମର ଭାରତର ଅନେକ ସହରରେ କନଫରେନ୍ସ ହୁଏ । ସାଧାରଣତଃ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ମାନଙ୍କୁ ଆଦୌ ଛୁଟୀ ମିଳେ ନାହିଁ କିନ୍ତୁ ବିଭିନ୍ନ କନଫରେନ୍ସ ଗୁଡିକ ଆମକୁ ଅନେକ ସ୍ଥାନ ବୁଲିବାର ସୁଯୋଗ ଦେଇଥାଏ । ଡଃ ରମାରମଣ ମୋ ପାଇଁ ଗୋଟିଏ ଭଲ ନିୟମଟିଏ ଖଞ୍ଜି ଦେଇଥିଲେ । କେବଳ ବୁଲିବା ପାଇଁ କନଫରେନ୍ସ ଯିବନି, ସବୁ କନଫରେନ୍ସ ରେ ନୂଆ ନୂଆ ପେପର ପ୍ରେଜେଣ୍ଟେସନ, ଟପିକ ଡିସକସନ ଓ ଫ୍ୟାକଲଟି ସ୍ପିକର ହିସାବରେ ଟକ ଦେଲେ ପାଠ ଓ ଶାଠ (ଭାଷଣ ଓ ବୁଲାବୁଲି) ଏକାଠି ହୋଇପାରିବ । ଆମର ହୁଏତ ସାଧାରଣ ଚାକିରୀ ଜୀବନରେ ଯେଉଁଟା ସମ୍ଭବ ହୋଇପାରିନଥାନ୍ତା, ତାହା ଏସ.ସି.ବି ମେଡିକାଲ କଲେଜରେ ସମ୍ଭବ ହୋଇପାରିଲା । ଏସ.ସି.ବି ମେଡିକାଲ, ଆମ ଓଡିଶାର କାହିଁକି ଇଷ୍ଟର୍ଣ୍ଣ ଇଣ୍ଡିଆରେ ମଧ୍ୟ ଏକ ବିଖ୍ୟାତ ମେଡିକାଲ କଲେଜ ହୋଇଥିବାରୁ ପ୍ରାୟ ଅନେକ ବୈଜ୍ଞାନିକ ସର୍ମ୍ମାନ ସମୟରେ ବାହାରୁ ପ୍ରଫେସର ମାନେ ଆସି ଏଠି ଭାଷଣ ଦେଉଥିଲେ । ଯେକୌଣସି ବଡ ବଡ ମେଡିକାଲ କଲେଜ ତୁଳନାରେ ଆମ କଲେଜରେ ଏମ.ବି.ବି ଏସ ଷ୍ଟଡି ଓ ପୋଷ୍ଟ ଗ୍ରାଜୁଏଟ ଷ୍ଟଡି କୌଣସି ଗୁଣରେ କମ୍ ନଥିଲା, ଯାହା ଆମ ମେଡିକାଲ କଲେଜ ଟିଚରମାନଙ୍କ ପାଇଁ ଏକ ସୌଭାଗ୍ୟମୟ, ପରିବେଶ ସୃଷ୍ଟି କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(ଦ୍ୱାଦଶ ଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ମନମୋହନ

ଗରମ ଗ୍ରୀଷ୍ମ ଦିନର କଳା, ଶୀତଳ, ପ୍ରେମଭରା ରାତି । ଏ ରାତିରେ ଗୋଟିଏ ଏମିତି ଘଟଣା ଘଟିଲା ଯାହା ମୋ ଜୀବନ ଧାରାକୁ ଗୋଟିଏ ନିଶ୍ଚିତ ଦିଗକୁ ଟାଣି ନେଲା ।

ମୁଣ୍ଡ ଉପରେ ପରୀକ୍ଷା ଥିଲା । ସେଇଥି ପାଇଁ ସବୁ କିଛି ଭୁଲି ମୁଁ ପାଠ ପଢ଼ାରେ ବ୍ୟସ୍ତ ରହିଲି । ପରୀକ୍ଷା ସରିଲା ପରେ ମୁଁ ମୋ ନିଜ ଭିତରେ ଗୋଟେ ଅଭୂତପୂର୍ବ ଏବଂ ଅକଳ୍ପିତ ପରିବର୍ତ୍ତନ ଦେଖିଲି କଣ ପୁରା ଅନୁଭବ କଲି । ଶୀତଦିନେ ହଠାତ୍ ଆକାଶରେ ଅନେକ ଦିନ ବାଦଲ ଡେରା ପକାଇ ପୁନଶ୍ଚ ହଠାତ୍ ସ୍ୱଚ୍ଛ ହେଲା ପରେ ଯେଉଁ ଖୁସି ମିଳେ ଠିକ୍ ସେମିତି ଖୁସି ମୋ ମନରେ ଭରିଯାଇଥାଏ । ଯେମିତି ଲାଗୁଥାଏ ଅତୀତରେ ଘଟି ଯାଇଥିବା ସବୁ ଘଟଣାରେ ମୋର କୌଣସି ସମ୍ବନ୍ଧ ନାହିଁ । ମୁଁ ଏକ ନୂଆ ଶୈଳୀରେ ମୋ ଜୀବନକୁ ଆରମ୍ଭ କରିବାକୁ ଯାଉଛି ।

ନିଜ ପ୍ରତି ମୋ ଜୀବନ ଓ ସଂସାର ପ୍ରତି ମୋର ଖୁବ୍ ମୋହ ଲାଗିଯାଉ ଥାଏ । ଦିନେ ମୋ ଭୀରୁତା ଓ ସହନଶୀଳତା, ସାହାସହୀନତା କଥା ଭାବି ସାରାଦିନ ଉଦାସ ରହିଲି । ଏବେ ସେହି ଉଦାସ, ହରିଣ ପାଲଟି ଯାଇଛି ଆଉ ଚାରିଆଡ଼େ ଡିଆଁ ମାରୁଛି । ମୋର ସାହସ ବଢ଼ାଉଛି । ମୁଁ ଏବେ ଦୁନିଆର ବଡ଼ ବଡ଼ କାମ କରି ପାରିବି । ମୁଁ ମୋର ବ୍ୟକ୍ତିତ୍ୱକୁ ଅନୁଭବ କରିବାକୁ ଏବଂ କରାଇବାକୁ ଚାହୁଁଥିଲି । ଉତ୍ସାହ ଓ ଆଶା ଛଡ଼ା ମୋ ପାଖରେ କୌଣସି ଚାରା ନଥିଲା । ଚାପିଧରି ଥିବା ସ୍ପ୍ରିଙ୍ଗ ଛାଡ଼ି ଦେଲେ ଯେମିତି ଖୁବ୍ ଦୂରକୁ ସ୍ପ୍ରିଙ୍ଗ ଡେଇଁକି ପଡ଼େ ଠିକ୍ ମୋର ସେହି ଅବସ୍ଥା । ମନମୋହନଙ୍କ ଭୟ ମୋ ଠାରୁ ଦୂରେଇଗଲା । ପରେ ମୋ ଉମଙ୍ଗ ଆକାଶ ଛୁଉଁ ଥିଲା । କିନ୍ତୁ ତା' ସହିତ ମୋର ବୁଦ୍ଧି ଆସିଯାଇଥିଲା କି ମୋର ସ୍ୱତନ୍ତ୍ର ସାହସ, ସ୍ୱତନ୍ତ୍ର ଚେତନା, ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ନିଜକୁ ନିଜେ ଗଢ଼ିବାକୁ ପଡ଼ିବ ।

ମନମୋହନ ଆମ ଅଞ୍ଚଳକୁ ଆସିବା ଛାଡ଼ି ଦେଇଥିଲା । କେବେ କେବେ ସହରରେ ସାମ୍ନାସାମ୍ନି ହୋଇଯାଉ କିନ୍ତୁ ସେ ମୋତେ ଦେଖି ନ ଦେଖିଲା ପରି ପାଖ ଦେଇ ଚାଲିଗଲା ବେଳେ ମୁଁ ବି କିଛି କହେ ନାହିଁ । ଶାରିରୀକ ଶକ୍ତି ବିଷୟରେ ହେଲେ ସେ ଏବେ ବି ମୋର ଆଦର୍ଶ ଅଟନ୍ତି । କିନ୍ତୁ ବ୍ୟକ୍ତିଗତ ସାହସ ତଥା ସ୍ୱାର୍ଥ ଶୂନ୍ୟ ମନ୍ତ୍ରୀ କହିଲେ କୃପାଶଙ୍କର ପରି ସାହସୀ ଓ ତ୍ୟାଗୀ ହେବାକୁ ମୁଁ ଚାହୁଁଥିଲି । ଶାରିରୀକ ବିକାଶ ପାଇଁ ମୁଁ ପୁଣି କସରତ ଆରମ୍ଭ କରିଦେଇଥିଲି । ସାହସ ଓ ତ୍ୟାଗ ପାଇଁ ମୁଁ ନିଜକୁ ମାନସିକ ରୂପରେ ପ୍ରସ୍ତୁତ କରୁଥିଲି ।




ସେହି ସମୟରେ ରାଜନୀତିର ସ୍ଥିତି ପାଇଁ ପ୍ରଶସ୍ତ ପଥ ଉନ୍ମୁକ୍ତ ଥିଲା । ଯେଉଁ ରାସ୍ତାରେ ମୋ ମନକୁ ଆଦର୍ଶ ଓ ଆକାର ମିଳନ୍ତା । ବୟାଳିଶ ମସିହାର ଆନ୍ଦୋଳନ ମୋ ଆଖି ସାମ୍ନାରେ ଘଟିଥିଲା । ସେହି ଆନ୍ଦୋଳନକୁ ଯେଉଁ ଭଳି ଭାବେ ବନ୍ଦ କରିଦିଆ ଗଲା ମୁଁ ପ୍ରତ୍ୟକ୍ଷ ଅବଗତ ଥିଲି । ଦେଶର କ୍ରାନ୍ତିକାରୀ ମାନଙ୍କ ବଳିଦାନ ବିଷୟରେ ପଢ଼ି ଶୁଣି ଯୌବନ ବିତାଇ ଗର୍ବ ଅନୁଭବ କରିବା ଏବଂ ଶୋଇ ଥିବା ଆତ୍ମ ସମ୍ମାନକୁ ଜାଗ୍ରତ କରିବା ପ୍ରଥମ କାମ ଥିଲା । କେବେ କେବେ ମୁଁ ରୋମାଞ୍ଚ ଅନୁଭବ କରେ କେବେ କେବେ ମୁଁ କାନ୍ଦି ପକାଏ । ହୃଦୟ କ୍ରୋଧ ଏବଂ ଉନ୍ମାଦରେ ଅସ୍ଥିର ହୁଏ । ଯେତେବେଳେ କଞ୍ଚା ବୟସ ଥିଲା ମନ ବି କଞ୍ଚା ଥିଲା ଏ ସବୁ କଥାର ମହତ୍ତ୍ୱ କିଛି ହୃଦୟକୁ ଛୁଉଁ ନଥିଲା । କିନ୍ତୁ ଯେତେବେଳେ ବୟସ ବଢ଼ିବାକୁ ଲାଗିଲା, ଏ ଦୁନିଆର ଯେତେ ସବୁ ଭ୍ରଷ୍ଟାଚାର ଦୁର୍ନିତୀ ସବୁ ବ୍ୟକ୍ତିଗତ ଶତ୍ରୁ ପରି ମନେହେଲା । କୃପାଶଙ୍କର ତ ସବୁବେଳେ ମନଧ୍ୟାନ ଦେଇ ପାଠ ପଢ଼ାରେ ଲାଗି ରହିଲା । ସେମିତି କୌଣସି ରୁଚି ବି ତା'ର ନଥିଲା । ତେଣୁ ତା' ବିଷୟରେ କିଛି ଜାଣି ହେଉ ନଥିଲା । କିନ୍ତୁ ମନୋହର, ଦିନେଶ୍ୱର ତଥା ଦୀନାନାଥଙ୍କର ମାନସିକ ଅସ୍ଥିରତା ମୋ ପରି ଥିଲା । ଏମାନେ ସମସ୍ତେ ମୋ ସହ ବୁଲାବୁଲି କରୁଥିଲେ । ଅନୁକୂଳ ମନୋବୃତ୍ତିରେ ଆମେ ସମସ୍ତେ ମିଶି କଥାବାର୍ତ୍ତା ହେଉ ଥିଲୁ ।

ମୋର ଏବଂ ମୋ ସାଙ୍ଗମାନଙ୍କ ମନରେ ଇଂରେଜ ଗୁଲାମୀ ବିରୁଦ୍ଧରେ ଘୃଣା ଓ କ୍ରୋଧ ଉତ୍ପନ୍ନକାରୀ ରାମଲାଲ ନାମକ ଯୁବକ ଥିଲା । ଯିଏ ଆଜିକାଲି ଆମଘର ସାମ୍ନା କ୍ୱାର୍ଟର ଘର ପାଖାପାଖି ଦୋକାନ ଖୋଲିଥିଲା । ତା' ମୁଣ୍ଡର ବାଳ ପଣସ କଣ୍ଟା ପରି ଛୋଟ ଛୋଟ ସିଧାସିଧା ଉପରକୁ ଉଠିଥାଏ । ଆଉ ସେ ଖୁବ୍ ଶିଘ୍ର ଶିଘ୍ର ବୁଢ଼ା ହେବାକୁ ଲାଗିଥିଲା । ଅହଂକାରୀ ଡାକ୍ତର ବା ବୈଦ୍ୟ ପରି ଫୁଟାଣି ମାରିହୁଏ । ତା' ପରି ରଙ୍ଗକଲା ପରି ଲୋକ ଏ ଅଞ୍ଚଳରେ କେହି ନାହାଁନ୍ତି । ବର୍ଷାଦିନ ଶ୍ରାବଣ ଭାଦ୍ରବ ମାସରେ ଭରା ଗଙ୍ଗା ଯମୁନା ନଦୀକୁ ବି ସେ ପହଁରି ପହଁରି ପାର ହୋଇଯାଏ । ଏତେ ଫୁଟାଣି ମାରି କହେ- 'କେତେ ଥର ମୋ ପଛରେ ମଗର ମାଛ ଗୋଡ଼େଉ ଥାଏ । ତାକୁ ବି ଚକମା ଦେବାରେ ସମର୍ଥ ହୋଇଛି । ଇଂରେଜ ମାନଙ୍କୁ ଅତ୍ୟଧିକ ଘୃଣା କରୁଥିବା ଲୋକମାନଙ୍କ ଭିତରୁ ରାମଲାଲ ଜଣେ । ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ରାଜଗୁରୁ ଏବଂ ଅନ୍ୟ କ୍ରାନ୍ତିକାରୀଙ୍କ ତ୍ୟାଗ ଓ ବଳିଦାନକୁ ଅତିରଞ୍ଜିତ କରି ଆମୋଦମୟ କରି ଗଳ୍ପ ପରି ଶୁଣାଏ । ମଝିରେ ମଝିରେ ଇଂରେଜମାନଙ୍କୁ ଅପଶବ୍ଦରେ ଗାଳିଦିଏ ।

ବହୁତ ସମୟରେ ତା' ଦୋକାନ ସାମ୍ନାରେ ଆମେ ଏକାଠି ହୋଇ ତା'ର ଗପ ଶୁଣୁଥିଲୁ । ରାମଲାଲ ଆମକୁ ପ୍ରତ୍ୟକ୍ଷ ରୂପରେ ତ ଉସ୍କଉ ନଥିଲା କିନ୍ତୁ ତା' ମୁହଁରୁ ବାହାରୁ ଥିବା ଶବ୍ଦରୁ ଉସ୍କାଇବା ବାରି ହୋଇ ପଡ଼େ । ଯେମିତି ସେ କହେ, 'ତୁମେ ସବୁ ଯୁବକ, ତୁମ ଦେଶକୁ ସ୍ୱାଧିନ କରିବା ପାଇଁ ତୁମେ ସବୁ କିଛି ତ୍ୟାଗ କରିଦେବା କଥା । ଯଦି ତୁମେ ଚେଷ୍ଟା ରହିତ ହୋଇ ବସି ରହିବ, ତା'ହେଲେ ତୁମେମାନେ ଭୀରୁ କାପୁରୁଷରେ ଗଣା ହେବ । ତା'ର କଥା ଶୁଣି ଆମ ମାନଙ୍କ ହୃଦୟ ଇଂରେଜଙ୍କ ବିରୁଦ୍ଧରେ ଘୃଣା ଏବଂ କ୍ରୋଧ ଉତ୍ପନ୍ନ ହୁଏ ।

ରାମଲାଲ ଛ'ମାସ ପର୍ଯ୍ୟନ୍ତ ଆମ ପଢ଼ାରେ ଦୋକାନ ପକାଇ ରହିଲା । ଗୋଟେ ଦିନ ଝଡ଼ ତୋଫାନରେ ଚଢ଼େଇର ନୀଡ଼ ଭାଙ୍ଗିଗଲା ପରି ତା'ର ଦୋକାନ ଭାଙ୍ଗି ରୁଜି ପଡ଼ିଛି । ତା'ର ଆଉ ପତା ଠିକଣା କିଛି ନାହିଁ । ଆମକୁ ବହୁତ ଦୁଃଖ ଲାଗିଲା । କିନ୍ତୁ ଆମେ କଳ୍ପନା କରି ଖୁସି ହେଲୁ ଯେ ସେ କ୍ରାନ୍ତିକାରୀ ଥିଲା । ଇଂରେଜ ପୋଲିସଙ୍କ ନଜରରୁ ଫେରାର ହୋଇଯାଇଛି ।

ପରୀକ୍ଷା ସରିଲା ପରେ, ମୋତେ ଏମିତି ଦୁଇଟି ପୁସ୍ତକ ପଢ଼ିବାର ସୁଯୋଗ ମିଳିଲା, ଯାହା ମୋତେ ଓ ମୋ ସାଙ୍ଗ ମାନଙ୍କୁ ବିଦ୍ରୋହୀ ଭାବଭୂମି ନିର୍ମାଣ କରିବା ପାଇଁ ପର୍ଯ୍ୟାପ୍ତ ସୁବିଧା ମନରେ ଆଙ୍କିଦେଲା । ଗୋଟିଏ ପୁସ୍ତକ ଥିଲା 'ଭାରତରେ ସ୍ୱତନ୍ତ୍ର କ୍ରାନ୍ତିର ଚେଷ୍ଟା ଏବଂ ଦ୍ୱିତୀୟ ପୁସ୍ତକ ଥିଲା ପଣ୍ଡିତ ସୁନ୍ଦରଲାଲଙ୍କ ଲିଖିତ 'ଭାରତରେ ଇଂରେଜଙ୍କ ରାଜତ୍ୱ' । ଏହି ପୁସ୍ତକ ଦୁଇଟିର ଏବେ ହୁଏତ କିଛି ମହତ୍ତ୍ୱ ନଥିବ, କିନ୍ତୁ ସେତେବେଳେ ଲୋକମାନେ ଏ ବହିକୁ ଲୁଚାଇ ଲୁଚାଇ ଉତ୍ସାହର ସହିତ ପଢୁଥିଲେ । ଏସବୁ ମନେ ପଡ଼ିଗଲେ ଆଜି ବି ଆଶ୍ଚର୍ଯ୍ୟ ଲାଗେ । ଏହି ବହି ପଢ଼ିଲା ପରେ ପ୍ରଥମ ଥର ପାଇଁ ମୋର ସଂପୂର୍ଣ୍ଣ ଭାରତର ଇତିହାସର ଜ୍ଞାନ ହେଲା । ଏଠାରେ ଘଟିଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସଂଘର୍ଷ କରୁଥିବା ମହାନ ବ୍ୟକ୍ତିତ୍ୱ ଏବଂ ତାଙ୍କ ପ୍ରଗତିଶୀଳ ସଂସ୍କୃତି ପ୍ରତି ଏକାତ୍ମତା ଅନୁଭୂତ ହେଲା ।

ଆମ ଘର ଚାରିକାନ୍ଥ ବାହାରେ ଗୋଟେ ଦେଶ ପଚିଶ କୋଟିର ଅଛି । ଯାହାର ଉନ୍ନତିରେ ଆମ ସମସ୍ତଙ୍କ ଉନ୍ନତି, ଯାହାର ଅବନ୍ନତିରେ ଆମ ସମସ୍ତଙ୍କ ଅବନ୍ନତି ନିହିତ । ଏମିତି ଭାବନା ସେ ପୁସ୍ତକ ପଢ଼ିବା ଦ୍ୱାରା ମୋ ମନରେ ଉତ୍ପନ୍ନ ହେଲା । ଏ ଭାବନା ବହୁତ ସ୍ପଷ୍ଟ ଥିଲା । କିନ୍ତୁ ଆମ ଦ୍ୱାରା କିଛି ହୋଇ ପାରୁନଥିଲା । ଆମେ ଖାଲି ଗଳ୍ପ କରୁଥିଲୁ ।

ଆମର ସମାଚାର ସଂବାଦପତ୍ରରୁ ପଢ଼ିବା ଅଭ୍ୟାସ ନଥିବାରୁ ଆମେ ଗାନ୍ଧିଜୀଙ୍କ ବିଷୟ ଯିଏ କିଛି ବି କଥା କହୁଥିଲା ଆମେ ଧ୍ୟାନମଗ୍ନ ହୋଇ ଶୁଣୁଥିଲୁ । କିନ୍ତୁ ଗାନ୍ଧୀଙ୍କ ତତ୍ତ୍ୱକୁ ଆମର ବୟସ ହୋଇଥିଲା ବୁଝିବାକୁ ନା ଆମେ ଇଚ୍ଛା ରଖୁଥିଲା ସବୁ କିଛି କୁ ବୁଝିବାକୁ । ଆମର କ୍ରୋଧ ବହୁତ ମନରେ ଥିଲା । ଆମର କିଶୋର ବୟସ, ଅଧ୍ୟୟନ ଅଳ୍ପ, ଜ୍ଞାନ ଅଳ୍ପ ଏସବୁ ପାଇଁ ଆମକୁ କ୍ରାନ୍ତିକାରୀ ପଥ ସ୍ୱାଧୀନତା ପାଇଁ ସର୍ବୋତ୍ତମ ଲାଗେ । ଅତ୍ୟାଚାରୀ ଇଂରେଜୀମାନଙ୍କ ଦିନ ଦ୍ୱିପହରରେ ହତ୍ୟା କରିବାକୁ ଇଚ୍ଛା ହୁଏ । ସରକାରୀ ଅର୍ଥ, ବ୍ୟାଙ୍କ ଲୁଟ, ସରକାରକୁ ସମର୍ଥନ କରୁଥିବା ଧନୀ ଲୋକଙ୍କୁ ଲୁଟୁ ଲୁଟୁ ଫାଶୀ ହୋଇଯିବା ବ୍ୟକ୍ତି ହିଁ ମହାନ ଦେଶଭକ୍ତ । ତାଙ୍କ କର୍ମ ଆମକୁ ଆକର୍ଷିତ କରୁଥିଲା । ଆମେ ନିଜ ନିଜକୁ ଖୁବ୍ ଶିଘ୍ର, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ବିସ୍ମିଲ, ଅସଫାକୁଲା ପରି ବ୍ୟକ୍ତିତ୍ୱ ପରି ଗଢ଼ିବାକୁ ଚାହୁଁଥିଲା । ଉତ୍ସୁକତାର ସହ ଦେଖିବାକୁ ଚାହୁଁଥିଲୁ ।

ପରୀକ୍ଷା ସରିଗଲା ପରେ, ମନୋହର, ଦୀନାନାଥ, ଦୀନେଶ୍ୱର ଏବଂ ମୁଁ, ପୁରା ଉର୍ଜା ପରି ଦିମାଗରେ ଖୁବ୍ ବୁଲାବୁଲି କରିବା ଆରମ୍ଭ କରିଦେଇଥିଲୁ । ପ୍ରାୟତଃ ଆମେ ସବୁ ବିଦେଶୀ ଗୁଲାମୀ ଓ କ୍ରାନ୍ତିକାରୀଙ୍କ ବିଷୟରେ କଥାବାର୍ତ୍ତା କରୁଥିଲୁ । ଯେମିତି ଛକରୁ ରାସ୍ତା ଚାରିଦିଗକୁ ଲମ୍ବିଯାଇଥାଏ । ସେମିତି ଆମେ ସହରର ଚତୁର୍ଦ୍ଦିଗକୁ ଆମେମାନେ ପରିଭ୍ରମଣ କରୁଥିଲୁ । ମଝିରେ ମଝିରେ ଯାଇ ଗଙ୍ଗାସ୍ନାନ କରୁଥିଲୁ । ଆମ ମନସବୁ କିରୋସିନ୍ ଟିଣ ପରି ଥିଲା । କେବଳ ଗୋଟେ ଡିଆସିଲି କାଠିକୁ ଅପେକ୍ଷା ଥିଲି । ଥରେ ମାନସ ପଟ୍ଟରେ ଯାହା ବସି ଯାଏ ତାକୁ କାଢ଼ିବା କଷ୍ଟ ଦାୟକ ।

ନବମରୁ ପାସ କରି ଦଶମରେ ଆମେ ସବୁ ପଢୁ ଥିଲୁ, ଖୁବ ଉତ୍ସାହିତ ଥିଲୁ ଏ ପରୀକ୍ଷା ସରିଲା । ପରେ ଆମେ ପାସ କରି ଯିବୁ ଆଉ କଲେଜରେ ପାଠ ପଢ଼ିବୁ । ଆମେ ସବୁ ଖୁବ୍ ପାଠ ପଢ଼ିଥିଲୁ ଫାଷ୍ଟ ଡିଭିଜନ ପାଇଁ । ଆମେ ସବୁ ଏକାଠି ହୋଇ ରାତିରେ ଗୋଟିଏ ଯାଗାରେ ଗଣିତ ପଢୁଥିଲୁ । କିନ୍ତୁ ଅଳ୍ପ ସମୟ ଗଣିତ ବୁଝାବୁଝି ପରେ ଅନ୍ୟ କଥା ଆଲୋଡ଼ନା ହେଉଥିଲା । ଗପସପ ହେଉହେଉ ସକାଳ ହେଇ ଯାଉଥିଲା । ହଁ, ସାଙ୍ଗମାନଙ୍କ ସହ ରାତିଅନିଦ୍ରା ହେବା ଖୁବ୍ ଆନନ୍ଦଦାୟକ । (କ୍ରମଶଃ)


♥ ପ୍ଲଟ ନଂ-୩୫୨, ସେକ୍ଟର-୫,
ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ
ବିହାର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ବ୍ଲକସ୍ତରୀୟ ମକଡ୍ରିଲ ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୮/୦୬ (ନି.ପ୍ର): ବିପର୍ଯ୍ୟୟ ଓ ପ୍ରାକୃତିକ ଦୁର୍ବିପାକରୁ ଧନ ଜୀବନ ରକ୍ଷା କରିବା ପାଇଁ ପ୍ରତିବର୍ଷ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ଲୋକମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରଶିକ୍ଷକ ଦିଆଯାଇଥାଏ । ଚଳିତ ବର୍ଷ ଆସନ୍ନ ବର୍ଷାଋତୁର ମୁକାବିଲା କରିବା ପାଇଁ ୧୯ ତାରିଖ ରବିବାର ବାଲିଆପାଳ ବ୍ଲକରେ ଥିବା ୩୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ସେଥିପାଇଁ ଶନିବାର ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର,ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ କୁମାର ଦାସ ,ଉଇଜଡମାର ଯାନ୍ତ୍ରିକ ମୁଖ୍ୟ ଅଧିକାରୀ ଅରବିନ୍ଦ ରୟ,ଡିପିଓ ନିମାଇଁଚରଣ ଦାସ,ୟୁନିସେଫ ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ରବିବାର ହେବାକୁ ଥିବା ସମସ୍ତ ୩୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ନୋଡାଲ ଅଫିସର ମାନଙ୍କୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୮୦୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୪୧୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୨ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨୩ ଜଣ ସଂଗରୋଧରୁ ଓ ୧୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୨, ଖୋର୍ଧା ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୩, ଷ୍ଟେଟ ପୁଲରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

# କୋଠଘର ଆମ ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୭/୦୬ (ନି.ପ୍ର): ଗୀତ ଗୋବିନ୍ଦ ସଦନରେ ଆୟୋଜିତ କୋଠ ଘର ଆମ ସାହିତ୍ୟ ପରିବାରର ବାର୍ଷିକଉତ୍ସବରେ ସମ୍ମାନିତ ଅତିଥି ବିଶିଷ୍ଟ ଅନୁବାଦକା ଶକୁନ୍ତଳା ବଳିୟାର ସିଂହ, ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ବକ୍ତା ବିଶିଷ୍ଟ କବି ଡକ୍ଟର ହୁସେନ ରବି ଗାଂଧୀ, ମୁଖ୍ୟବକ୍ତା ପ୍ରସନ୍ନ ପଟ୍ଟଶାଣୀ ଓ ସମ୍ମାନିତ ଅତିଥି ଶିକ୍ଷା ପରାମର୍ଶ ଦାତା ଜ୍ଞାନଚାନ୍ଦ ଶତପଥୀ ପ୍ରମୁଖ ଯୋଗଦେଇ ସାହିତ୍ୟ ମାନବବାଦର ଜୟଗାନ କରି ସମାଜକୁ ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ କରିବାରେ ପଥପ୍ରଦର୍ଶକ ହେଉ ବୋଲି ମତବ୍ୟକ୍ତ କରିଥିଲେ ଭାଷା ବିଜ୍ଞାନୀ ଡ଼ଃ ଦେବାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରତିଷ୍ଠାତ୍ରୀ, ସମ୍ପାଦିକା ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ ସହ କୋଠଘର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ । କୋଠଘର ପତ୍ରିକା ଏବଂ ଲଳିତ ମୋହନ ମିଶ୍ରଙ୍କର ଗଳ୍ପ ପୁସ୍ତକ ଜୀବନ ଜ୍ୟାମିତି ଲୋକାର୍ପଣ ହୋଇଥିଲା । ମିତା ପଟ୍ଟନାୟକ ଓ ଶିବାନନ୍ଦ ବାରିକ ସୁନ୍ଦର ଭାବରେ ମଞ୍ଚ ପରିଚାଳନା, ଗାୟତ୍ରୀ ତ୍ରିପାଠୀ ବେଦପାଠ, ଇତିଶ୍ରୀ ଦୀକ୍ଷିତ ସ୍ୱାଗତ ସଂଗୀତ ପରିବେଷଣ କରି ଥିଲେ,ଏହି ଅବସରରେ ଡ଼ଃ ଅଞ୍ଜଳି ତ୍ରିପାଠୀ ଓ ଅଧ୍ୟାପକ ଭାବଗ୍ରାହୀ ବଳ ଶୈଳଭାମା ବିଦ୍ୟାଧର ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଥିଲେ ଏବଂ କ୍ୱୀ ମମତା ବାରିକ ବାଉରୀବନ୍ଧୁ ଲେଙ୍କା, ଗୋଲକ ବିହାରୀ ନାୟକ, ଅକ୍ଷୟ ସାହୁ ପ୍ରଭୃତି କୋଠଘର ସମ୍ମାନରେ ସମ୍ମାନିତ ହୋଇ ଥିଲେ । ପ୍ରଥମ ଅଧିବେଶନ କବିତା ଆସରକୁ ଉଦଘାଟନ କରିଥିଲେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସଂଯୋଜନା କରିଥିଲେ କବି ପୂର୍ଣ୍ଣାନନ୍ଦ ମହାନ୍ତି, ସଂଯୁକ୍ତା ପରିଡା, ପୁଷ୍ପଲତା ନନ୍ଦ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସଦସ୍ୟ ଅରୁଣ କୁମାର ମହାନ୍ତି, ପ୍ରୀତିରଞ୍ଜନ ନାୟକ, ମାନପତ୍ର ପାଠ କରିଥିଲେ ସୁମିତା ବେହେରା ବାପି, ନମିତା ପାଇକରାୟ, ରଶ୍ମି ସାମଲ, ବୀଣାପାଣି ଚୌଧୁରୀ , ଚିତ୍ରା ମିଶ୍ର ଓ ଭାରତୀ ପରିଡା, ପରିଶେଷରେ ଧନ୍ୟବାଦ ଦେଇଥିଲେ ଆଶୁତୋଷ ମେହେର । ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଥିଲେ ରକ୍ଷକ ନାୟକ, ଡ଼ଃ ସୁଚେତା ରାଉତ, କାନନ ବାଳା ପଟ୍ଟନାୟକ, ଡ଼ଃ ବିଦ୍ୟୁତଲତା ଗନ୍ତାୟତ, ଡ଼ଃ ଶଶୀ ଭୂଷଣ ମହାପାତ୍ର, ସୁଷମା ପରିଜା, ଅରୁଣ କୁମାର ବିଶ୍ୱାଳ। ଡ଼ଃ ରମେଶ ପ୍ରସାଦ ମହାନ୍ତି, ଅଲେଖ ଚରଣ ରାଉତ ଇତ୍ୟାଦି ଏକଶତରୁ ଅଧିକ କବି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

# ଏଆଇସିସି ଅଫିସରେ ପୋଲିସର ଅବାଧ ପ୍ରବେଶ ଘଟଣାର ପ୍ରତିବାଦ : ବାରିପଦାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ



ବାରିପଦା, ୧୮/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବାରିପଦା ସଦର ପୋଷ୍ଟ ଅଫିସ ସମ୍ମୁଖରେ ଦିବା ୧୧ ଘଣ୍ଟା ସମୟରେ ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ଏଆଇସିସି ଅଫିସରେ ପୋଲିସ ପଶି ନେତା ଓ କର୍ମୀଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ରର ଅପାରଗ ମୋଦି ସରକାରଙ୍କ ନିର୍ଦ୍ଦେଶରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ ତରଫରୁ ଏହି ପ୍ରତିବାଦ ସଭା କରାଯାଇ ଧାରଣା ଦିଆଯାଇଥିଲା । ପୋଲିସର ଗୁଣ୍ଡାମି ଓ ମିଥ୍ୟା କେଶର ପ୍ରତିବାଦ ସହିତ ରାହୁଲ ଗାନ୍ଧୀ ଙ୍କୁ ଇ.ଡି. ବାରମ୍ବାର ଡାକି ହଇରାଣ କରୁଥିବାରୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଘୋର କ୍ଷୋଭ ପ୍ରକାଶ କରିଥିଲେ । ଏଭଳି ପ୍ରତିଶୋଧ ପରାୟଣ ଭାବେ କଂଗ୍ରେସ ଦଳର ଭାବମୂର୍ତିକୁ ନଷ୍ଟ କରିବାର ପ୍ରୟାସରୁ ଯଦି ବିଜେପି ଦଳ କ୍ଷାନ୍ତ ନହୁଏ ତାହେଲେ କଂଗ୍ରେସ ଦଳ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ବିକ୍ଷୋଭ ସମାବେଶରେ ଯୋଗଦେଇ ଜିଲ୍ଲା ସଭାପତି ହେମନ୍ତ ଦାସ, ରାଜ୍ୟ ଉପସଭାପତି ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ମହିଳା ରାଜ୍ୟ ସଂପାଦିକା ସୁନନ୍ଦା ସାହୁ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଉପସଭାପତି ଅରବିନ୍ଦ ଦାସ, ନଗର ସଭାପତି ଶାନ୍ତନୁ ପାଲ, ଆଇନ ସେଲ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ରଥ, ପୂର୍ବତନ ପିସିସି ସଂପାଦକ ଯୋଗେଶ ଅଗ୍ରୱାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଯୁବ କଂଗ୍ରେସ ସଭାପତି ଅଂଶୁମାନ ଦାସ, ପ୍ରଦେଶ ସଂପାଦକ ପ୍ରଭାସ କର ମହାପାତ୍ର, ପ୍ରଦୀପ ଦାସ, ଶେଖ୍ ମୁସ୍ତାଫା, ଏସସି ସେଲ ଅଧକ୍ଷ ସଂଜୟ ସେଠୀ, ନିର୍ମଳ ପ୍ରଧାନ, ସ୍ୱାଗନ ଦାସ, ଭିକି ସାମଲ, ରତନ ମହାନ୍ତ, ପ୍ରଫୁଲ୍ଲ ଦାସ, ଶିବାନନ୍ଦ ଦାସ, ଆରବ ପଣ୍ଡା, ନାରୀ ନେତ୍ରୀ ସୋନାଲି ସାହା, ଇନ୍ଦୁମତି ନାଏକ, ଇତିଶ୍ରୀ ମିଶ୍ର, ଶୁଭସ୍ମିତା ଦାସ , ରଶ୍ମିତା ମିଶ୍ର, ଫରିଦା ତବସୁମ, ଗୋସେଇଁ ମହାନ୍ତ ପ୍ରମୁଖ କହିଥିଲେ । ଏହି ବିକ୍ଷୋଭ ସମାବେଶରେ ବହୁ କଂଗ୍ରେସ କର୍ମୀ ଅଂଶ ଗ୍ରହଣ କରିଥିଲେ ।

# ଭଦ୍ରକରେ ପ୍ରଖ୍ୟାତ ଗାନ୍ଧୀବାଦୀ ଲେଖିକା ଡଃ ସୁଜାତା ଚୌଧୁରୀ



ଭଦ୍ରକ,୧୮/୦୬ (ନି.ପ୍ର): ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ମହାତ୍ମା ଗାନ୍ଧୀ ଭାରତକୁ ଆସିବା ପରେ ପ୍ରଥମ ଥର ପାଇଁ ଭାରତ ଏକତା ସୂତ୍ରରେ ବାନ୍ଧି ହୋଇଥିଲା। ତାଙ୍କ ସକାଶେ ଆମ ମୁକ୍ତି ସଂଗ୍ରାମର ସ୍ୱର ଆକୁମାରୀ ହିମାଚଳ ଶାଣିତ ହୋଇପାରିଥିଲା। ବର୍ତ୍ତମାନ ଦେଶରେ ଗୋଟିଏ ଗୋଷ୍ଠୀ ଦେଶର ଜନତାକୁ ଭାଗ ଭାଗ କରିବାକୁ ଯୋଜନା କରୁଛନ୍ତି, ଯାହା ଦେଶର ଆତ୍ମା ଅଖଣ୍ଡତା, ଏକତା ତଥା ଧର୍ମ ନିରପେକ୍ଷତା ପ୍ରତି ବିପଦ ସୃଷ୍ଟି କରିଛି। ଦେଶବାସୀଙ୍କ ମନରେ ସତ୍ୟ, ସଦଭାବ ତଥା ଭୟଶୂନ୍ୟତା ଜାଗ୍ରତ କରିବାକୁ ହେବ। ମହାତ୍ମା ଗାନ୍ଧୀ ସମସ୍ତଙ୍କୁ ସାଥିରେ ନେଇ ସଂଗ୍ରାମ ଚଳାଇପାରିଥିଲେ। ଦେଶର ଯୁବ ସମାଜ ଏକାଠି ହେଲେ ଯାଇ ମହାତ୍ମାଙ୍କ ସ୍ୱପ୍ନ ସଫଳ ହୋଇପାରିବ। ଆଜି ସାରା ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ନୀତିକୁ ଅନୁସରଣ କରୁଥିବା ବେଳେ ଭାରତରେ ତାଙ୍କ ବିରୁଦ୍ଧରେ ହେଉଥିବା ଅପପ୍ରଚାର ଯୋଗୁଁ ଭାରତୀୟ ସମାଜର ଅବକ୍ଷୟ ପ୍ରତିଫଳିତ ହେଉଛି। ନୋବେଲ ଓ ଓସ୍କାର ପୁରସ୍କାର ପ୍ରାପ୍ତ ଜର୍ଜ ବର୍ଣ୍ଣାଡ଼ ଶଙ୍କୁ ଗାନ୍ଧିଜୀଙ୍କ ବିଷୟରେ ପଚାରିବାରୁ ସେ କହିଥିଲେ, ଗାନ୍ଧିଜୀ ହେଉଛନ୍ତି ହିମାଳୟର ଉଚ୍ଚତମ ଶୃଙ୍ଗ ଉପରେ ଛିଡା ହୋଇଥିବା ବ୍ୟକ୍ତିତ୍ୱ ଓ ମୁଁ ହିମାଳୟ ପାଦଦେଶରେ ଛିଡା ହୋଇଥିବା ଜଣେ ମଣିଷ । ତେଣୁ ମୋ ଭଳି ଜଣେ ସାମାନ୍ୟ ଲୋକ ପକ୍ଷରେ ସେହି ବିରାଟ ବ୍ୟକ୍ତିତ୍ୱଙ୍କର ମୂଲ୍ୟାଙ୍କନ କରିବା ସମ୍ଭବପର ନୁହେଁ। ଗାନ୍ଧୀବାଦୀ ବା ଗାନ୍ଧୀ ବିଚାରକ ହେବା ଜରୁରୀ ନୁହେଁ, ଆମମାନଙ୍କୁ ସମସ୍ତଙ୍କୁ ଗାନ୍ଧିଜୀଙ୍କ ଜୀବନକୁ ଜୀଇଁବାକୁ ପ୍ରୟାସ କରିବାକୁ ହେବ ବୋଲି ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଗାନ୍ଧୀବାଦୀ ଲେଖିକା ଡ଼.ସୁଜାତା ଚୌଧୁରୀ ସାଳନ୍ଦୀ ମହାବିଦ୍ୟାଳୟର ଯୁବ-ଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡ଼ା ବିଶ୍ୱଜିତ୍, ପ୍ରତିଷ୍ଠାନର ଭଦ୍ରକ ଶାଖା ସଭାପତି ଇଂ. ଅଖିଳ କୁମାର ପାଢୀ, ସମ୍ପାଦକ ତୁଷାରକାନ୍ତି ମହାନ୍ତି, ଡ଼. ଝରଣା ପଟ୍ଟନାୟକ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ଯୋଗଶିକ୍ଷା

ବାଲେଶ୍ୱର,୧୮/୦୬ (ନି.ପ୍ର): ବାଲେଶ୍ୱର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ସହାୟକଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ ଶିବିରର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଶିବିରକୁ ସଭାପତି ବରିଷ୍ଠ ଇଂ. ବନମାଳି ନାୟକ ଉଦଘାଟନ କରିଥିଲେ। ବାଲେଶ୍ୱର ଯୋଗ ମହୋତ୍ସବ ସମିତିର ସଂଯୋଜକ ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଯୋଗଶିକ୍ଷା ପ୍ରଦାନ କରାଯାଇଥିଲା। ଯୋଗ ଶିକ୍ଷୟତ୍ରୀ ସ୍ନେହଲତା ଦାସ ଓ ସମିତିର ସହ ସଂଯୋଜକ ଅଜୟ କୁମାର ଚୌଧୁରୀ ଏହାକୁ ପରିଚାଳନା କରିଥିଲେ। ଏହି ଶିବିରରେ ସହଜ ଓ ଚାପମୁକ୍ତ ବିଭିନ୍ନ ଯୋଗଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ସଭାପତି ନିଜେ ଉପସ୍ଥିତ ରହିବା ସଙ୍ଗେସଙ୍ଗେ ସମ୍ପାଦକ ବସନ୍ତ କୁମାର ନାୟକ, ସୁଦର୍ଶନ ଦାସ, ଶଚୀନ୍ଦ୍ର କୁମାର ଦାସ, ଅକ୍ଷୟ କର, କମଳାକାନ୍ତ ନାୟକ, ସୁରେନ୍ଦ୍ର ଧଳ, କାମିନୀକାନ୍ତ ପାଢ଼ୀ, ଯୋଗେନ୍ଦ୍ର ସିଂ, ଗଙ୍ଗାଧର ପୃଷ୍ଟି, ଗୋବିନ୍ଦ ମାଝୀ, ଗୌରାଙ୍ଗ ସାହୁ, ଦେବଦତ୍ତ ବେହେରା, ବାସନ୍ତୀ ପାଣି, ବେଣୁଧର ସାହୁ, ପ୍ରଣବ କୁମାର ରଣା, ଲମ୍ବୋଦର ଗିରି, ସତ୍ୟନାରାୟଣ ନାୟକ, ବିଭୂତି ଦାସ, ପ୍ରମୁଖ ପ୍ରାୟ ୩୦ଜଣ ଉପସ୍ଥିତ ରହି ଯୋଗଶିକ୍ଷା ଗ୍ରହଣ କରିଥିଲେ। ଏହି ଶିବିର ଚାରିଦିନ ଧରି ଚାଲୁ ରହିବ। ଶେଷ ଦିନରେ ସିଦ୍ଧି କଲ୍ୟାଣ ମଣ୍ଡପରେ ବିଶ୍ୱ ଯୋଗ ଦିବସ ଜୁନ୍ ୨୧ ତାରିଖ ଅବସରରେ ଦିବା ୮ ଘଟିକା ସମୟରେ ଉପସ୍ଥିତ ରହିବାକୁ ସଭାପତି ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ଉଦଳାର ବିଧାୟିକା ପାଇଁ ସଜ ହେଉଛନ୍ତି 'ନିବେଦିତା'



ଉଦଳା, ୧୮/୦୬ (ନି.ପ୍ର): ଆସନ୍ତା ବିଧାନସଭା ନିର୍ବାଚନରେ ଉଦଳା ଆସନରୁ କେହି ଜଣେ ମହିଳା ପ୍ରାର୍ଥୀ ଜିତିଲେ ଭଲ ହେବ ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଥିବା ବେଳେ, ନିର୍ବାଚନ ଲଢ଼ିବା ପାଇଁ ମହିଳା ମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି । ଏଥିପାଇଁ ଅନେକ ଗୁଡ଼ିଏ ମହିଳା ନିଜକୁ ପ୍ରସ୍ତୁତ କରୁଥିବାର କଥା ମଧ୍ୟ ଚର୍ଚ୍ଚାକୁ ଆସୁଛି । ସ୍ୱାଧିନତାର ଦିର୍ଘ ୭୫ ବର୍ଷ ମଧ୍ୟରେ ଏହି ଆସନରୁ ଥରଟିଏ ବି କେହି ଜଣେ ହେଲେ ମହିଳା ବିଧାୟକ ଭାବରେ ନିର୍ବାଚିତ ହୋଇ ନାହାଁନ୍ତି । ଏତିକିବେଳେ ପୁର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ କନ୍ୟା ନିବେଦିତା, ଉଦଳା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବାର ଜଣା ଯାଇଛି । ସେଥିପାଇଁ ବାପାଙ୍କ ସହିତ ନିଜେ ନିବେଦିତା ବାରମ୍ବାର ଉଦଳା ଗସ୍ତରେ ଆସୁଛନ୍ତି। ସେହିପରି ଗତ ଦେବସ୍ନାନ ପୂର୍ଣ୍ଣମା ଦିନ ଡ଼ିହିରାକୁଳ ଗ୍ରାମରେ ଅନୁଷ୍ଠିତ ଏକ ସାରସ୍ୱତ କାର୍ଯ୍ୟକ୍ରମକୁ ନିବେଦିତା ବାପାଙ୍କ ସହିତ ଆସି ଏଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ସହିତ ସେ ଆଗାମୀ ନିର୍ବାଚନରେ ଉଦଳା ଆସନରୁ ବିଧାୟକ ପ୍ରାର୍ଥୀ ହେବାକୁ ଯାଉଛନ୍ତି ବୋଲି ଖୋଲା ଖୋଲି ଘୋଷଣା କରିଥିଲେ। ତେବେ ଏ ବାବଦରେ ଖୁବ ନିକଟରେ ସେ ଉଦଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡ଼ାକି ତାଙ୍କ ରଣନୀତି ବିଷୟରେ ସମସ୍ତଙ୍କୁ ଅବଗତ କରାଇବେ ବୋଲି ଜଣାଇଛନ୍ତି । ନିବେଦିତା ଭୁବନେଶ୍ୱର ସ୍ଥିତ କିଟ ବିଶ୍ୱବିଦ୍ୟାଳୟରୁ ରୁରାଲ ମ୍ୟାନେଜମେଣ୍ଟରେ ଏମ୍,ବି.ଏ କରିଛନ୍ତି । ତାଙ୍କୁ ଭଲଶିକ୍ଷାଗତ ଯୋଗ୍ୟତା ଥାଇ ସରକାରୀ ଚାକିରୀ ନକରି କାହିଁକି ରାଜନୀତି ପ୍ରତି ମନବଳାଇଲ ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ସିଏ କହିଲେ ଦେଶ ସେବା ପାଇଁ ରାଜନୀତି ସବୁଠାରୁ ଭଲ ମାଧ୍ୟମ। ଶେଷରେ ତୁମେ ଉଦଳାର ବିଧାୟକ ଭାବରେ ନିର୍ବାଚିତ ହେଲେ ଏ ଅଞ୍ଚଳ ପାଇଁ କଣ କରିବ ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ସିଏ କହିଲେ ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସ୍ୱାଧିନତା ଆନ୍ଦୋଳନର ଅବଲୁପ୍ତ ସ୍ମୃତି ସ୍ମାରକୀ ଗୁଡ଼ିକର ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନେବି। କାରଣ ଏଗୁଡ଼ିକୁ ନେଇ ଆମେ ଗର୍ବ ଅନୁଭବ କରୁ । ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ସ୍ୱାଧିନତା ଆନ୍ଦୋଳନର ଦୁଇଟି ସ୍ମୃତି ସ୍ମାରକୀ ରହିଛି । ଗୋଟିଏ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ 'ଶିଳଘାଟୀ ବନ୍ଧ' ଓ ଅନ୍ୟଟି କପ୍ତିପଦା ବ୍ଲକ ଅନ୍ତର୍ଗତ 'ବାଘାଯତୀନ ସ୍ମୃତି ପୀଠ' ଅଟେ । ତେବେ ପୁର୍ବତନ ମନ୍ତ୍ରୀ ଗୋଲକ ନାଏକଙ୍କର ଉପର ମଡଲରେ ଲମ୍ବାହାତ ଥିବାରୁ ବିଜୁ ଜନତା ଦଳରୁ ନିବେଦିତାଙ୍କୁ ଟିକଟ ପାଇବା ପାଇଁ କୌଣସି ଅସୁବିଧା ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ନିବେଦିତାଙ୍କୁ ବର୍ତ୍ତମାନ ବୟସ ୨୮ ଛୁଇଁଲା । ଆଗକୁ ରାଜନୀତିରେ ତାଙ୍କର ବହୁତ ଲମ୍ବା ସମୟ ଅଛି ବୋଲି ଜ୍ଞାନୀ ଲୋକମାନେ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆସାମରେ ବନ୍ୟା ପରିସ୍ଥିତି ସଙ୍ଗୀନ....

ତେବେ ବର୍ତ୍ତମାନ ମଧ୍ୟ ୩ ଶିଶୁ ନିଖୋଜ ରହିଛନ୍ତି । ସେମାନଙ୍କ ତଲାସି ଅଭିଯାନ ବର୍ତ୍ତମାନ ମଧ୍ୟ ଜାରିରହିଛି । ଅଧିକାରୀ ଜଣଙ୍କ କହିଛନ୍ତି, ଯଦି କେହି ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଚାହୁଁଛନ୍ତି ସେମାନେ ଜିଲ୍ଲା ପ୍ରଶାସନ ସହ ସମ୍ପର୍କ କରିବା ଉଚିତ। ଆମେ ସେମାନଙ୍କୁ ଏନଡିଆରଏଫ ଓ ଏସଡିଆରଏଫର ଡଙ୍ଗାରେ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବୁ । କୋପିଲ ନଦୀର ଆସିଥିବା ବନ୍ୟା କାରଣରୁ ଅନେକ ଅଞ୍ଚଳରେ ପାଣି ଭର୍ତ୍ତି ହୋଇରହିଛି । ହୋଜଇ ଜିଲ୍ଲାରେ ୫୫ ହଜାର ୧୫୦ ଜଣ ବନ୍ୟାରେ ବ୍ୟାପକ ପ୍ରଭାବିତ ହୋଇଛନ୍ତି । ଚଳିତ ବର୍ଷ ଆରମ୍ଭରେ ମଧ୍ୟ ବନ୍ୟା ହୋଇଥିଲା । ଏଥିରେ ମଧ୍ୟ ଜିଲ୍ଲାରେ ବ୍ୟାପକ କ୍ଷତି ହୋଇଥିଲା । ବନ୍ୟାକୁ ଆଖିରେ ରଖି ୪୭ଟି ବନ୍ୟା ଆଶ୍ରୟସ୍ଥଳୀରେ ୨୯ ହଜାର ୭୪୫ ଲୋକଙ୍କୁ ସୁରକ୍ଷିତ ରଖାଯାଇଛି ।

## ରଥଯାତ୍ରା ପ୍ରସ୍ତୁତିର....

ସାରକା ଯୋଗ ଦେଇ ରଥଯାତ୍ରା ପ୍ରସ୍ତୁତି ସଂପର୍କରେ ବିଭିନ୍ନ ନିଷ୍ପତ୍ତି ଏବଂ ଏହାର ଅନୁପାଳନ ସଂପର୍କରେ ସୂଚନା ଦେଇଥିଲେ। ଉନ୍ନୟନ କମିଶନର ପି.କେ. ଜେନା ରଥଯାତ୍ରା ପାଇଁ ନିଆଯାଇଥିବା ସମସ୍ତ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିଚାଳନା ଓ ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କେନ୍ଦ୍ରାଞ୍ଚଳ ଆର.ଡି.ସି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ପୁରୀ ସାଂସଦ ଓ ବିଧାୟକ ପ୍ରମୁଖଙ୍କ ସହିତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ ପୁରୀ ଜିଲ୍ଲାପାଳ, ସେବାୟତ ଓ ଛତିଶା ନିଯୋଗର ସଦସ୍ୟମାନେ ଯୋଗ ଦେଇଥିଲେ।

## ଆରଏସଏସ ମାନହାନୀ....

ଡାକ୍ତରଖାନାରେ ଚିକିତ୍ସା ଜାରିରହିଛି । ଏଥିପାଇଁ ଶନିବାର ସେ କୋର୍ଟରେ ଉପସ୍ଥିତ ହୋଇପାରିବେ ନାହିଁ । ସେପଟେ ରାଜେଶ କୁନ୍ତଙ୍କ ଓକିଲ ପ୍ରବୋଧ ଜୟବନ୍ତ ରାହୁଲଙ୍କ ଆବେଦନର ବିରୋଧ କରିଥିଲେ । ଏଥିରେ ସେ ମାମଲାରେ ସ୍ଥାୟୀ ଭାବେ କୋର୍ଟରେ ହାଜର ନହେବା ପାଇଁ ଆବେଦନ କରିଥିଲେ । କୁନ୍ତଙ୍କ ଓକିଲଙ୍କ କହିବାଅନୁସାରେ ରାହୁଲ ଏଥିପାଇଁ ଠୋସ ପ୍ରମାଣ ଦେଇନଥିଲେ । ତେଣୁ ତାଙ୍କୁ କୋର୍ଟରେ ହାଜର ହେବା ଉପରେ ଆଶ୍ୱସ୍ତ ମିଳିବାର ନଥିଲା । ଏହା ପୂର୍ବରୁ ରାହୁଲ ଗାନ୍ଧୀ ଅଦାଲତରେ ଦେଇଥିବା ଆବେଦନରେ କହିଛନ୍ତି ସାଂସଦ ହେବା କାରଣରୁ ନିଜ ନିର୍ବାଚନ କ୍ଷେତ୍ରରେ ଅନେକ ସମୟ ଦେବାକୁ ପଡୁଛି । ଏଥିପାଇଁ ଅନେକ ସମୟ ତାଙ୍କୁ ଯାତ୍ରା କରିବାକୁ ପଡୁଛି ତେଣୁ ସେ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇପାରିବେ ନାହିଁ । ତେଣୁ କୋର୍ଟରେ ହାଜର ହେବା ନେଇ ତାଙ୍କୁ କୋର୍ଟ ଆଶ୍ୱସ୍ତ କରନ୍ତୁ ।

## ୧୦ପ୍ରତିଶତ ସଂରକ୍ଷଣ ପାଇଁ....

ଭାବରେ ୪ ବର୍ଷ କାର୍ଯ୍ୟକାଳ ଶେଷ କରିଥିଲେ ସିଏପିଏଫ ଓ ଆସାମ ରାଇଫଲ୍ସ ଭଳି ଅର୍ଦ୍ଧ ସାମରିକ ବାହିନୀରେ ୧୦ ପ୍ରତିଶତ ସଂରକ୍ଷଣ ମିଳିବ । ଏଥିସହ ସର୍ବାଧିକ ବୟସ ସୀମାରେ ୩ ବର୍ଷ କୋହଳ କରାଯିବ । ସେନାବାହିନୀରେ ସୈନିକ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବାକୁ ଅଗ୍ନିପଥ ଯୋଜନା ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଏହା ବିରୋଧରେ ତୀବ୍ର ହେଉଛି ଆନ୍ଦୋଳନ । ଯେଉଁ ଆନ୍ଦୋଳନ ଏବେ ୧୩ ରାଜ୍ୟକୁ ବ୍ୟାପିଲାଣି । ବିହାର, ପଶ୍ଚିମବଙ୍ଗ, ଉତରପ୍ରଦେଶ, ହରିୟାଣା, ମଧ୍ୟପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟ ସହ ଓଡ଼ିଶାରେ ମଧ୍ୟ ଆନ୍ଦୋଳନ ହୋଇଛି । ସ୍ଥିତି ଦିନକୁ ଦିନ ଅଣାୟତ ହେବାରେ ଲାଗିଥିବାରୁ ଗୋଟିଏ ପରେ ଗୋଟିଏ ନୂଆ ଘୋଷଣା କରିଚାଲିଛନ୍ତି କେନ୍ଦ୍ର ସରକାର । ବିହାରରେ ହିଂସା ଭୟଙ୍କର ରୂପ ନେଇଛି । ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଆଜି ବିହାର ବନ୍ଦ ଡାକରା ଦିଆଯାଇଛି । ରାଜ୍ୟବ୍ୟାପୀ ୨୪ ଘଂଟିଆ ବନ୍ଦ ପାଳନ ହେଉଛି । ଆରଜେଡି ସମେତ ବାମ ଦଳ ଗୁଡିକ ଏହାକୁ ସମର୍ଥନ କରୁଛନ୍ତି । ରାଜ୍ୟରେ ହିଂସା ବଢୁଥିବାରୁ ପୋଲିସ ପକ୍ଷରୁ ଅନେକ ସହରରେ ଇଂଟରନେଟ୍ ସେବା ବାତିଲ କରାଯାଇଛି ।

## ୧୮ ଜିଲ୍ଲାକୁ ୟେଲୋ....

ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ , ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଂଜାମ , ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ଉତର ଆଭ୍ୟନ୍ତରୀଣ ଓଡିଶା ଏବଂ ଉପକୂଳ ଓଡିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

# ମାଛ କାଟିଛଡା ଓ ଶୀତଳୀକରଣ ଯନ୍ତ୍ରର ବ୍ୟବହାର କର୍ମଶାଳା



ବାଲିଆପାଳ, ୧୮/୦୬ (ନି.ପ୍ର): ମଟର ଚାଳିତ ଏବଂ ହସ୍ତ ଚାଳିତ ମାଛ କାଟିଛଡା ଯନ୍ତ୍ରର ପରୀକ୍ଷଣ କରାଯିବା ସହିତ ଭ୍ରାମ୍ୟମାଣ ଶୀତଳୀ କରଣ ମତ୍ସ୍ୟ ବିକ୍ରି କିଓସ୍କ ଯନ୍ତ୍ରର ବ୍ୟବହାର ସଂର୍ପକୀତ ଏକ କର୍ମଶାଳା ଆଜି କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଶୀତଳୀକରଣ ମତ୍ସ୍ୟ ବିକ୍ରି ଯନ୍ତ୍ରରେ ମାଛ ୪ ଡିଗ୍ରୀ ତାପମାତ୍ରାରେ ରହୁଥିବାରୁ ବ୍ୟବସାୟୀମାନଙ୍କୁ ବରଫ ବ୍ୟବହାର କରିବାର ଆବଶ୍ୟକତା ପଡିନଥାଏ । ସାଧାରଣତଃ ବ୍ୟବସାୟୀମାନେ ମାଛ ବିକ୍ରି କରିବା ସମୟରେ ପରିଷ୍କାର ପରିଛନ୍ନତା ପ୍ରତି ଧ୍ୟାନ ଦେଉ ନଥିବାରୁ ଏଭଳି ଯନ୍ତ୍ର ବ୍ୟବହାର ଦ୍ୱାରା ଉଭୟ ମାଛ ଚାଷୀ ଏବଂ ବ୍ୟବସାୟୀ ମାନେ ଉପକୃତ ହୋଇ ପାରିବେ ବୋଲି ଉପସ୍ଥିତ ଚାଷୀମାନେ ମତବ୍ୟକ୍ତ କରିଥିଲେ । କୋଚିନସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ଉତ୍ପାଦନ ସଂସ୍ଥା ଦ୍ୱାରା ଏହି ଯନ୍ତ୍ର ସବୁ ବିକଶିତ କରାଇ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଚାଷୀ ଏବଂ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯାଉଛି । ଏହି କର୍ମଶାଳାରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ.ସ୍ୱାଗତିକା ସାହୁ,ବୈଜ୍ଞାନିକ ଡ.ଅମିତା ପାତ୍ର,ଡ.ଗାୟତ୍ରୀ ସାହୁ, ଡ.ପ୍ରଭାମଞ୍ଜରୀ ଗିରି,ନିରୋଜ କୁମାର ଜେନା,ବାଲିଆପାଳ ମତ୍ସ୍ୟ ଅଧିକାରୀ ସ୍ୱୟଂପ୍ରଭା ଭୋଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀ ଏବଂ ବ୍ୟବସାୟୀମାନଙ୍କୁ ଯନ୍ତ୍ର ଗୁଡିକର ବ୍ୟବହାର ଏବଂ ଉପକାରିତା ବିଷୟରେ ବୁଝାଇଥିଲେ । କୃପାଜଳ ସ୍ୱୟଂସହାୟକ ଗୋଷ୍ଠି ଦେଭୋଗର ସଭ୍ୟା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବସ୍ତା ମାନବ ଅଧିକାର ମିଶନର ଚତୁର୍ଥ ବାର୍ଷିକ ଉତ୍ସବ



ବସ୍ତା, ୧୮/୦୬ (ନି.ପ୍ର): ବସ୍ତା ବ୍ଲକ ସିଂଲା ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ମାନବ ଅଧିକାର ମିଶନ, ବସ୍ତା ଶାଖା ପକ୍ଷରୁ ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଅୟମାରମ୍ଭରେ ନୃତ୍ୟ ଶିଳ୍ପୀ ସୁଶ୍ରୀ ଜ୍ୟୋତିଶ୍ରୀ ସାମନ୍ତରାୟଙ୍କ ଓଡ଼ିଶୀ ନୃତ୍ୟ ସହିତ ଶ୍ରବଣ କୁମାରଙ୍କ ଦେଶାତ୍ମବୋଧକ ସଙ୍ଗୀତ ପରିବେଶକୁ ଆନନ୍ଦମୁଖର କରିଥିଲା । ଏହି ଉତ୍ସବରେ ବସ୍ତା ଶାଖାର ସଭାପତି ଜୟନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସିଂଲା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବସ୍ତା ଏସଡିପିଓ ଜଳନ୍ଧର ଜାଲି ମୁଖ୍ୟ ବକ୍ତା, ରାଜ୍ୟ ମାନବ ଅଧିକାର ମିଶନର ଉପ ସଭାପତି ବାପି ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମାନବ ଅଧିକାର ମିଶନର ସଭାପତି ପଙ୍କଜ କୁମାର କର ଓ ସିଂଲା ଶାଖାର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇ ମାନବ ଅଧିକାର ମିଶନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିବା ସହିତ ସୁସ୍ଥ, ଶିକ୍ଷିତ ଓ ସଭ୍ୟ ସମାଜରେ ବିଭିନ୍ନ କ୍ଷେତ୍ରରେ ଜାଣତରେ ହେଉ ବା ଅଜାଣତରେ ହେଉ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଖାସ କରି ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଓ ସାମାଜିକ ଅଧିକାର କ୍ଷେତ୍ରରେ ଯେଉଁ ଗରିବ, ଅସହାୟ ଓ ଦଳିତ ବର୍ଗର ବ୍ୟକ୍ତିଗଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି, ସେମାନେ ମାନବ ଅଧିକାର ମିଶନର ସହାୟତା ନେଇପାରିବେ ବୋଲି ଆହ୍ୱାନ ଦେଇଥିଲେ । ଅଧ୍ୟାପକ ନିରଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ଓ ଅତିଥି ଆମନ୍ତ୍ରଣ କରିଥିବା ବେଳେ, ସଦସ୍ୟ ରବି ନାରାୟଣ ଗିରି, ରଜନୀକାନ୍ତ ଘଡାଇ, ମନୋରଞ୍ଜନ ଗିରି, କମଳାକାନ୍ତ ଅଣ୍ଡିଆ, ବରେନ୍ଦ୍ର କୁମାର ଦାଶ, ପ୍ରାଣକୃଷ୍ଣ ପ୍ରଧାନ, ମନ୍ମଥ କୁମାର ଅଣ୍ଡିଆ, ଭାଗବତ ମହାନ୍ତି, କୁଶ କୁମାର ରଣା , ସୁପ୍ରିୟ ପାତ୍ର, ହେମନ୍ତ କୁମାର ମିଶ୍ର, ନିରଞ୍ଜନ ସାହୁ, ସଞ୍ଜିବ ଦଳାଇ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିବା ବେଳେ ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧ ତାରିଖ ଯୋଗ ମହୋତ୍ସବ ପାଇଁ ପତଞ୍ଜଳି ଯୋଗ ସମିତର ବିଶେଷ ପ୍ରସ୍ତୁତି

ବାଲେଶ୍ୱର,୧୮/୦୬ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିକୁ ଗୁରୁତ୍ୱ ଦେଇ ଆସନ୍ତା ୨୧ ତାରିଖ ବିଶ୍ୱ ଯୋଗ ଦିବସକୁ ଦେଶର ୭୫ ଜିଲାରେ ଯୋଗ ମହୋସବ ଭାବେ ପାଳନ ପାଇଁ ଚାଲିଛି ବିଶେଷ ପ୍ରସ୍ତୁତି। ୭୫ ଜିଲା ମଧ୍ୟରେ ବାଲେଶ୍ୱର ସମେତ ଓଡ଼ିଶାର ୪ ଗୋଟି ଜିଲାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମିଲ କରାଯାଇଛି। ଏନେଇ ଚଳିତ ବର୍ଷର ଯୋଗ ମହୋତ୍ସବକୁ ଅଧିକ ଆର୍କଷଣୀୟ ତଥା ଅର୍ଥପୂର୍ଣ୍ଣ କରିବା ପାଇଁ ପତଞ୍ଜଳି ଯୋଗ ସମିତି ବାଲେଶ୍ୱର ଶାଖା ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିବା ଆୟୋଜିତ ସମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ କରୁଣାକର ଶିଅଳଙ୍କ ଆବହକତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ, ସୂର୍ଯ୍ୟକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ଆସନ୍ତା ୨୧ ତାରିଖର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହିଦିନ ସକାଳ ୬ଟା ୩୦ ମିନିଟରୁ ୭ଟା ୩୦ ମିନିଟ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଯୋଗ ମହୋତ୍ସବ ଅନୁଷ୍ଠିତ ହେବ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ ଦାସ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ସମେତ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକାରୀ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏଥିରେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରୁ ୨ହଜାରରୁ ୫ ହଜାର ପର୍ଯ୍ୟନ୍ତ ଆବାଳ ବୃଦ୍ଧବନୀତାଙ୍କ ସମାବେଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଯୋଗ ମହୋତ୍ସବକୁ ସଫଳ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ପତଞ୍ଜଳି ଯୋଗ ସମିତିର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି। ଏହି ଅବସରରେ ଯୋଗ ମହୋତ୍ସବ ପାଇଁ ସ୍ୱତନ୍ତ୍ର ଜର୍ସିକୁ କର୍ମକର୍ତ୍ତାମାନେ ଉନ୍ମୋଚନ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ମକଡ୍ରିଲ ପୂର୍ବରୁ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ

ବାଲେଶ୍ୱର,୧୮/୦୬ (ନି.ପ୍ର): ଆସନ୍ତା ୧୯ ତାରିଖରେ ସମଗ୍ର ରାଜ୍ୟରେ ଆୟୋଜିତ ହେବାକୁ ଯାଉଥିବା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ସଚେତନତା ଭିତ୍ତିକ ମକଡ୍ରିଲ୍ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ୍ ସ୍ଥାନୀୟ ସଦଭାବନା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା ସହ ଉପସ୍ଥିତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କ ସହ ବିପର୍ଯ୍ୟୟ ମୁକାବିଲା, ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ବନ୍ୟା ଓ ବାତ୍ୟାପ୍ରବଣ



ଅଞ୍ଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ତଥା ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନ କରିବା ପାଇଁ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହାୟତାରେ ଏହି ମକଡ୍ରିଲ ଅନୁଷ୍ଠିତ ହେଉଛି। ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ। ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏହି ଅବସରରେ ଟେବୁଲ ଟପ ଏକ୍ସରସାଇଜର ଆବଶ୍ୟକତା ଓ ଅନୁପାଳନ ସମ୍ପର୍କରେ ଅବଗତ କରାଇଥିଲେ। ଓସଡାମା ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ଟେବୁଲ ଟପ ଏକ୍ସରସାଇଜ୍ର ଆଭିମୁଖ୍ୟ ଏବଂ ମକଡ୍ରିଲରେ କରାଯିବାକୁ ଥିବା ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। ସେହିପରି ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ପ୍ରସ୍ତୁତି ଓ ମକଡ୍ରିଲ ପାଇଁ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଟେବୁଲ ଟପ ଏକ୍ସରସାଇଜ୍ ସମୟରେ ଅବଗତ କରାଇଥିଲେ। ମକଡ୍ରିଲରେ ଗ୍ରାମବାସୀମାନେ ଭାଗନେବାକୁ ଥିବା ବେଳେ ସ୍ଥାନୀୟ ତହସିଲଦାର, ବି.ଡି.ଓ. ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହାର ତଦାରଖ କରିବେ। ଆଜିର ଏହି କାର୍ଯ୍ୟକ୍ରମରେ ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦେବ ପ୍ରମୁଖ ମଂଚାସୀନ ଥିବା ବେଳେ ଏନଡିଆରଏଫ, ଓଡ୍ରାଫ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ଉତ୍ସବ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଆମ ସ୍ଥିତିର ଅନ୍ତିମ ସତ୍ୟ ହେଉଛି ପ୍ରେମ। ପ୍ରେମର ଆଧାରରେ ସାରା ବ୍ରହ୍ମାଣ୍ଡ ପ୍ରତିଷ୍ଠିତ । ଏବଂ ଏହା ଏକ ଶୃଙ୍ଖଳାରେ ପରିଚାଳିତ । ଏହି ପ୍ରେମ ଓ ଶୃଙ୍ଖଳା ହେଉଛି ସ୍କାଉଟ୍ସ ଓ ଗାଇଡ୍ସର ମୂଳାଦର୍ଶ ବୋଲି ରାଜ୍ୟପାଳ ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ପୁରସ୍କାର ଉତ୍ସବରେ ଯୋଗଦେଇ ପ୍ରଫେସର ଲାଲ କହିଲେ ଯେ ଜନ୍ମ, ମୃତ୍ୟୁ ଓ ଜୀବନ ରହସ୍ୟମୟ। ରହସ୍ୟର ଉନ୍ମୋଚନରେ ସତ୍ୟ ପ୍ରକାଶିତ ଏବଂ ଏଥିପାଇଁ ଲୋଡ଼ା କରୁଣା, ପ୍ରେମ ଓ ମାନବିକତା। ଏହି ଆଦର୍ଶରେ ଉଦ୍ବୁଦ୍ଧ ହୋଇ ଜୀବନକୁ ସାର୍ଥକ କରିବା ପାଇଁ ସ୍କାଉଟ୍ସ ଓ ଗାଇଡ୍ସ ପ୍ରେରଣା ଦେଇଥାଏ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର ସ୍କାଉଟ୍ସ ଓ ଗାଇଡ୍ସର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ତଥା ସଭାପତି ଅତନୁ ସବ୍ୟସାଚୀ ନାୟକ, ଉପସଭାପତି ବିଧାୟକ ଅନନ୍ତ ନାରାୟଣ ଜେନା, ଉପସଭାପତି ତଥା ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା, 'ସମାଜ'ର ପ୍ରକାଶକ ନିରଞ୍ଜନ ରଥ, ଉପସଭାପତି ମନୋରଞ୍ଜନ ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସ୍କାଉଟ୍ସ ଓ ଗାଇଡ୍ସମାନେ ଉତ୍ସବରେ ଯୋଗଦେଇଥିଲେ ।

# ବାଲେଶ୍ୱର ମହିଳା କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍ଯାପିତ

ବାଲେଶ୍ୱର, ୧୮/୦୬ (ନି.ପ୍ର): ସ୍ଥାନୀୟ ବାଲେଶ୍ୱର ମହିଳା କଲେଜରେ ଓଡ଼ିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ଛାତ୍ରୀ ଆତ୍ମରକ୍ଷା ଶିବିର ୮ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜର ୨୫୬ ଜଣ ଛାତ୍ରୀ ତାଲିମ୍ ପ୍ରାପ୍ତ ହୋଇଥିଲେ । ଏହି ଆତ୍ମରକ୍ଷା ଶିବିରରେ ଉଦ୍ଘାଟନୀ ଏବଂ ଉଦ୍ଯାପନ ସଭାରେ ଅଧକ୍ଷା ଡକ୍ଟର ନିବେଦିତା ମହାନ୍ତି, ଅଧ୍ୟାପିକା ଯୋଗମାୟା ସାହୁ, ଅଧ୍ୟାପିକା ଡ.ରୂପାଲୀ ଚୌଧୁରୀ ଏବଂ ୨ଜଣ ମାଷ୍ଟର ଟ୍ରେନର୍ କୁମାର ଲୋପାମୁଦ୍ରା ପାଢ଼ୀ ଓ କୁମାର ସୁଭଦ୍ରା ପାଢ଼ୀ ଯୋଗଦେଇ ଛାତ୍ରୀମାନେ ଏହି ତାଲିମ୍ ଦ୍ୱାରା ନିଜର ଶକ୍ତି, ମନୋବଳ, ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ । ସେମାନେ ନିଜର ସୁଚରିତ୍ର ଗଠନ କରି ଆତ୍ମ ନିର୍ଭରଶୀଳ ହେବାପାଇଁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ସାହାଯ୍ୟ ଓ ସହଯୋଗ କରିଥିଲେ ।

# ପ୍ରଥମ ମୌସୁମୀ ବର୍ଷା : ବଜ୍ରପାତରେ ଶିଶୁର ମୃତ୍ୟୁ

ଜଳେଶ୍ୱର,୧୮/୬(ନି.ପ୍ର): ପ୍ରବଳ ଗୁଳୁଗଳି ଓ ରୌଦ୍ରତାପରୁ ଆଜି ନିସ୍ତାର ମିଳିଥିଲେ ମଧ୍ୟ ଅପରାହ୍ନରେ ଘନଘନ ବଜ୍ରପାତ ହୋଇଥିଲା । ଏହାର ପ୍ରଭାବରେ ଜଳେଶ୍ୱରରେ ମଧ୍ୟ ଆଜି ପ୍ରଥମ ମୌସୁମୀ ବର୍ଷା ଆରମ୍ଭ ହୋଇଥିଲେ ମଧ୍ୟ ବଜ୍ରପାତରେ ଜଣେ ଶିଶୁର ମୃତ୍ୟୁ ଘଟିଥିବା ଜଣାଯାଇଥିଲେ । ବର୍ଷା ଲାଗି ରହିଥିବା ବେଳେ ଶ୍ୟାମନଗର ପଂଚାୟତର କାଲାଯୋଡି ଗାଁର ହରିଶ୍ଚନ୍ଦ୍ର ମହାନ୍ତଙ୍କ ୧୦ବର୍ଷର ପୁଅ ଅର୍ଜୁନ ମହାନ୍ତ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ଘଟିଥିଲା । ଏଥିରେ ଅର୍ଜୁନ ପ୍ରଥମେ ସଂଜ୍ଞାହୀନ ହୋଇଥିବା ବେଳେ ପରିବାର ଲୋକେ ହାତୀଗଡ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ସରପଂଚ ଗିରିଜା ଶଂକର ସାସମଲ, ସମିତି ସଦସ୍ୟ ଫୁଲ ମୁର୍ମୁ ଶବ ବ୍ୟବଚ୍ଛେଦଲାଗି ପ୍ରଚେଷ୍ଟା ଚଳାଇଛନ୍ତି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବାକୁ ଥିବା ବେଳେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସେ ଜଣେ ଆଦିବାସୀ ଗରିବ ହୋଇଥିବାରୁ ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ପୁରୀରେ ଆୟୋଜିତ ହେବ ବିଂଶତମ ଲୋକ ମେଳା

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ପୁରୀରେ ଆୟୋଜିତ ହେବ ବିଂଶତମ ଲୋକମେଳା ୨୦୨୨। ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରର ଶରଧାବାଲି ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ ଏହି ଲୋକ ସାଂସ୍କୃତିକ ମହୋତ୍ସବ । ଅଣଲାଭକାରୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା (ଏସଏସଏସ) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏସଏସଏସ ସଂଗଠନ ଲୋକ କଳା ଏବଂ ଅଭିବ୍ୟକ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ସାଂସ୍କୃତିକ ସୁରକ୍ଷା ଏବଂ ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିଥାଏ ।ଓଡ଼ିଶା ଏକ ଜନଜାତି ବହୁଳ ରାଜ୍ୟ । ଏଠାରେ ୬୨ଟି ଜନଜାତି ସମ୍ପ୍ରଦାୟ ଓ ଦେଶର ୨୨%ରୁ ଅଧିକ ଜନଜାତି ବର୍ଗର ଲୋକ ରହିଥାନ୍ତି । ରାଜ୍ୟରେ ଜନଜାତି ସଂସ୍କୃତିର ଅଭିନବ ସମାହାର ଦେଖିବାକୁ ମିଳିଥାଏ । ଏପରିକି ପୁରାଣରେ ମଧ ବର୍ଣ୍ଣିତ ଅଛି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୂଳ ସ୍ୱରୂପ ନୀଳମାଧବଙ୍କୁ ଆଦିବାସୀ ରାଜା ବିଶ୍ୱାବସୁ ପୂଜା କରୁଥିଲେ । ରାଜ୍ୟର ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଜୀବନ ଉପରେ ଜନଜାତି ସମୁଦାୟର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଥାଏ। ଦ୍ରୁତ ଆଧୁନିକୀକରଣ କାରଣରୁ ପାରମ୍ପରିକ ଲୋକ ଏବଂ ଜନଜାତି ସଂସ୍କୃତି ଉପରେ ବିପଦ ମାଡ଼ି ଆସଛି ଫଳରେ ଏହା ଧୀରେ ଧୀରେ ବିଲୁପ୍ତ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ଲୋକ ମେଳା ଆଦିବାସୀ କଳା ସଂସ୍କୃତିର ପ୍ରୋତ୍ସାହନ ଦିଗରେ ବିଶେଷ ସହାୟକ ହୋଇ ପାରିବ ବୋଲି ଆଶା କରାଯାଉଛି।

# ବାରିପଦାରେ ରଜ ମଉଜ ଉଦ୍ଯାପିତ : ୯ବର୍ଷିୟା ବାଳିକା ସମୀକ୍ଷା ପାଢ଼ୀଙ୍କ ରଜକୁଇନ ମୁକୁଟ ହାସଲ

ବାରିପଦା, ୧୮/୦୬ (ନି.ପ୍ର): ବାରିପଦାର ମା ଅମ୍ବିକା ମନ୍ଦିର ପାଖ ତିନିକୋଣିଆ ବଗିଚାରେ ଗୁରୁକୂଳ ଡାନ୍ସ ଓ ଭିଜୁଆଲ ଏକାଡେମୀ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମଉଜ-୨୦୨୨ ଉଦଯାପିତ ହୋଇ ଯାଇଛି । ଗତ ଜୁନ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଚିତାକର୍ଷକ ରଜକୁଇନ ପରମ୍ପରାରେ ଉପସ୍ଥିତ ବିଚାରକ ମଣ୍ଡଳୀ ଓ ଅତିଥି ମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ସମୀକ୍ଷା ପାଢ଼ୀ ୯ ବର୍ଷ ରଜକୁଇନ ମୁକୁଟ ହାସଲ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ ଭାବେ ନୟନିକା ବେହେରା ୧୦ ବର୍ଷ ଓ ଅର୍ଣ୍ଣବୀ ଦାସ ୮ ବର୍ଷ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ସବୁଜ ସୁନ୍ଦରବରିପଦର ଆବାହକ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଏସ.ଡିସି



ଅଧକ୍ଷ ଡ଼.ଦେବାଶିଷ ମାରାଣ୍ଡି, ସାମ୍ବାଦିକ ସଂଜୟ କୁମାର ଚୌଧୁରୀ, ଚଳଚିତ୍ର ତାରକା ସ୍ୱରାଜ ବାରିକ, ମିଟୁ ମିଥୁନ, କରିଓଗ୍ରାଫର ଜିତୁ ରାଉତ, ଗୁରୁକୁଳ ଡାନ୍ସ ଓ ଭିଜୁଆଲ ଏକାଡେମୀ ର ନିର୍ଦ୍ଦେଶକ ଲିଟନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମୟୁରଭଂଜର କଳା ଓ ସଂସ୍କୃତିର ସୁରକ୍ଷା ଦିଗରେ ଆକାଡେମୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । କୁନି କୁନି କଳାକାରଙ୍କ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବରେ ବାଙ୍ଗିରିପୋଷୀ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ତଥା ଗାଳ୍ପିକା ଡ଼.ପୁଷ୍ପା ପାତ୍ର, ଶ୍ରୀରାମଚନ୍ଦ୍ର ଭଂଜ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା କବି ଅସୀମା ସାହୁ, ରାଇରଙ୍ଗପୁର ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ସୁନିଲ ଜେନା ପ୍ରମୁଖ ଚୂଡାନ୍ତ ପର୍ଯ୍ୟାୟର ବୌଦ୍ଧିକ ଦକ୍ଷତା ଭିତିକ ପ୍ରଶ୍ନ ପଚାରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ନିର୍ଦ୍ଦେଶକ ଲିଟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ହୃଦାନନ୍ଦ ବାରିକ, ଦେବବ୍ରତ ଦେ, ଅଭିଜିତ ମିଶ୍ର ଓ ଦୀପକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚାନ୍ଦବାଲି କଂଗ୍ରେସର ଶକ୍ତି ପ୍ରଦର୍ଶନ : ପୁଣି ଧାମରା ପୋର୍ଟ କୁ ଟାର୍ଗେଟ କଲା କଂଗ୍ରେସ



ଧାମରା,୧୮/୦୬ (ନି.ପ୍ର): ସ୍ଥାନୀୟ ୮ ପଞ୍ଚାୟତର ବିଭିନ୍ନ ସିଏସଆର, ନିଯୁକ୍ତି, ଠିକା କାମ, ବାୟୁ ପ୍ରଦୂଷଣ ଇତ୍ୟାଦି ସମସ୍ୟାକୁ ନେଇ ଚାନ୍ଦବାଲି କଂଗ୍ରେସ ତରଫରୁ ଆଜି ଧାମରା ପୋର୍ଟ ମୁଖ୍ୟ ଫାଟକ ଆଗରେ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରାରେ ଜଟଣୀ ବିଧାୟକ ସୁର ରାଉତରାୟ, ଭଦ୍ରକ ଜିଲାର ବହୁ ତୁଙ୍ଗ ନେତା, କଂଗ୍ରେସର ଅମୀୟ ମହାପାତ୍ର, ଦିଗମ୍ବର ଦାସ ପ୍ରମୁଖ ଯୋଗଦେଇଥିଲେ । ଦିନ ୧୧ ଟା ସମୟରେ କଇଥଖୋଲା ଗ୍ରାମ ପଞ୍ଚାୟତ ରୁ ୫୦୦ ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ରାଲି ବାହାରିଥିଲା ଯାହା ଧାମରା ପୋର୍ଟର ନର୍ଥ ଗେଟ ଦେଇ ପୋର୍ଟର ମୁଖ୍ୟ ଫାଟକ ପାଖରେ ପହଁଚି ଥିଲା । କଂଗ୍ରେସ ପକ୍ଷରୁ ମୁଁଷ ଫାଟକ ବନ୍ଦ କରାଯିବା ସହ ପୋର୍ଟ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। କିଛି ସମୟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର(ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ) କାର୍ତ୍ତିକ ମଣ୍ଡଳ, ଧାମରା ପୋର୍ଟର ଶୁବାଶିଷ ମିଶ୍ର ସେଠାରେ ପହଁଚି ଆଲୋଚନା କରିଥିଲେ। ଧାମରା ବନ୍ଦର ସର୍ବଦା ଲୋକଙ୍କ ସହ ରହିଛି ଏବଂ ରହିବ ବୋଲି ଶ୍ରୀ ମିଶ୍ର ବିକ୍ଷୋଭକାରୀଙ୍କୁ କହିଥିଲେ। ଏହାଛଡା କଂଗ୍ରେସ କରିଥିବା ସମସ୍ତ ଦାବି ଗୁଡିକୁ ଗୁରୁତର ସହ ତର୍ଜମା କରାଯାଉଛି ବୋଲି ଉପସ୍ଥିତ ଜନତାଙ୍କୁ ଅବଗତ କରିଥିଲେ। ଜିଲ୍ଲା ପ୍ରଶାସନ ଯଥା ଶୀଘ୍ର ଏହି ଦାବିଗୁଡିକର ଅନୁଶୀଳନ କରିବ ବୋଲି ଶ୍ରୀ ମଣ୍ଡଳ କହିଥିଲେ। ଏହାପରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା ।

# ରାସ୍ତା ପାର୍ଶ୍ୱରେ ଠିଆ ହୋଇ କଥା ହେଉଥିଲା ବେଳେ ମାଡ଼ି ଗଲା ଟ୍ରକ୍ : ଜଣେ ମୃତ, ଜଣେ ଗୁରୁତର

ବସ୍ତା,୧୮/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ୬୦ନମ୍ବର ଜାତୀୟ ରାଜପଥ ର ଦଣ୍ଡିକା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ହୋଇ ଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଥିବା ଜଣା ପଡିଛି। ପ୍ରକାଶ ଯେ ଶନିବାର ସନ୍ଧ୍ୟାରେ ଦଣ୍ଡିକା ଗ୍ରାମର ଅକ୍ଷୟ ନାୟକଙ୍କ ପୁଅ ସ୍ୱସ୍ତିକ (୨୬)ଓ ସେହି ଗ୍ରାମର ସ୍ୱର୍ଗତ ବଳରାମ ନାୟକଙ୍କ ପୁଅ ଚନ୍ଦନ ତାଙ୍କ ଗ୍ରାମ ଦଣ୍ଡିକା ଛକ ନିକଟ ରାସ୍ତା ପାର୍ଶ୍ୱରେ ତାଙ୍କର ବାଇକ ଛିଡା କରି କଥା ହେଉଥିଲା ବେଳେ ବେପରୁଆ ଭାବରେ ଆସୁଥିବା ଏକ ଅଜଣା ଗାଡ଼ି ଦୁହିଁଙ୍କ ଉପରେ ମାଡ଼ି ଯାଇ ଦ୍ରୁତ ଗତିରେ ଫେରାର ହୋଇ ଯାଇ ଥିଲା। ଫଳରେ ଘଟଣା ସ୍ଥଳରେ ସ୍ୱସ୍ତିକଙ୍କ ମୃତ୍ୟୁ ହୋଇ ଥିବା ବେଳେ ଚନ୍ଦନ ଗୁରୁତର ହୋଇ ଥିଲେ। ସ୍ଥାନୀୟ ଲୋକେ ଚନ୍ଦନ କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ଓ ବସ୍ତା ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଶବକୁ ଉଦ୍ଧାର କରି ରାଜପଥ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ପଠାଇ ଥିବା ଜଣା ପଡ଼ିଛି। ମୃତକଙ୍କ ପରିବାରକୁ ରେଡକ୍ରସ୍ ତରଫରୁ ତହସିଲଦାର ୧୦ହଜାର ଟଙ୍କା ଅନୁଦାନ ପ୍ରଦାନ କରି ଥିବା ଜଣା ପଡ଼ିଛି। ଖବର ଲେଖା ହେବା ଯାଏ ଦୁର୍ଘଟଣା ଘଟାଇଥିବା ଗାଡ଼ିର ସନ୍ଧାନ ମିଳି ନାହିଁ।

# ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକଙ୍କ ଏକାଦଶାହରେ ସ୍ମୃତି ସଭା



ବାଲିଆପାଳ, ୧୮/୦୬ (ନି.ପ୍ର): ବାଲିଆପାଳ ବ୍ଳକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ମଇଁଷାମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଶିବ ଚରଣ ସାହୁଙ୍କ ଏକାଦଶାହ କ୍ରିୟାରେ ଶୁକ୍ରବାର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଶିବ ପ୍ରସାଦ ଜଣେ ଆଦର୍ଶ ଶିକ୍ଷକ ଥିଲେ । ଏହା ବ୍ୟତୀତ ଜୀବନସାରା ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ । ନେପୁରା ସେବା ସମବାୟ ସମିତିର ୨ଥର ସଭାପତି ଥିଲେ । ମଇଁଷାମୁଣ୍ଡା ଗ୍ରାମର ବହୁ ଦିନ ଧରି ମୁଖ୍ୟ ଥିଲେ । ପରିବାର ତଥା ଗ୍ରାମର ସବୁ ଲୋକଙ୍କୁ ନିଜର ଭଲ ପାଇବା ଓ କର୍ତବ୍ୟ ନିଷ୍ଠା ବଳରେ ଏକତ୍ରୀତ କରି ପାରିଥିଲେ । ଏହିପରି ବହୁ ମୁଖୀ ପ୍ରତିଭାର ଅଧିକାରୀ ଥିଲେ ଶିବ ପ୍ରସାଦ ବୋଲି ସ୍ମୃତି ଚାରଣ ସଭାରେ ଯୋଗ ଦେଇ ବିଶିଷ୍ଟ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ଅଧକ୍ଷ କୁଞ୍ଜକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତା ଦଳ କାର ?ୟକାରୀ ସଭାପତି ତଥା ବାଲେଶ୍ୱରର ରେବତୀ ପତ୍ରିକାର ସମ୍ପାଦିକା ଭୂମିକନ୍ୟା ସୁବାସିନୀ ଜେନା ଯୋଗ ଦେଇଥିଲେ । ସ୍ୱର୍ଗତ ଶିବଚରଣ ଅତ୍ୟନ୍ତ ଅମାୟିକ, ଭଦ୍ର ଓ ନମ୍ର ସ୍ୱଭାବର ଥିଲେ। ସେଥିପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ ବୋଲି ଶ୍ରୀମତୀ ଜେନା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ଚାରଣ ସଭାରେ ଅବସରପ୍ରାପ୍ତ ଅଧକ୍ଷ ଡଃ ବିଜୟ କୁମାର ଦେ,ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ସନ୍ୟାସୀ ବେହେରା, ଜନ୍ମେଜୟ ସାହୁ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ସାନ ଭାଇ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ,ଅଧକ୍ଷ କୁମୁଦ ଚରଣ ସାହୁ,ପୁତୁରା ଅଧ୍ୟାପକ ପ୍ରଦୀପ କୁମାର ସାହୁ,ଆଡଭୋକେଟ୍ ପ୍ରଭାତ କୁମାର ସାହୁ,ସନ୍ତୋଷ ସାହୁ, ହୃଦାନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ । ସାନପୁଅ ସିନେ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବଡପୁଅ ଶାନ୍ତନୁ ଙ୍କ ସମେତ ସ୍ମୃତି ସଭାରେ ନାତି, ନାତୁଣୀ, ପୁତ୍ରବୋଧୂ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ ସମସ୍ତେ ଉପସ୍ଥିତ ଥିଲେ ।

# ହାତୀ ମୃତ୍ୟୁ ଘଟଣାରେ ଶିକାରୀଙ୍କୁ ଜେରା କରାଯାଉଛି : ପିସିସିଏଫ୍

ଭୁବନେଶ୍ୱର, ୧୮/୦୬ (ନି.ପ୍ର): ନରସିଂହପୁରରେ ଗୁଳିବିଦ୍ଧ ହାତୀର ମୃତ୍ୟୁ ଘଟଣାରେ ଶିକାରୀମାନଙ୍କୁ ପଚରାଉଚରା କରାଯାଉଛି। ପ୍ରମାଣ ମିଳିଲେ ବନ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି କହିଛନ୍ତି ପିସିସିଏଫ୍ ଶଶି ପଲ୍ । ଏହି ଘଟଣାର ତଦନ୍ତ ପାଇଁ ଏକ ଏସଆଇଟି ଗଠନ କରାଯାଇଥିବା ବେଳେ ତଦନ୍ତ ସମ୍ପର୍କରେ ପ୍ରତିକ୍ରିୟା ଦେଇ ପିସିସିଏଫ୍ କହିଛନ୍ତି ପୂର୍ବରୁ ୪ ଜଣ ଶିକାରୀଙ୍କୁ ପଚରା ଉଚରା କରାଯାଇଛି। ଶନିବାର ଆଉ ୪ ଜଣ ଶିକାରୀଙ୍କୁ ଅଟକ ରଖାଯାଇଛି। ଆଠଗଡ଼ ବନଖଣ୍ଡ ଅଧୀନରେ ଥିବା ଅନେକ ବନ କର୍ମଚାରୀ ସ୍କାନରରେ ଅଛନ୍ତି। ପ୍ରମାଣ ମିଳିଲେ ସେମାନଙ୍କୁ ମଧ୍ୟ ପଚରା ଉଚରା କରାଯିବ।

# ମକ୍ଡ୍ରିଲ୍ ପୂର୍ବରୁ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଟେବୁଲ ଟପ୍ ଅଭ୍ୟାସ ଅନୁଷ୍ଠିତ

ଭଦ୍ରକ, ୧୮/୦୬ (ନି.ପ୍ର): ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ ମତେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୯.୦୬.୨୨ ସକାଳେ ଜିଲ୍ଲାର ସମସ୍ତ ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀରେ ଅନୁଷ୍ଠିତ ହେବାକୁ ଥିବା ମକ୍ଡ୍ରିଲ୍ ପୂର୍ବରୁ ଆଜି ପୂର୍ବାହ୍ନ ୧୧ଟାରେ ଜିଲ୍ଲା ସ୍ତରୀୟ ଓ ଅପରାହ୍ନ ୪ଟାରେ ପ୍ରତ୍ୟେକ ବ୍ଲକ୍ରେ ବ୍ଲକ୍ ସ୍ତରୀୟ ଟେବୁଲ ଟପ୍ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସଂପୃକ୍ତ ବିଭାଗୀୟ ପ୍ରସ୍ତୁତିର ସମୀକ୍ଷା ଉଦ୍ଦେଶ୍ୟରେ ଆୟୋଜିତ ଏହି ଟେବୁଲ ଟପ୍ ଅଭ୍ୟାସ ଆଜି ସଦ୍ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଡି.ଏଫ୍.ଓ. ଅଧିର କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର




ପାତ୍ର, ଏ.ପି.ଡି. କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏନ୍.ଡି.ଆର୍.ଏଫ୍. ଅଧିକାରୀ ଏସ୍.ଏଚ୍. ସୁମନ, ଓସଡମାରୁ ସତ୍ୟବ୍ରତ ପାଢ଼ୀ ଓ ଏସ୍.ଆର୍.ସି.ଙ୍କ ତରଫରୁ ରଣଜିତ୍ ନାୟକ ପ୍ରମୁଖଙ୍କ ସହ ସଂପୃକ୍ତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ସୂଚନା, ସଚେତନତା, ସତର୍କତା, କଣ୍ଟ୍ରୋଲ ରୁମ୍ ପରିଚ୍ଳନା, ରିଲିଫ୍, କ୍ଷୟକ୍ଷତି ଆକଳନ ଓ ବିପର୍ଯ୍ୟୟ ସମୟ, ତାର ପ୍ରାକ୍ ଓ ପର ପରିସ୍ଥିତିରେ ସଂପୃକ୍ତ ବିଭାଗ ମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦୃଶ୍ୟ ଓ ଶ୍ରାବ୍ୟ ଫଳକ ଜରିଆରେ ନିଜ ନିଜର ପ୍ରସ୍ତୁତି ଓ ଯୋଜନା ନେଇ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥାପନାକୁ ଅତିରିକ୍ତ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି ଆବଶ୍ୟକ ସ୍ଥଳେ ପ୍ରାକ୍ ପ୍ରସ୍ତୁତି ବଢ଼ାଇବା, କାଗଜ ପତ୍ରରେ ଯାହା ଉପସ୍ଥାପନ କରାଗଲା ବାସ୍ତବ କ୍ଷେତ୍ରରେ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବରୁ ପରେ ଓ ବିପର୍ଯ୍ୟୟ ସମୟରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଲାଇନ୍ ଡ଼ିପାର୍ଟମେଣ୍ଟମାନଙ୍କ ଦ୍ୱାରା ନିଆଯାଇଥିବା ଓପ୍ରସ୍ତୁତି ଓ ଯୋଜନା ସମ୍ବନ୍ଧରେ ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ, କୃଷି, ବିଦ୍ୟୁତ୍, ଅଗ୍ନିଶମ, ଡ୍ରେନେଜ୍, ପୌର କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା, ଯୋଗାଣ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ମଙ୍ଗଳ, ସାମାଜିକ ସୁରକ୍ଷା, ଆର୍.ଡି., ପି.ଡବ୍ଲ୍ୟୁ.ଡି., ମତ୍ସ୍ୟ, ବନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ଆଦି ବିଭାଗୀୟ ଅଧିକାରୀମାନେ ଉପସ୍ଥାପନ ରଖିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo